୬ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଆୟୋଜନ କରିବ ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
The Sambad Kalika
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୧୭୭ ● ୨୫ ଜୁଲାଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-177 ●25th July 2025, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




# ଏସ୍‌ଡବ୍ଲ୍ୟୁସିଏ ବୈଠକ : ୪୯୮୨.୬୬ କୋଟିର ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୮ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ (ଏସ୍‌ଡବ୍ଲ୍ୟୁସିଏ)ରେ ୪,୯୮୨.୬୬ କୋଟି ଟଙ୍କାର ୨୩ଟି ନୂତନ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ପ୍ରସ୍ତାବଗୁଡ଼ିକ ରାଜ୍ୟର ୧୨ଟି ଜିଲ୍ଲାରେ ୧୧,୯୩୩ଟି ନିଯୁକ୍ତି ସୃଷ୍ଟି କରିବାର ଆକଳନ କରାଯାଇଛି।

ଯେଉଁସବୁ କ୍ଷେତ୍ରରେ ପୁଞ୍ଜିନିବେଶ ଆସିଛି ସେଗୁଡ଼ିକ ମଧ୍ୟରେ ରହିଛି ପୋଷାକ ଏବଂ ବୟନଶିଳ୍ପ, ଇସ୍ପାତ ଏବଂ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରିଜ୍, ଖାଦ୍ୟ ଏବଂ ପାନୀୟ, ରାସାୟନିକ ପଦାର୍ଥ, ଔଷଧ, ଶକ୍ତି ଏବଂ ନବୀକରଣୀୟ ଶକ୍ତି, ଆଇଟି ଏବଂ ଆଇଟିଇଏସ୍, ପର୍ଯ୍ୟଟନ ଏବଂ ମହାକାଶ ଏବଂ ପ୍ରତିରକ୍ଷା।




## ୧୨ ଜିଲ୍ଲାରେ ସୃଷ୍ଟି ହେବ ୧୧,୯୩୩ ନିଯୁକ୍ତି ସୁଯୋଗ

ଏସବୁ ନିବେଶ ପ୍ରସ୍ତାବଗୁଡ଼ିକ ମଧ୍ୟରେ ସର୍ବାଧିକ ନିବେଶ ପ୍ରସ୍ତାବ ଲୁମିନସ ପାୱାର ଟେକ୍ନୋଲୋଜି ପକ୍ଷରୁ ଦିଆଯାଇଛି। କମ୍ପାନୀ ଗୋପାଳପୁରଠାରେ ସୋଲାର ସେଲ୍ ଓ ସୋଲାର ଫଟୋ ଭୋଲଟାଇକ ମଡ୍ୟୁଲ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ସେହିପରି ଲିଣ୍ଡେ ଇଣ୍ଡିଆ ସୁନ୍ଦରଗଡ଼ ଜିଲ୍ଲାରେ ୫୧୦ କୋଟି ଟଙ୍କା ନିବେଶରେ ଏକ ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ। ଜଟିଆ ଷ୍ଟିଲ ପକ୍ଷରୁ ଯାଜପୁରରେ ଏକ ଷ୍ଟିଲ ଷ୍ଟ୍ରକଚର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ଏଥିପାଇଁ କମ୍ପାନୀ ୪୫୧ କୋଟି ଟଙ୍କା ନିବେଶ କରିବ। ଅନ୍ୟପକ୍ଷରେ ହିନ୍ଦୁସ୍ତାନ ଆକ୍ୱା ପକ୍ଷରୁ ସୁନ୍ଦରଗଡ଼ରେ ୩୨୦ କୋଟି ଟଙ୍କା ବ୍ୟୟରେ ଏକ ବେଭରେଜ ମାନୁଫାକଚରିଂ ୟୁନିଟ ସ୍ଥାପନ କରାଯିବ। ବୋନଭି ଟେକ୍ନୋଲୋଜି ଖୋର୍ଦ୍ଧା ଜିଲ୍ଲାରେ ଏକ ଡ୍ରୋନ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି। ଏଥିପାଇଁ ୩୦୦ କୋଟି ବ୍ୟୟ ହେବ।

# ଆମ ସରକାର ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ବେଳେ ମହାସଂଘ ପକ୍ଷରୁ ଆଦିବାସୀଙ୍କ ସାମୂହିକ କଲ୍ୟାଣ ପାଇଁ ବିଭିନ୍ନ ପ୍ରସ୍ତାବ ରଖାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ପ୍ରାଥମିକତା ରହିଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି । ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।



ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଦିବାସୀ ଅଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରାଯାଉଛି।

ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।

## ଏସ୍‌ଆଇ ନିଯୁକ୍ତି : ବୟସସୀମା ୩ ବର୍ଷ କୋହଳ କଲେ ରାଜ୍ୟ ସରକାର



ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପୋଲିସ ସବ ଇନ୍ସପେକ୍ଟର ନିଯୁକ୍ତି ମାମଲାରେ ସର୍ବାଧିକ ବୟସସୀମା ୩ ବର୍ଷ କୋହଳ କଲେ ରାଜ୍ୟ ସରକାର। ଏନେଇ ହାଇକୋର୍ଟଙ୍କୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅବଗତ କରିଛନ୍ତି । କେବଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ଆବେଦନକାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବ। ଏନେଇ ୧୭/୦୧/୨୦୨୫ରେ ବିଜ୍ଞପ୍ତି ସରକାର ପ୍ରକାଶ କରିଥିଲେ। (ପୃଷ୍ଠା ୭ରେ)

## ଆଇଏଏସ୍ ସ୍ତରରେ ପୁଣି ଅଦଳବଦଳ
# ରାଜେଶ ପ୍ରଭାକର ପାଟିଲ ହେଲେ ସମବାୟ ସଚିବ

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ଦିନକ ପୂର୍ବରୁ ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଏବଂ ଜିଲ୍ଲାପାଳ ସ୍ତରରେ ଏକ ବଡ ଧରଣର ଅଦଳବଦଳ କରିଥିବା ବେଳେ ଗୁରୁବାର ପୁନର୍ବାର ଆଉ ଏକ ଅଦଳବଦଳ କରିଛନ୍ତି। ପ୍ରଶାସନିକ ସ୍ତରରେ ଦକ୍ଷତା ସମ୍ପନ୍ନ ଯୁବ ଆଇଏଏସ୍ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି। ଏହି ବିଜ୍ଞପ୍ତି ଅନୁସାରେ ୧୩ ଜଣ ଆଇଏଏସ୍ ଅଧିକାରୀଙ୍କ ବଦଳି ହୋଇଛି।




୨୦୦୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ତଥା ବିଏମ୍‌ସି କମିଶନର ଥିବା ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହାସହିତ ସେ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ୨୦୦୯ ବ୍ୟାଚ୍‌ର ଆଇଏଏସ୍ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କୁ ସଂସ୍କୃତି ବିଭାଗର ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି। ସେହିପରି ପ୍ରଯୁକ୍ତିବିଦ୍ୟା ଶିକ୍ଷା ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଦୀପଙ୍କର ମହାପାତ୍ରଙ୍କୁ ହକି ପ୍ରମୋସନ କାଉନ୍‌ସିଲ'ରେ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି।

ଆଇଏଏସ୍ ଅଧିକାରୀ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼, ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଣିତା ଦାଶଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଡହାଲ୍ ଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଅସନୀ ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରବଣାଙ୍କୁ କୁଚିଣ୍ଡ ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ଶିବ ମାଲବ୍ୟଙ୍କୁ ଆନନ୍ଦପୁର, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି।

## ସୂଚନା ଓ ଲୋକ ସମ୍ପର୍କ ପରସ୍ପର ପରିପୂରକ
# ନାଗରିକ କୈନ୍ଦ୍ରିକ ସେବା ପ୍ରଦାନରେ ସୂଚନା ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ସୂଚନା ଓ ଲୋକ ସମ୍ପର୍କ ପରସ୍ପର ପରିପୂରକ । ଜନ ସାଧାରଣଙ୍କୁ ସେବା ପ୍ରଦାନରେ ସୂଚନା ଅଧିକାରୀ ବା ଲୋକ ସମ୍ପର୍କ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଲୋକ ସମ୍ପର୍କ ବୃଦ୍ଧି କରି ବିଭିନ୍ନ ବିଭାଗରୁ ସୂଚନା ପାଇବା ସହିତ ସୂଚନାକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ଏକ ପ୍ରମୁଖ ଆବଶ୍ୟକତା । ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ , ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରାଜସ୍ୱ, ଆଇନ୍, ଆଦି ବିଭିନ୍ନ ବିଭାଗରେ କରାଯାଉଥିବା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ସମ୍ପର୍କିତ ସୂଚନା ଓ ଏହାର ପ୍ରଚାର ପ୍ରସାରରେ ସୂଚନା ଲୋକସମ୍ପର୍କ ଅଧିକାରୀମାନେ ଗୁରୁତ୍ୱ ଭୂମିକା ନିର୍ବାହ କରୁଛନ୍ତି । ଏହି ପ୍ରୟାସ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ ହେବା ସମ୍ପର୍କରେ ନୂତନ ଭାବେ ଦାୟିତ୍ୱ ନେଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକାଶ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ବୁଧବାର ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଲୋକ ସମ୍ପର୍କ ଭବନ ସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଯାଇ ପ୍ରଥମେ ବିଭାଗୀୟ ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଆଲୋଚନା (ପୃଷ୍ଠା ୭ରେ)



## ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୮ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସେଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜିକରଣ ଜୁଲାଇ ୨୫ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜିକରଣ (ପୃଷ୍ଠା ୭ରେ)

# ଘଣ୍ଟାକରେ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହେଉଛି

ନୂଆଦିଲ୍ଲୀ, ୨୪।୭

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟସଭାରେ କହିଛନ୍ତି ଯେ ୨୦୨୫ ବର୍ଷର ପ୍ରଥମ ଛଅ ମାସ (ଜାନୁଆରୀରୁ ଜୁନ୍) ମଧ୍ୟରେ, ସାରା ଦେଶରେ ଜାତୀୟ ରାଜପଥରେ ୨୬,୭୭୦ ଜଣଙ୍କର ମୃତ୍ୟୁ ହୋଇଛି। ସେହି ସମୟରେ ୨୦୨୪ ମସିହାରେ ରାଜପଥରେ ୫୨,୬୦୯ ଗୁରୁତର ଦୁର୍ଘଟଣା ରେକର୍ଡ କରାଯାଇଥିଲା। ଦୁର୍ଘଟଣା ରୋକିବା ପାଇଁ ସରକାର ଏଟିଏମ୍, ସଡ଼କ ସୁରକ୍ଷା ଅଡିଟ ଏବଂ କଠୋର ଟ୍ରାଫିକ ନିୟମ ଲାଗୁ କରିଛନ୍ତି।



ଏହା ସହିତ ଜନସଚେତନତା ଅଭିଯାନ ମଧ୍ୟ ଚଳିଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ଯେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କିଛି ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଏବଂ ଏକ୍ସପ୍ରେସରେ (ପୃଷ୍ଠା ୭ରେ)

# ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କଲେ ଭାରତ-ବ୍ରିଟେନ

ନୂଆଦିଲ୍ଲୀ, ୨୪।୭

ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲଣ୍ଡନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସାକ୍ଷାତ ସମୟରେ ଗୁରୁବାର ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଚୁକ୍ତି ସ୍ୱାକ୍ଷରିତ ହେବା ପରେ, ଦୁଇ ଦେଶ ମଧ୍ୟରେ ନିବେଶ ବୃଦ୍ଧି ପାଇବା ସହ ନିଯୁକ୍ତି ସୁଯୋଗ ଉପଲବ୍ଧ ହେବ। ବିଶ୍ୱସ୍ତରରେ ମଧ୍ୟ ଉଭୟ ଦେଶର ଅର୍ଥନୀତି ସୁଦୃଢ଼ ହେବ । ଏହି ଚୁକ୍ତିକୁ ଚୂଡାନ୍ତ ରୂପ ଦେବା ଲାଗି ଗତ ତିନି ବର୍ଷ ହେବ ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିଲା।



ସୂଚନା ଅନୁଯାୟୀ, ଭାରତର କୋଇଲା ରପ୍ତାନି ଉପରେ ୯୯% ପର୍ଯ୍ୟନ୍ତ ଶୁଳ୍କ ହ୍ରାସ ସହ ୯୦% ଉତ୍ପାଦ ଉପରେ ଶୁଳ୍କ ହ୍ରାସ ହେବ କିମ୍ବା ହଟାଇ ଦିଆଯିବ। ଏହି ଚୁକ୍ତି ପରେ, ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଫ୍ୟାଶନ ଭଳି ସାମଗ୍ରୀ ଶସ୍ତା ହେବ ତଥାପି, କିଛି ଜିନିଷର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ।

## ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ନୀତିନ ଗୁପ୍ତା

ନୂଆଦିଲ୍ଲୀ, ୨୪।୭

ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ନୀତିନ ଗୁପ୍ତା ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ଶ୍ରୀ ଗୁପ୍ତା ଆୟକର ବିଭାଗ ଓ ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ପଦବୀଗୁଡ଼ିକରେ କାର୍ଯ୍ୟ କରିବା ସହ କରଦାତା ସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ସିବିଡିଟିର ଅଧ୍ୟକ୍ଷ ଭାବରେ ଶ୍ରୀ ଗୁପ୍ତା କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖୋଲାରେ ଭାଇ ସେଇ ଭବନର
ବାଟ ପୂରାପୂରି ଖୋଲା
କହି ପାରନ୍ତିନି ସେଇଠିକି ଯାଇ
ଦଲାଲ୍‌ଙ୍କ ପାଇଁ ମେଳା
କଚିରେ ଏଯୁଗ ହେଲା
ଚାରିଆଡେ ଖାଲି ଚୋର ଡକେଇତି
ଜନେ ଦେଖୁଥାଅ ପାଲା ।

# ଆଉ ସୁରକ୍ଷିତ ନୁହେଁ ବିମାନ ଯାତ୍ରା : ବର୍ଷର ପ୍ରଥମ ୭ ମାସରେ ୪୯୯ ମୃତ



ନୂଆଦିଲ୍ଲୀ, ୨୪।୭

ବିମାନଯାତ୍ରାକୁ ସବୁଠାରୁ ସୁରକ୍ଷିତ ଯାତ୍ରାବୋଲି ବିବେଚନା କରାଯାଏ। କାରଣ ବିମାନ ଦୁର୍ଘଟଣା ସାଧାରଣତଃ ଏକ ଅତି ବିରଳ ଘଟଣା । କିନ୍ତୁ ବିଗତ କିଛି ବର୍ଷହେଲା ବିଶ୍ୱରେ ବିମାନ ଦୁର୍ଘଟଣା ସଂଖ୍ୟା ବଢିଚାଲିଛି। ବିମାନ ଦୁର୍ଘଟଣାରେ ଗତ ୭ ମାସରେ ୪୯୯ ଜଣ ଲୋକ ପ୍ରାଣ ହରାଇଛନ୍ତି । ଅର୍ଥାତ ପ୍ରତିଦିନ ହାରାହାରି ୨ରୁ ଅଧିକ ଲୋକ ବିମାନ ଯାତ୍ରାରେ ପ୍ରାଣ ହରାଉଛନ୍ତି।

ଗୁରୁବାର, ଋଷରେ ଆଉ ଏକ ବଡ଼ ଦୁର୍ଘଟଣା ଘଟିଥିଲା। ଯେତେବେଳେ ଏକ ଅଙ୍ଗାରା ଏୟାରଲାଇନ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଏଥିରେ ୪୯ ଜଣ ଯାତ୍ରୀ ଥିଲେ। ସେମାନଙ୍କ ସମସ୍ତଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି।

ଭାରତରୁ ଋଷ ଏବଂ ବ୍ରିଟେନରୁ ଆମେରିକା ପର୍ଯ୍ୟନ୍ତ, ପ୍ରତ୍ୟେକ ଦେଶରେ ବିମାନ ଦୁର୍ଘଟଣା ବୃଦ୍ଧି ପାଇଛି । ଗତ କିଛି ବର୍ଷ ମଧ୍ୟରେ ଏହି ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି। ଏଥିରେ ଅନେକ ଗୁରୁତର ଦୁର୍ଘଟଣା ମଧ୍ୟ ଘଟିଛି । ଇଣ୍ଟରନ୍ୟାସନାଲ ଏୟାର ଟ୍ରାଫିକ ଆସୋସିଏସନ ଅନୁଯାୟୀ, ୨୦୨୧ରୁ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ବିମାନ ଦୁର୍ଘଟଣାରେ ସାରା (ପୃଷ୍ଠା ୭ରେ)

# ଦୁଇ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୭
ନ୍ୟୁଜ୍ ବ୍ୟୁରୋ

ବାତ୍ୟା ନୁହେଁ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପଶ୍ଚିମ କେନ୍ଦ୍ର ଓ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବ । ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହା ପ୍ରଭାବରେ ଶୁକ୍ରବାର ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡଘଡି ଓ ବିଜୁଳି ମାରିବାର ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାସହ ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଭଦ୍ରକ, ଜଗତସିଂହପୁର, ଅନୁଗୁଳ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଆଭ୍ୟନ୍ତରୀଣ ଓ ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୬ ତାରିଖରେ ବି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଝାରସୁଗୁଡା, ବରଗଡ, ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ, ଗଜପତି, କୋରାପୁଟ, ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ତାସହ ସବୁ ଜିଲ୍ଲାରେ ବିଜୁଳି ଘଡଘଡି ୩୦ରୁ ୪୦ କିଲୋମିଟର ବେଗର ଝଟକା ପବନ ବି ବହିବ । ୨୭ ତାରିଖ ଯାଏଁ ବର୍ଷା ଜାରି ରହିବ। ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ।



## ।।।।।। ମନରେଗା ରାସ୍ତା କାମ ନିମ୍ନମାନର ଅଭିଯୋଗ ।।।।।।

# ରାସ୍ତାରେ ଧାନ ରୋଇ ପ୍ରତିବାଦ କଲେ ଗ୍ରାମବାସୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ମନରେଗା ରାସ୍ତା କାମରେ ଦୁର୍ନୀତି। ୫ ଲକ୍ଷ ଟଙ୍କାର କାମ ଲକ୍ଷେ ଟଙ୍କା ମଧ ରାସ୍ତା କାମରେ ସରିନି । ଏଭଳି ରାସ୍ତା ତିଆରି ହୋଇଛି ୩ ନମ୍ବର କଚରାପାରା ପଞ୍ଚାୟତର ଜୋଡ଼ଜଙ୍ଗା ଡିଏନ୍‌କେ ଗ୍ରାମରୁ ପଖନା ପାରା ନୂଆପାରା ଗ୍ରାମକୁ ରାସ୍ତା, ଗ୍ରାମବାସୀଙ୍କ କହିବାକଥା ୪ ମାସ ପୂର୍ବେ ଯୋଡ଼ଜଙ୍ଗା ଡିଏନ୍‌କେ ଗ୍ରାମର ତିନିଜଣ ଠିକାଦାର ମିଶି ଏନ୍‌ଆର୍‌ଜିଏସ୍‌ରେ ପାଞ୍ଚ ଲକ୍ଷ ଟଙ୍କାର ରାସ୍ତା କାମକୁ ଠିକାନେଇ ରାସ୍ତା କାମ ଯେନତେନ ମାଟି ପକେଇ ତିଆରି କରିଦେଇ ଅଧା ବିଲ



ଉଠେଇନେଲେ ବର୍ତ୍ତମାନ ସେହି ରାସ୍ତାରେ ଯାଇପାରୁନାହାନ୍ତି ଲୋକେ। କାରଣ ରାସ୍ତା ବହୁତ ଖରାପ ତିଆରି ହୋଇଛି । ଏହି ବିଷୟରେ ଯୋଡ଼ଙ୍ଗା ଡିଏନ୍‌କେ ଗ୍ରାମ ଏବଂ ନୂଆପାରା ଗ୍ରାମର ରଞ୍ଜନ ଦାସ, ବିଷ୍ଣୁପଦ ମଣ୍ଡଳ, ଦୁର୍ଜନ ଗଣ୍ଡ, ପୁଣିତ ଗଣ୍ଡ, ବଂଶୀ ଗଣ୍ଡ, ଦେବିଲାଲ ଗଣ୍ଡ, ହରିଦାସ ମଣ୍ଡଳ, ମଳୟ ମଣ୍ଡଳ, କିଶୋର ବାଙ୍ଗାଲି, ବାବୁଲୁ ବିଶ୍ୱାସ, ଅନୁ ବିଶ୍ୱାସ, ମଣିଷ ବିଶ୍ୱାସ, କାଳୁ ସରକାର, ସାଗର ହାଲଦାର, ନିଉ ମଣ୍ଡଳ, ଜଗ ମଣ୍ଡଳ, ସମୀର ପାଲ, ଇନ୍ଦ୍ରଜିତ ମଲ୍ଲିକ, ଅସିତ ଗଣ୍ଡ, ହରିହର ସରକାର, ଟେଙ୍ଗରା ବୈଦ୍ୟ, ବିଭୀଷଣ ମଣ୍ଡଳ, ପେଗଲ ସରକାର, ଠାକୁର ମଣ୍ଡଳ, ଫିଲ୍ମ ମଣ୍ଡଳ, ତୁଳସୀ ଗଣ୍ଡ, ସୁନ୍ଦରଲାଲ ଗଣ୍ଡ, ହେମଲାଲ ଗଣ୍ଡ, ଅନୁପମ ବିଶ୍ୱାସ, ସୁକଦେଓ ଗଣ୍ଡଙ୍କ ସମେତ ଶହେଜଣ ଗ୍ରାମବାସୀ ଏହି ନିମ୍ନମାନର ରାସ୍ତା ତିଆରିର ଅଭିଯୋଗ ଆଣିଛନ୍ତି। ଯନ୍ତ୍ରୀ ରାସ୍ତା ନଦେଖି କେମିତି ଅଧା ବିଲ୍ କରିଦେଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଆଧାର କେନ୍ଦ୍ରରେ ଅବହେଳା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଓକାକ୍ ଟାୱାରରେ ଅବସ୍ଥିତ ରେଜିଓନାଲ ଆଧାର କେନ୍ଦ୍ର କର୍ମକର୍ତ୍ତାଙ୍କ ଅବହେଳା ଯୋଗୁ ବହୁ ଆଧାରକାର୍ଡ଼ ହିତାଧିକାରୀ ନାହିଁନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ଗଞ୍ଜାମ ଜିଲ୍ଲାରୁ କେତେକ କାର୍ଡ଼ଧାରୀ ଗତ ଛଅମାସ ହେଲା ଡିଓବି ସଂଶୋଧନ ପାଇଁ ଆବେଦନ କରିଛନ୍ତି । ଏହାର ଭେରିଫିକେସନ୍ ସମ୍ପୃକ୍ତ ହିତାଧିକାରୀଙ୍କ ଅଞ୍ଚଳକୁ ଯାଇ କଲାପରେ ଡିଓବି ସଂଶୋଧନ ହେବ ବୋଲି କର୍ତ୍ତୃପକ୍ଷ କହୁଥିଲେ ମଧ ଏହି କାର୍ଯ୍ୟରେ ଅବହେଳା ଯୋଗୁ ଜନଅସନ୍ତୋଷ ପ୍ରକାଶ ପାଇଛି।

## ବଦଳିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ:ନୂତନ ଭାବେ ଯୋଗଦେବେ ନୃପରାଜ୍ ସାହୁ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ମଙ୍ଗଳାବର ଦିନ ଆଇଏଏସ୍ ସ୍ତରରେ ଏକ ବଡ ଧରଣର ଅଦଳବଦଳ କରିଛନ୍ତି। ଏହି କ୍ରମରେ ବଦଳିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଆଇଏଏସ୍ ଅଧିକାରୀ ଅନ୍ୟା ଦାସ । ସେହିପରି ୧୯୯୨ ବ୍ୟାଚର ଓଏଏସ୍ ଅଧିକାରୀ ତଥା ବର୍ତ୍ତମାନର ସମ୍ବଲପୁର ବିଶ୍ୱବିଦ୍ୟାଳର ରେଜିଷ୍ଟ୍ରାର ନୃପରାଜ ସାହୁଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଛି। ଏହି ଖବର ପ୍ରସାରିତ ହେବା ପରେ ସେ ଜଣେ ସଂସ୍କୃତି ସମ୍ପର୍ଣ୍ଣ ତଥା ସାହିତ୍ୟିକ ବୋଲି ବିଭିନ୍ନ ମହଲରୁ ତାଙ୍କ ପ୍ରତି ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛାର ସୁଅ ଛୁଟିଛି । ତାଙ୍କର ଭଲ ପ୍ରଶାସନିକ ଅଧିକାରୀ ଭାବେ ଖ୍ୟାତି ରହିଥିବା ମଧ ଚର୍ଚ୍ଚା ହେଉଛି । ଆଗକୁ ଜିଲ୍ଲାରେ ଚାଷୀ ସମସ୍ୟା ସହ ସୋନପୁରର ନୂତନ ବସ୍‌ଷ୍ଟାଣ୍ଡ, ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ ସାଙ୍ଗକୁ ସହର ସୌନ୍ଦର୍ଯ୍ୟ କରଣ ପ୍ରଭୃତି ଅନେକ ସମସ୍ୟା ନୂତନ ଜିଲ୍ଲାପାଳଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପ-ସଚିବ ଭାବେ ବଦଳି ହୋଇଥିବା ଜଣାପଡ଼ିଛି ।

## ଟ୍ରଲର୍‌ରୁ ଖସିଲା କେବୁଲ ବଣ୍ଡଲ, ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଗାନ୍ଧିଛକ ନିକଟରେ ଏକ କେବୁଲ ବୋଝେଇ ଗାଡ଼ିରୁ ଏକ କେବୁଲ ବଣ୍ଡଲ ହଠାତ୍ ଖସି ରାସ୍ତା ପାଖ ଦୋକାନ ଆଡ଼କୁ ମାଡ଼ି ଯାଇଥିଲେ ହେଁ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ପଥଚାରୀ ଓ ସ୍ଥାନୀୟ ଦୋକାନୀ। ଏଭଳି ଘଟଣା ଘଟିଛି ଚୌଦ୍ୱାର ଗାନ୍ଧିଛକ ଉଠାଣି ନିକଟରେ । ଚୌଦ୍ୱାର ଥର୍ମାଲରୁ ଏକ କେବୁଲ ବୋଝେଇ ଟ୍ରଲର ବୁଧବାର ସନ୍ଧ୍ୟାରେ ଗାନ୍ଧିଛକ ସ୍ଥିତ ଉଠାଣି ଉଠୁଥିବା ବେଳେ ହଠାତ୍ ଗାଡିରୁ ବିଶାଳ କେବୁଲ ରୋଲ ଗାଡିରୁ ଖସିପଡି ପାଖରେଥିବା ଦୋକାନ ଆଡକୁ ମାଡିଯାଇଥିଲା । ଫଳରେ ନିକଟରେ ଥିବା ଦୋକାନୀ ମାନେ ଭୟଭୀତ ହୋଇ ଦୌଡ଼ାଦୌଡ଼ି ହୋଇ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ । ସୌଭାଗ୍ୟବଶତଃ ଟ୍ରଲର ପଛରେ କୌଣସି ଯାନବାହାନ କିମ୍ବା ଲୋକନଥିଲେ। ଫଳରେ ଏକ ନିଶ୍ଚିତ ଦୁର୍ଘଟଣାରୁ ଲୋକେ ବଞ୍ଚିଯାଇଥିବା ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ କଟକରୁ ଚୌଦ୍ୱାର ରାସ୍ତାରେ ଗାନ୍ଧିଛକ ନିକଟରେ ପଡୁଥିବା ଏହି ଉଠାଣିଟି ଅତ୍ୟଧିକ ତୀଖା ହୋଇଥିବାରୁ ଗାଡ଼ି ମଟର ମୁଖ୍ୟ ରାସ୍ତାକୁ ଉଠିବା ଓ ତଳକୁ ଗଡ଼ିବା ସମୟରେ ବହୁ ସମୟରେ ଏଭଳି ଛୋଟ ଛୋଟ ଦୁର୍ଘଟଣା ଘଟିବା ନିତିଦିନିଆ ହୋଇଛି । ଏହା ଉପରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି ।

## ରାସ୍ତା ନିର୍ମାଣ ଦାବିରେ ଆମରଣ ଅନଶନରେ ବସିଲେ ଅଞ୍ଚଳବାସୀ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ରାସ୍ତା ନିର୍ମାଣ ଦାବିରେ ଆମରଣ ଅନଶନରେ ବାନେର ଅଞ୍ଚଳର ସଚେତନ ନାଗରିକ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାନେର ଛକ ଠାରୁ ଲଡୁଗାଁ ୧୫ କିମି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିବା ବେଳେ ଏଥିପାଇଁ ଅନେକ ଥର ଆନ୍ଦୋଳନ ମଧ କରିଛନ୍ତି। କିନ୍ତୁ ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳିବା ପରେ ମଧ ଆଜି ଯାଏଁ ସମାଧାନ ହୋଇପାରି ନାହିଁ। ଯାହାଫଳରେ ବାନେର ଛକ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅମରଣ ଅନଶନରେ ବସିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଉକ୍ତ ରାସ୍ତାକୁ ଯଥାଶୀଘ୍ର ନିର୍ମାଣ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ ବାନେର ଲଡୁଗାଁ ୧୫ କିମି ପିଡ଼ବ୍ଲୁଡି ରାସ୍ତା ନିର୍ମାଣ ପାଇଁ ୨୦୨୩ ମସିହାରେ ୧୫ କୋଟି ଟଙ୍କା ଟେଣ୍ଡର ହୋଇଥିଲା। କିନ୍ତୁ କୌଣସି କାରଣରୁ କୋର୍ଟରେ ମାମଲା ରୁଜୁ ହୋଇଥିବାରୁ ରାସ୍ତା କାମ ଆଗେଇ ପାରିନଥିଲା। ଏଥିମଧ୍ୟରେ କୋର୍ଟରେ ମାମଲା ସମାଧାନ ହୋଇ ଦୁଇ ବର୍ଷ ବିତିଯାଇଥିବା ବେଳେ ବିଭିନ୍ନ ଦର ବୃଦ୍ଧି ଯୋଗୁ ଟେଣ୍ଡର ପାଇଥିବା ଠିକାଦାର ପୁରୁଣା ଇଷ୍ଟିମେଣ୍ଟରେ କାମ କରିପାରିବି ନାହିଁ ବୋଲି ପିଡ଼ବ୍ଲୁଡିକୁ ଜଣାଇଥିଲେ। ଏନେଇ ଉକ୍ତ ୧୫ କିମି ରାସ୍ତାକୁ ଲଡୁଗାଁ ଠାରୁ ବିମଳା ଛକ ୮ କିମି ପାଇଁ ୧୩ କୋଟି ଆଉ ବିମଳା ଛକ ଠାରୁ ବାନେର ପର୍ଯ୍ୟନ୍ତ ୭ କିମି ପାଇଁ ୧୨ କୋଟି ଏମିତି ସର୍ବମୋଟ ୨୫ କୋଟି ଟଙ୍କାରେ ଟେଣ୍ଡର ହୋଇଛି। ଯାହାକିଛି ଦିନ ପରେ କାମ ଆରମ୍ଭ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ତେବେ ଉକ୍ତ କାମକୁ ଯଥାଶୀଘ୍ର ଆରମ୍ଭ କରିବା ସହ ବର୍ତ୍ତମାନ ଯିବା ଆସିବା କରିବା ପାଇଁ ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ।

## ଜଲିଉଡ଼ ମଞ୍ଚରେ ଅଜଗର ସାପ ସହ ଅଭିନୟ କରିବା ଘଟଣା

# ବନ ବିଭାଗ କାର୍ଯ୍ୟାଳୟରେ ହାଜର ହେଲେ ଅଭିନେତା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜଲିଉଡ ମଞ୍ଚରେ ଦିନକୁ ଦିନ ନୂଆ ନୂଆ ବିବାଦ ଘେରକୁ ଆସୁଥିବା ବେଳେ ଆଉ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଥିବା ଦେଖିବାକୁ ମିଳିଥିଲା । ତୁଳସୀ ଗଣନାଟ୍ୟ ଯାତ୍ରା ମଞ୍ଚରେ ଅଜଗର ସାପ ସହ ଅଭିନେତାଙ୍କ ଅଭିନୟକୁ ନେଇ ଏବେ ବିବାଦ ଦେଖାଦେଇଛି । ଯାତ୍ରା ଆଖଡାଶାଳାରେ ଏକ ନାଟକରେ ରିୟଲସେଲ ଚାଲିଥିବା ବେଳେ ସାପକୁ ଧରି କଳାକାର ସାଇ ସତ୍ୟଜିତ ପଣ୍ଡା ଅଭିନୟ କରୁଥିବାର ଦୃଶ୍ୟ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହି ଘଟଣା ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ନିକଟ ଆଖଡାଶାଳରେ ନାଟକ ରିୟଲସେଲ ଚାଲିଥିବା ବେଳେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ପୂର୍ବରୁ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳଙ୍କୁ ନେଇ ବିବାଦ ଦେଖାଦେଇଥିଲା । ଏବେ ପୁଣି ଯାତ୍ରା ମଞ୍ଚରେ ସାପ ଖେଳକୁ ନେଇ କଳାକାର ଅଭିନୟ କରୁଥିବା ଦୃଶ୍ୟ ଘଟଣା ଏବେ ବିବାଦ ଘେରକୁ ଟାଣି ଆଣିଥିଲା। ଏହି ଖବର ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ମଙ୍ଗଳବାର ରାତିରେ ବୈରୀ ରେଞ୍ଜ, ଡାଳିଯୋଡା ଓ ଚଣ୍ଡିଖୋଲ ବନବିଭାଗ ଆଖଳାଶାଳରେ ପହଞ୍ଚି ତଦନ୍ତ ଚଳାଇଥିଲେ । ସେଠାରେ ଅଭିନେତା ସାଇନଥିବାରୁ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ୍ ଦେଇଥିଲେ । ତେବେ ବୈରୀ ରେଞ୍ଜରେ କାର୍ଯ୍ୟାଳୟରେ ସାଇ ହାଜର ହୋଇ ସାପ ରଖିବା ପାଇଁ ଆବଶ୍ୟକୀୟ କାଗଜପତ୍ର ବନ ବିଭାଗ ଅଧିକାରୀଙ୍କୁ ଦେଖାଇଥିଲେ । ସାଇଙ୍କୁ ପଚରାଉଚୁରା କରିବା ସହ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡିଛି । ସାଇ କିଣି ଆଣିଥିବା ସାପର କାଗଜପତ୍ର ଦାଖଲ କରିଛନ୍ତି। ଏ କେଉଁ ପ୍ରକାର ସାପ। ପ୍ରାୟତଃ ୩ ପ୍ରକାର ସାପ ରହିଥାନ୍ତି । ଭାରତ କିମ୍ବା ଆଫ୍ରିକାରେ । ଏହି ସାପ ଟିକେ ଅଲଗା ପରି ଲାଗୁଛି। ତେବେ ସେ ଯେଉଁ ସ୍ଥାନରୁ କିଣି ଆଣିଛନ୍ତି ସେ ଦୋକନର ଲାଇସେନ୍ସ ଅଛିକି ନାହିଁ ତାହା ତଦନ୍ତ କରାଯିବ । ଯଦି ଏହାର ବ୍ୟତିକ୍ରମ ହୋଇଥାଏ ତାହା ହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଞ୍ଜର ଅଦୈତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## କୁସେଇ ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜଳସୁଆଁ ଗ୍ରାମ କୁସେଇ ନଦୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ଅନୁଯାୟୀ ଉକ୍ତ ଗ୍ରାମର ୪ନଂ ୱାଡ କୁମ୍ଭାର ସାହିର ଲକ୍ଷ୍ମୀ ରଣା (୭୦) ଗ୍ରାମ ନିକଟସ୍ଥ କୁଷେଇ ନଦୀକୁ ଗାଧେଇବାକୁ ଯାଇଥିଲେ। ଲକ୍ଷ୍ମୀଙ୍କ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ପତା ପାଇପାରିନଥିଲେ। ତେବେ ମଧାହ୍ନ ସମୟରେ ଗ୍ରାମର ଅନିଲ କୁମାର ମାଝୀ ନଦୀକୁ ଗାଧୋଇବାକୁ ଯାଇ ମୃତ ଶରୀର ଭାସୁଥିବା ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଘଷିପୁରା ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ରାମଚନ୍ଦ୍ରପୁର ଥାନା ପୋଲିସ ପହଞ୍ଚି ମୃତ ଶରୀରକୁ ନିଜ ହେପାଜତ୍‌କୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ନାବାଳିକାକୁ ଦୁଷ୍କର୍ମ ମାମଲା:ଆସାମୀକୁ ୧୫ ବର୍ଷ ଜେଲ୍ ଦଣ୍ଡାଦେଶ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସ କୋର୍ଟ ବିଚାରପତି ଅଭିଳାଶ ସେନାପତି ଜନୈକା ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୋଷୀ ପ୍ରତି ରାୟ ପ୍ରଦାନ କରିଛନ୍ତି । ମହୁଲପାଲି ଥାନା ଅନ୍ତର୍ଗତ ବିଲେଇଗଡ ଗ୍ରାମର ୨୩ ବର୍ଷର ଅଭିଯୁକ୍ତ ଟେକଚାନ୍ଦ ରୋହିଦାସକୁ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ଜରିମାନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ ଦଣ୍ଡାଦେଶ ଜାରି କରିଛନ୍ତି । ସେହିପରି କ୍ଷତିପୂରଣ ବାବଦରେ ପୀଡ଼ିତା ନାବାଳିକାକୁ ୭ ଲକ୍ଷ ଟଙ୍କା ଦେବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ନିଜ ଘର ପାଖରେ ଖେଳୁଥିଲା । ଏହି ସମୟରେ ଟେକଚାନ୍ଦ ଗାଁରେ ହେଉଥିବା ଗଣେଶ ପୂଜା ଦେଖାଇବାକୁ ନାବାଳିକାକୁ ସାଇକେଲରେ ବସାଇ ବୁଲାଇ ନେଇଥିଲା । ମାତ୍ର ପୂଜାମଣ୍ଡପ ବଦଳରେ ନାବାଳିକା ଜଣଙ୍କୁ ନିକଟସ୍ଥ ନଦୀପଠାକୁ ନେଇ ସେଠାରେ ଫୁସୁଲା ଫୁସୁଲି କରି ଦୁଷ୍କର୍ମ କରିଥିଲା । ଅଭିଯୋଗକାରୀଙ୍କ ଖୁଡି ଶୌଚ ପରେ ନଦୀରୁ ଫେରୁଥିବା ବେଳେ ଏହି ଘୃଣ୍ୟ ଦୃଶ୍ୟ ଦେଖି ତୁରନ୍ତ ପୀଡିତାକୁ ସେଠାରୁ ଉଦ୍ଧାର କରି ତାଙ୍କ ଘରକୁ ନେଇଯାଇଥିଲେ। ମାତ୍ର ଘରକୁ ଫେରିବା ପରେ ନିଜର ରକ୍ତାକ୍ତ ଅବସ୍ଥା ଦେଖାଇବା ସହ ନିଜପ୍ରତି ଘଟିଥିବା ଘଟଣା ନିଜ ମା ଓ ବାପାଙ୍କୁ ଜଣାଇଥିଲା । ମାନସିକ ଦୁଶ୍ଚିନ୍ତାରେ ପରିବାର ଲୋକେ ସେଦିନ କାହାକୁ କିଛି ନକହି ପରଦିନ ପରିବାର ଲୋକେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଅଭିଯୁକ୍ତ ଟେକଚାନ୍ଦଙ୍କୁ ଗିରଫ କରିଥିଲା । ତତ୍‌କାଳୀନ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୧୭ ଜଣଙ୍କ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି ।

## ଧାନ ମଣ୍ଡି ଖୋଲିବାକୁ ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଫୁପୁଗାଁରେ ଧାନ ମଣ୍ଡି ଖୋଲିବାକୁ ଜୟପୁର ଉପ ଜିଲ୍ଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ। ଏନେଇ ଜୟପୁର ଉପ ଜିଲ୍ଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋଟପାଡ ବ୍ଲକ ଅନ୍ତର୍ଗତ ବୋବେୟା ଗ୍ରାମ ପଞ୍ଚାୟତର ଫୁପୁଗାଁ, ଏକୋମ୍ବା, ଭାଜିଗୁଡା ଓ ମିଚିୟା ଗ୍ରାମର ଚାଷୀମାନେ ଲିଖିତ ଜଣାଇଛନ୍ତି ଯେ ବୋବେୟା ଠାରେ ଧାନ ମଣ୍ଡି ଅଛି କିନ୍ତୁ ଚାଷୀମାନେ ନିଜର ଧାନ ପଞ୍ଜିକରଣ ନିମନ୍ତେ ସେଠାକୁ ଯାଇ ବହୁତ ହଇରାଣ ହରକତ ହେଉଛନ୍ତି । ଉକ୍ତ ମଣ୍ଡିରେ ୬୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ରେଜିଷ୍ଟ୍ରେସନ୍ କରି ଧାନ ଆଣୁଛନ୍ତି । ଉପଯୁକ୍ତ ସ୍ଥାନର ଅଭାବ ସହ ଗୋଦାମ ଗୃହ ମଧ ନାହିଁ। ତେଣୁ ଧାନ ରଖିବା ଓ ଚାଷୀମାନେ ଧାନ ଆଣିବା ନିମନ୍ତେ ଦୁର ଦୁରାନ୍ତରୁ ଆସି ବହୁତ ହଇରାଣ ହରକତ ହେଉଛନ୍ତି। ଗୋଟିଏ ଜାଗାରେ ବହୁତ ଧାନ ଆସୁଥିବାରୁ ନିକଟସ୍ଥ ଗାଁ ଫୁପୁଗାଁ ଠାରେ ନୂତନ ଭାବେ ମଣ୍ଡି କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୃଷକ କଲ୍ୟାଣ ମଞ୍ଚର ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ଚାଷୀମାନେ ଦାବି କରିଛନ୍ତି ।

## ଦାମପୁରରେ ଝାଡ଼ାବାନ୍ତି ମୃତ୍ୟୁ ସଂଖ୍ୟା ତିନିକୁ ବୃଦ୍ଧି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ସାନଖେମୁଣ୍ଡି ବ୍ଲକ ଦାମପୁରରେ ଝାଡାବାନ୍ତି ରୋଗରେ ମୃତ୍ୟୁ ବରଣ କରିଥିବା ବେଳେ ଆହୁରି ୫ଜଣ ଗୁରୁତର ଝାଡାବାନ୍ତି ରୋଗୀଙ୍କୁ ଚିକିତ୍ସା ପାଇଁ ଦିଗପହଣ୍ଡି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ବଡଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି । ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡାବାନ୍ତି ବ୍ୟାପି ଥିବା ଜଣାପଡିଛି।

## ଗରିବ ଭାଇ ଭଉଣୀଙ୍କୁ 'ଫିଡ୍'ର ଶିକ୍ଷା ସହାୟତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ' (ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଏଣ୍ଡ୍ ଇକୋନୋମିକ୍ ଡେଭଲପ୍‌ମେଣ୍ଟ) ତରଫରୁ ବିଜେପୁର ବ୍ଲକ ଅନ୍ତର୍ଗତ ସୁରୁବାଲି ଗ୍ରାମର କୁମାରୀ ଦୀପିକା ସୁନା ଏବଂ ତାଙ୍କ ଭାଇ ଇପକ୍ ସୁନାଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୀପିକା ଓ ଇପକ ତାଙ୍କ ମାତାଙ୍କ ସହ ମାମୁଁଘରେ ରହୁଛନ୍ତି। ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ସେମାନେ ଯୁକ୍ତ ଦୁଇରେ ନାମ ଲେଖାଇବାକୁ ଚାହୁଁଥିଲେ, କିନ୍ତୁ ପାରିବାରିକ ଆର୍ଥିକ ଦୁର୍ବଳତା ସେମାନଙ୍କ ଶିକ୍ଷାରେ ବାଧକ ସାଜିଥିଲା। ଏହି ସୂଚନା ପାଇ 'ଫିଡ୍' ଟ୍ରଷ୍ଟର ଚେୟାରମ୍ୟାନ ଫଣୀନ୍ଦ୍ର କୁମାର ତାଣ୍ଡି ଆଞ୍ଚା ଏବଂ ଅନ୍ୟ ସଦସ୍ୟ କ୍ରୀଷ୍ଟା ସୁନା, ଲକ୍ଷ୍ମଣ ଛୁରିଆ, ବୁଦ୍ଧଦେବ ବାରିକ, ଜୟରାମ ବାଗ ଓ ଈଶ୍ୱର ନାଗ ସୁରୁବାଲି ଗ୍ରାମକୁ ଯାଇ ଦୀପିକା ଓ ଇପକଙ୍କୁ ମିଳିତ ଭାବେ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା (ଜଣେ ପ୍ରତି ୫,୦୦୦ ଟଙ୍କା) ପ୍ରଦାନ କରିଥିଲେ। ଦୀପିକା ଓ ଇପକ ମାମୁଁଘରେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତିରେ ରହୁଛନ୍ତି। ସେମାନଙ୍କ ମାମୁଁଙ୍କ ପଲିଥିନ୍ ଘରେ ବସିବା ପାଇଁ ପର୍ଯ୍ୟାପ୍ତ ଜାଗା ମଧ



ନାହିଁ। 'ଫିଡ୍' ସଦସ୍ୟମାନେ ପ୍ରଥମେ ଇପକଙ୍କୁ ୫,୦୦୦ ଟଙ୍କାର ସହାୟତା ଦେବା ପାଇଁ ଯାଇଥିଲେ। କିନ୍ତୁ ଦୀପିକାଙ୍କର ଅସହାୟ ଅବସ୍ଥା ଓ ତାଙ୍କର ବାରମ୍ବାର ସାହାଯ୍ୟ ନିବେଦନ ଦେଖି ଟ୍ରଷ୍ଟର ସଦସ୍ୟମାନେ ମନସ୍ତାପରେ ଆପ୍ଲୁତ ହୋଇପଡ଼ିଥିଲେ। ଆଲୋଚନା ପରେ ଦୀପିକାଙ୍କୁ ମଧ ୫,୦୦୦ ଟଙ୍କାର ସହାୟତା ପ୍ରଦାନ କରାଗଲା। ଏହି ସମୟରେ ଦୀପିକା ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ତାଙ୍କ ମାତା ଓ ଇପକ ମଧ ଆବେଗରେ ଲୋତକପୂର୍ଣ୍ଣ ହୋଇପଡ଼ିଥିଲେ। ସଦସ୍ୟମାନେ ସେମାନଙ୍କୁ ସାନ୍ତ୍ୱନା ଦେଇ ଫେରିଥିଲେ। ଦୀପିକା କହିଥିଲେ ଯେ ଏହି ସହାୟତା ତାଙ୍କୁ ଶିକ୍ଷା ଜାରି ରଖିବାରେ ସାହାଯ୍ୟ କରିବ ଏବଂ ଭବିଷ୍ୟତରେ ସେ ଏହି ଋଣ ସମାଜକୁ ଫେରାଇବେ। ଦୀପିକା ବିଜେପୁର କଲେଜରେ ଯୁକ୍ତ ଦୁଇ (କଳା)ରେ ନାମ ଲେଖାଇଛନ୍ତି, ଯେଉଁଠି ଆଡ୍‌ମିଶନ୍ ପାଇଁ ୧୫,୦୦୦ ଟଙ୍କା ଆବଶ୍ୟକ ଥିଲା। ତାଙ୍କୁ ୫,୦୦୦ ଟଙ୍କା ମିଳିଥିଲେ ହେଁ ବାକି ୧୦,୦୦୦ ଟଙ୍କା ପାଇଁ ସେ ସହାୟତା ଆବେଦନ କରିଥିଲେ। ଅନୁଷ୍ଠାନର ଆର୍ଥିକ ସଙ୍କଟ ଯୋଗୁଁ ଅଧିକ ସହାୟତା ଦିଆଯାଇ ପାରିନଥିଲା। ସେହିପରି ଇପକଙ୍କୁ ଜାଳପାଲି କଲେଜରେ ଆଡ୍‌ମିଶନ୍ ପାଇଁ ୫,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। 'ଫିଡ୍'ର ଏହି ଉଦ୍ୟମ ଦୀପିକା ଓ ଇପକଙ୍କ ଶିକ୍ଷାକୁ ଆଗେଇ ନେବାରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି, ଯାହା ଅନ୍ୟ ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସାଜିବ।

## ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ ନୂତନ ଜିଲ୍ଲାପାଳ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ନୂତନ ଜିଲ୍ଲପାଳ ଭାବେ ଯୋଗ ଦେଇଥିବା ରଘୁରାମ ଆର ଆୟାର ଦାୟିତ୍ୱ ଗ୍ରହଣ କରିବା ସହ ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିଥିଲେ । ଶ୍ରୀ ଆୟାର ଦାୟିତ୍ୱ ଗ୍ରହଣ କରିବା ପରେ ଅପରାହ୍ନରେ ଇଛାପୁର ସ୍ଥିତ ମନ୍ଦିରକୁ ଯାଇ ଦିଅଁମାନଙ୍କୁ ଦର୍ଶନ କରିବା ସହ ଶ୍ରୀ ମହାଲକ୍ଷ୍ମୀ ମନ୍ଦିର, କନକଦୁର୍ଗା ମନ୍ଦିର ଓ ନବଗ୍ରହ ମନ୍ଦିର ପ୍ରମୁଖ ବେଢା ମଧ୍ୟରେ ଥିବା ବିଭିନ୍ନ ଅନ୍ୟ ମନ୍ଦିର ଗୁଡିକୁ ପରିଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଆୟାରଙ୍କୁ ଜୀଉମାନଙ୍କ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅତିରିକ୍ତ ଜିଲ୍ଲପାଳ ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର ରମେଶ ପଣ୍ଡା, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭଳଭଦ୍ର ପତ୍ରୀ, ସୁପର ଭାଇଜର ନୃସିଂହ ପତ୍ରୀଙ୍କ ସମେତ ଅନ୍ୟାନ୍ୟ ସେବାୟତମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ ।

# ଜନ୍ମ ପ୍ରମାଣ ପତ୍ର ପାଇଁ ନିରକ୍ଷର ଆଦିବାସୀ ଦମ୍ପତିଙ୍କ ହଟହଟା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫାଶୀମାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ପ୍ରମାଣପତ୍ର ବିଭାଗରେ ନିୟୋଜିତ କର୍ମଚାରୀ ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ବାନ୍ଧଭୂଇଁ ଗ୍ରାମର ସୁଶାରୀ ମୁଣ୍ଡାଙ୍କ ଆଧାର କାର୍ଡ ନାହିଁ । ଯାହାଫଳରେ ସୁଶାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏଣୁ ନିଜର ଆଧାର କାର୍ଡ ଆବେଦନ ପାଇଁ ଦରକାର ପଡୁଥିବା ଦସ୍ତାବେଜ ଯୋଗାଡ଼ କରୁଛନ୍ତି। ଏହି ଦସ୍ତାବେଜ ମଧ୍ୟରୁ ଜନ୍ମ ପ୍ରମାଣ ପତ୍ର ଗୋଟିଏ। ଏହି ଜନ୍ମ ପ୍ରମାଣ ପତ୍ର ତିଆରି ପାଇଁ ଗତ କିଛି ଦିନରୁ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଦୌଡୁଛନ୍ତି ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡା। ସୁଶାରୀ ମୁଣ୍ଡାଙ୍କ କହିବା ଅନୁଯାଇ ଗତ ୧୫ ତାରିଖରେ ସେ ଏବଂ ତାଙ୍କ ସ୍ୱୀ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନ୍ମ ପ୍ରମାଣ ପତ୍ର ବିଭାଗୀୟ କର୍ମଚାରୀଙ୍କୁ ଭେଟି ନିଜ ସମସ୍ୟା ସମ୍ପର୍କରେ ଜଣାଇ ନୂତନ ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ କହିଥିଲେ। ପରବର୍ତ୍ତୀ ସମୟରେ ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ଜନ୍ମ ପ୍ରମାଣ ପତ୍ର ବିଭାଗୀୟ କର୍ମଚାରୀ ଦସ୍ତା ବେଜ ମାଗିଥିଲେ। ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ତାଙ୍କ ପାଖରେ ଥିବା ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଲିଖିତ ପ୍ରମାଣ ପତ୍ର, ଜମନକିରା ତହସିଲଦାରଙ୍କ ପାଖରେ କରିଥିବା ଏଫିଡେଫିଟ ଓ ଅନ୍ୟ ଦସ୍ତାବେଜ ଦେଇଥିଲେ। ହେଲେ ଏଥିରେ ଆଉ ଦସ୍ତାବେଜ ଲାଗିବ କହି ତାଙ୍କ ଦସ୍ତାବେଜ ଫେରାଇ ଦେଇଥିଲେ। ବିଡମ୍ବନାର ବିଷୟ ଉକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଜନ୍ମ ପ୍ରମାଣପତ୍ର କର୍ମଚାରୀ ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡାଙ୍କୁ ଦସ୍ତାବେଜ ସମ୍ବନ୍ଧରେ କୌଣସି ତଥ୍ୟ ଦେଇନଥିଲେ। ଫଳରେ ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡା ବନ୍ଧା ଭୂଇଁରୁ ଫାଶୀମାଲ ନିଜ ସାଇକଲ ଯୋଗେ ବାରମ୍ବାର ଯାଇ ହଇରାଣ ହେଉଛନ୍ତି। ଏପରିକି ସୁଶାରୀ ଓ ତାଙ୍କ ସ୍ୱାମୀ ଲାଜାର ଏକ ଗରିବ ଆଦିବାସୀ ସମ୍ପ୍ରଦାୟର ଓ ପାଠପଢ଼ି ଜାଣିନାହାନ୍ତି। ଅନ୍ୟଠାରୁ ଧାରରେ ଟଙ୍କା ନେଇ ନିଜ ସ୍ୱୀଙ୍କ ଆଧାର କାର୍ଡ ପାଇଁ ଦସ୍ତାବେଜ ଯୋଗାଡ଼ କରୁଛନ୍ତି। ଅନ୍ୟପକ୍ଷରେ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କର୍ମଚାରୀ ଲାଜାରଙ୍କୁ ହଇରାଣ କରୁଥିବା ବେଳେ ତାଙ୍କୁ ଉତ୍ତମ ବ୍ୟବହାର ମଧ ଦେଇନଥିବା ଅଭିଯୋଗ କରିଛନ୍ତି। ଏପରିକି ଲାଜାର ଉକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିବା ବେଳେ ଏହାର ପାଲଟାରେ 'ମୁଁ କେତେ ଜଣକୁ ଲେଖି ଲେଖି ଦେବି, ବାହାର ବୋର୍ଡରେ ଦସ୍ତାବେଜ ବାବଦରେ ଲେଖା ହୋଇଛି, ଯାଅ ସେଇଠି ପଢିବ' ବୋଲି ଉଚ୍ଚ ସ୍ୱରରେ ଅପମାନ ଦେଲାଭଳି କହିଥିଲେ ବୋଲି ଲାଜାର ପ୍ରକାଶ କରିଛନ୍ତି। ଏପରିକି ଦସ୍ତାବେଜ ସମ୍ବନ୍ଧରେ ସେ ଜମନକିରାରେ ଥିବା ଜନୈକା ମହିଳା ଆଇନଜୀବୀ କାନନବାଳା ପଟ୍ଟନାୟକଙ୍କୁ ଫୋନ୍‌ରେ ଯୋଗାଯୋଗ କରି ପଚାରିଥିଲେ କଣ କଣ ଦସ୍ତାବେଜ ଲାଗିବ ସେ ସମ୍ପର୍କରେ ପଚାରିବାକୁ କହିଥିଲେ। ଏପରିକି ସମ୍ପୃକ୍ତ କର୍ମଚାରୀ ଜଣଙ୍କ ମହିଳା ଆଇନଜୀବୀଙ୍କୁ ମଧ ସଠିକ୍ ତଥ୍ୟ ନଦେଇ ଆଇନଜୀବୀଙ୍କୁ ପାଲଟା 'ମୋ ସହିତ ଆରଗ୍ୟୁମେଣ୍ଟ କରନ୍ତୁ ନାହିଁ, ବୋର୍ଡରେ ଲେଖା ହୋଇଛି ଆପଣ ଆସି ପଢି ନିଅନ୍ତୁ। ମୁଁ କଣ ସମସ୍ତଙ୍କୁ ଲେଖି ଲେଖି ଦେବି' ବୋଲି କହିଥିଲି ବୋଲି ମହିଳା ଆଇନଜୀବୀ କାନନବାଳା ପଟ୍ଟନାୟକ ଗଣମାଧ୍ୟମ ଠାରେ ପ୍ରକାଶ କରିଛନ୍ତି। ଜଣେ ଅଶିକ୍ଷିତ ଓ ଗରିବ ଶ୍ରେଣୀର ବ୍ୟକ୍ତି ବର୍ତ୍ତମାନ ସମୟରେ ନିଜ ଚାଷ କାମ ଛାଡ଼ି ବାରମ୍ବାର କାର୍ଯ୍ୟାଳୟକୁ ଦୌଡିବା କଣ ସମ୍ଭବ ହୋଇପାରିବ ? ଏଭଳି ପରିସ୍ଥିତିରେ ପଡି ବହୁ ଆଦିବାସୀ ଗରିବ ପରିବାର ନିର୍ଯାତନା ଓ ଶୋଷଣର ଶିକାର ହୋଇ ଆସୁଛନ୍ତି। ଏପରିକି ବେଳେବେଳେ ଆତ୍ମସମ୍ମାନ ଓ ପରିସ୍ଥିତି ଆଗରେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ମଧ ନେଇଥାନ୍ତି। ଜଣେ ଆଇନଜୀବୀଙ୍କୁ ଏଭଳି ଭାବେ କହିପାରୁଥିବା କର୍ମଚାରୀ ସାଧାରଣ ଲୋକଙ୍କୁ କିଭଳି ବ୍ୟବହାର କରୁଥିବା ତାହା ସହଜରେ ଅନୁମେୟ। ସାଧାରଣ ଲୋକଙ୍କୁ ହଇରାଣ କଲେ ମୁଁ ଆଇନଜୀବୀ ଭାବେ ତାଙ୍କ ମୌଳିକ ସୁବିଧା ପାଇଁ ଅସାଧୁ କର୍ମଚାରୀଙ୍କ ସହିତ ମୁକାବିଲା କରିବାକୁ ପଛେଇବି ନାହିଁ ଏବଂ ଏଭଳି କର୍ମଚାରୀଙ୍କ ପ୍ରତି ବିଭାଗୀୟ ପଦକ୍ଷେପ ନେବା ଜରୁରୀ ବୋଲି ମହିଳା ଆଇନଜୀବୀ ନିଜ ମନ୍ତବ୍ୟରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହରିଶ୍ଚନ୍ଦ୍ର ବାଘଙ୍କୁ ପଚାରିବାରୁ ଆବେଦନକାରୀ ବ୍ୟକ୍ତି ଜଣଙ୍କ କେବଳ ଦୁଇଦିନ ଆମପାଖକୁ ଆସିଥିଲା ଏବଂ ତାଙ୍କ ପାଖରେ ପର୍ଯ୍ୟାପ୍ତ ଡକ୍ୟୁମେଣ୍ଟ ନଥିବାରୁ ଏଭଳି ପରିସ୍ଥିତି ଭୋଗିବାକୁ ପଡୁଛି ବୋଲି ସଫେଇ ଦେଇଛନ୍ତି। ଜନ୍ମ ପ୍ରମାଣପତ୍ର ଆବେଦନ ପାଇଁ ସରକାରୀ ଗାଇଡ୍‌ଲାଇନ୍ ଅଛି ଆମେ ପର୍ଯ୍ୟାପ୍ତ ଡକ୍ୟୁମେଣ୍ଟ ନଥିଲେ ଆମେ କିଭଳି କରିବୁ ବୋଲି କହିଥିଲେ। ମୋଟାମୋଟି ଭାବେ ବିନା ଉତ୍କୋଚରେ ଯଦି ଫାଇଲ ଘୁଞ୍ଚୁନି, ତେବେ ସରଳ ନିଷ୍କପଟ ସିଧାସାଧା ଆଦିବାସୀମାନଙ୍କୁ ଉତ୍କୋଚ ସମ୍ପର୍କରେ କିଏ କେମିତି ବୁଝାଇବ ତାହା ମୁଖ୍ୟ ପ୍ରଶ୍ନବାଚୀ ହୋଇଛି।

# ଅବ୍ୟବସ୍ଥା ଘେରରେ କଇଥା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର



**ମାହାଙ୍ଗା, ନ୍ୟୁଜ୍**

ଅବିଭକ୍ତ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସୀମାନ୍ତ ଗ୍ରାମ ହେଉଛି କଇଥା। ବିଜୁ ବାବୁଙ୍କ ସରକାର ସମୟରେ ନୂଆ ଜିଲ୍ଲା ଗଠନ ହେବା ପୂର୍ବରୁ ପଶୁ ସ୍ୱାସ୍ଥ୍ୟର ବିକାଶ ପାଇଁ କଇଥା-ସମସରପୁର ୨ଟି ପଞ୍ଚାୟତକୁ ନେଇ ଗଠିତ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେବି ଯାଜପୁର ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣରେ ରହିଥିବାରୁ ସାଧାରଣ ଗୋ ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କଇଥା ପଞ୍ଚାୟତରେ ନିର୍ମିତ ଏହି ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟଟି କଟକ ଜିଲ୍ଲାରେ ଅବସ୍ଥିତ ହୋଇଥିବା ସତ୍ତ୍ୱେ, ସଂପ୍ରତି ଯାଜପୁର ମୁଖ୍ୟ ପ୍ରାଣୀ ସମ୍ପଦ ବିଭାଗ ଅଧିନ ଛତିଆ ପ୍ରାଣୀଧନ ହସ୍ପିଟାଲ୍ ଦ୍ୱାରା ପରିଚାଳିତ। କଇଥା ଏବଂ ସମସରପୁର ଉଭୟ ପଞ୍ଚାୟତର ଅଧିକାଂଶ ଗ୍ରାମକୁ ଯାଜପୁର ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀମାନେ ପହଞ୍ଚି ପାରନ୍ତିନାହିଁ। କଟକ ଜିଲ୍ଲାରେ ଏହି କଇଥା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ନାମକୁ ମାତ୍ର କାର୍ଯ୍ୟ କରୁଥିବା ବେଳେ, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଏହି ୨ଟି ପଞ୍ଚାୟତର ମାଟି ମାଡି ନଥାଏ । ସେପଟେ ନାମକୁ ଯାଜପୁର ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣରେ ଏହି ଚିକିତ୍ସା କେନ୍ଦ୍ରଟି ଥାଇନଥିବା ପରି ଚର୍ଚ୍ଚା ହୁଏ। କଇଥା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ କୋଠପଦା ପଶୁ ଡାକ୍ତରଖାନା ନିୟନ୍ତ୍ରଣରେ ରହିପାରିଲେ ଏବଂ କଟକ ଜିଲ୍ଲା ପ୍ରଶାସନ ଏହାକୁ ନିଜ ନିୟନ୍ତ୍ରଣକୁ ନେଇପାରିଲେ, ହଜାର ହଜାର ଗୃହ ପାଳିତ ପଶୁ ପକ୍ଷୀଙ୍କ ସ୍ୱାସ୍ଥ୍ୟ ସେବାର ଉପଯୁକ୍ତ ଯତ୍ନ ନିଆଯାଇପାରନ୍ତା। ଅତୀତରେ କୌଣସି ଜନପ୍ରତିନିଧି ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ତତ୍ପରତା ଦେଖାଇନାହାନ୍ତି। କଇଥା ଏବଂ ସମସରପୁର ଉଭୟ ପଞ୍ଚାୟତର ଶହ ଶହ ଗୋ'ଚାଷୀ ଉପରୋକ୍ତ ଅବ୍ୟବ୍ୟସ୍ଥା ଏବଂ ଅସଂଗତି ସମ୍ପର୍କରେ ମାହାଙ୍ଗାର ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି । ସ୍ଥାନୀୟ ଜନପ୍ରତିନିଧି ଏହି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ସାଧାରରେ ଦାବି ହୋଇଛି।

# ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନକଉଡା ବ୍ଲକ ଗସ୍ତ କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ କାଳାମାଟି ଗ୍ରାମର ଡ୍ରାଗନ ଫଳ (କମଲମ) ଚାଷ, ଗୋଡଭଗା +୩ କଲେଜ, ବସନ୍ତପୁର ଗ୍ରାମପଞ୍ଚାୟତର ସାହଜବାହାଲ ଗ୍ରାମର ଟେରାକୋଟା କଳାକୃତି କର୍ମଶାଳା ପରିଦର୍ଶନ, ଆୟୁଷ ଆରୋଗ୍ୟ କେନ୍ଦ୍ର ପ୍ରଭୃତି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଡ୍ରାଗନ ଫଳ ଚାଷକୁ ପ୍ରୋତ୍ସାହିତ କରିବାକୁ କ୍ଲଷ୍ଟର ଆଧାରିତ ପ୍ରଣାଳୀ ଗଠନ ଏବଂ କୃଷି ପର୍ଯ୍ୟଟନ ଉନ୍ନତି ପାଇଁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଓଡ଼ିଶା ଜୀବିକା ମିସନ୍ (ଓଏଲମ) ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସୋସାଇଟି (ଓରମାସ)କୁ ଏହି ଉଦ୍ୟମରେ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। ଗୋଡଭଗା +୩ କଲେଜର ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଟେରାକୋଟା କଳାକୃତି ଘର ପରିଦର୍ଶନ କରି ସ୍ଥାନୀୟ କାରିଗର ମାନଙ୍କର ଉନ୍ନତ ପ୍ରଶିକ୍ଷଣ ସୁବିଧା ପାଇଁ ପ୍ରସ୍ତାବ ଦେଇଛନ୍ତି ଏବଂ ଗ୍ରାମରେ ସମସ୍ତ ସୁବିଧା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଧନକଉଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଗ୍ରାମରେ ମୌଳିକ ସୁବିଧା ଯୋଗାଇଦେବା, ବିଶେଷକରି ସୁଦୃଢ଼ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।





# ସାମାନ୍ୟ ବର୍ଷାରେ ଗଞ୍ଜାମ ସହର ବେହାଲ:ସ୍କୁଲ ହତାରେ ଲହଡ଼ି ମାରୁଛି ବର୍ଷା ଜଳ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବୁଧବାର ସାମାନ୍ୟ ବର୍ଷାରେ ଗଞ୍ଜାମ ସହର ବେହାଲ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ସହରର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବଡ ବଜାରରେ ବର୍ଷା ଜଳ ଜମି ରହିଥିବା ବେଳେ ଦାମୋଦରପୁର ସ୍କୁଲ ହତାରେ ବର୍ଷା ଜଳ ଲହଡି ମାରୁଛି। ଏଥିସହ ପୁଇଁତୋଳା ବାରିକି ସାହି ଓ ନୂଆ ସାହିରେ ମଧ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଉକ୍ତ ବର୍ଷା ପାଣିରେ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ଜନସାଧାରଣରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ସ୍କୁଲ ପିଲାମାନେ ପାଣିରେ କିଭଳି ଶ୍ରେଣୀ ଗୃହକୁ ପାଠ ପଢିବାକୁ ଯିବେ ତାହା ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି। ବର୍ଷା ଛାଡିବା ପରେ ମଧ ଜମିଥିବା ପାଣି ନିଷ୍କାସନ ହେବାର କୌଣସି ବ୍ୟବସ୍ଥା ନାହିଁ। କେବଳ ସୂର୍ଯ୍ୟତାପ ଏକ ମାତ୍ର ବିକଳ୍ପ ବୋଲି ସହରରେ ଆଲୋଚନା ହେଉଛି । ଏନ୍ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍ଏସି ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରେ ଖୁବ୍ଶୀଘ୍ର ଡ୍ରେନ୍ ଗୁଡିକ ମରାମତି କରାଯିବ ବୋଲି ସେ କହିଛନ୍ତି।

# ସାଙ୍ଗକୁ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବାକୁ ଯାଇ ଛୁରା ମାଡ଼ର ଶିକାର ହେଲେ ଯୁବକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସାଙ୍ଗକୁ ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବାକୁ ଯାଇ ଛୁରା ମାଡ଼ର ଶିକାର ହେଲେ ଜଣେ ଯୁବକ। ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତି। ଏଭଳି ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନା ଅଧିନସ୍ଥ ଚରମ୍ପା ହାଇସ୍କୁଲ ରୋଡ଼ ଦୁର୍ଗାପୂଜା ମଣ୍ଡପ ନିକଟରେ। ରାତିରେ ଚରମ୍ପା ନୂଆ ପୋଖରୀ ଅଞ୍ଚଳର କାର୍ତ୍ତିକ ଚନ୍ଦ୍ର ପାଢ଼ୀ ଓ ତାଙ୍କର ଦୁଇ ସାଙ୍ଗ ଗୋଟିଏ ମୋଟର ସାଇକେଲରେ ଚରମ୍ପା ହାଇସ୍କୁଲ ରୋଡ଼ରେ ଠିଆ ହୋଇ ବାଦାମ କିଣି ଗାଡି ଷ୍ଟାର୍ଟ କରି ଘରକୁ ଆସିବା ପାଇଁ ବାହାରୁଥିବା ବେଳେ ଗାଡି ସାଉଣ୍ଡକୁ ନେଇ ସେଠାରେ ଥିବା କିଛି ଯୁବକ ପ୍ରଥମେ କାର୍ତିକଙ୍କ ସାଙ୍ଗକୁ ଟାଣି ଘୋଷାରି ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ତେଣୁ କାର୍ତିକ ତାଙ୍କ ସାଙ୍ଗକୁ ସେମାନଙ୍କ ଠାରୁ ଉଦ୍ଧାର କରୁଥିବା ବେଳେ ଉତ୍ୟକ୍ତ ହୋଇ ଅନ୍ୟ ଜଣେ ଯୁବକ ହଠାତ୍ ଛୁରୀରେ ଆକ୍ରମଣ କରିଥିଲା। ଫଳରେ ଛୁରୀ କାର୍ତିକଙ୍କ ହାତରେ ଫୁଟି ଯାଇଥିଲା। ପରେ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲା ବେଳେ ସ୍ଥାନୀୟ ଲୋକେ କାର୍ତିକଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତି କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଆସାମୀଙ୍କୁ ଗିରଫ ପାଇଁ ଉଦ୍ୟମ କରୁଛି ।

# ଡାଇରିଆରେ ମହିଳା ମୃତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରାଇଘର ବ୍ଲକ ଛେଳିଡଙ୍ଗରି ପଞ୍ଚାୟତ ସାଲେଭାଟା ଗ୍ରାମର ସେବତୀ ଗଣ୍ଡ (୫୪) ରାତିରେ ଜର ହୋଇଥିଲା । ସକାଳ ପ୍ରାୟ ୫ଟା ସମୟରେ ତାଙ୍କୁ ଝାଡା ହୋଇଥିଲା । ପରିବାର ଲୋକ କହିବା ଅନୁଯାୟୀ ସକାଳୁ ଦୁଇ ତିନି ଥର ଝାଡା ହୋଇଥିଲା । ମଧ୍ୟାହ୍ନରେ ସେ ପରିବାର ଲୋକଙ୍କ ସହ ଖାଇଥିଲେ କିନ୍ତୁ ଶରୀର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣିଥିଲେ । ଏଠାରେ ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ । କିନ୍ତୁ କେଉଁ କାରଣରୁ ମୃତ୍ୟୁ ହୋଇଥାଇପାରେ ଏହା ନେଇ ବ୍ୟବଚ୍ଛେଦ ପାଇଁ କହିଥିଲେ । ଏହାପରେ ପରିବାର ଲୋକେ ରାଇଘର ଥାନାରେ ଲିଖିତ ଜଣାଇବା ପରେ ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତା କାଲି ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

# ୨୭ରେ ଚେକ୍ ବାଉନ୍ସ ସଂକ୍ରାନ୍ତରେ ଲୋକ ଅଦାଲତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପରିସରରେ ଆସନ୍ତା ୨୭.୦୭, ୨୦୨୫ ତରିଖ ପୂର୍ବାହ୍ନ ୧୦ଟା ସମୟରେ କେବଳ ଚେକ୍ ବାଉନ୍ସ ମାମଲା (NI Act U/s-138) ଜନିତ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ଅଟେ । ଏ ସମ୍ବନ୍ଧରେ ଅଧିକ ତଥ୍ୟ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କଟକର ଟେଲିଫୋନ୍ ନମ୍ବର ୦୬୭୧-୨୩୬୮୩୮୩ ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

# ଦେବୀ ନଦୀକୁ ଡେଇଁ ଯୁବକ ନିଖୋଜ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଡାହାଣୀଖିଆ ନିକଟରେ ଦେବୀ ନଦୀକୁ ଡେଇଁ ଯୁବକ ନିଖୋଜ । ନିଖୋଜ ଯୁବକ ନାଉଗାଁ ଅଞ୍ଚଳର ବିଶ୍ୱଜିତ ପରିଜା । ନଦୀକୁ ଡେଇଁବାର କାରଣ ଅସ୍ପଷ୍ଟ ରହିଛି । ତେବେ ପ୍ରେମ ଜନିତ କାରଣକୁ ନେଇ ସେ ଏପରି ପଦକ୍ଷପ ନେଇଥିବାର ସନ୍ଦେହ କରାଯାଉଛି । ନାଉଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛି । ନଦୀ କୂଳରେ ଏକ ସ୍କୁଟି ରହିଥିବାର ଦେଖାଯାଇଛି ।

# 'କର୍ମବୀର ଗୌରୀଶଙ୍କର ଜଣେ ଦୂରଦୃଷ୍ଟି ସମ୍ପନ୍ନ ଓ ସଂସ୍କାରିତ ବ୍ୟକ୍ତି ଥିଲେ'

**ରାଉରକେଲା, ନ୍ୟୁଜ୍**



ସହରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ କଲଚରାଲ ଏକାଡେମୀ ତରଫରୁ କର୍ମବୀର ଗୌରୀଶଙ୍କର ଜୟନ୍ତୀ ଉପଲକ୍ଷେ ୩୪ତମ ପତ୍ରପତ୍ରିକା ଦିବସ ଓ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ରଜନୀକାନ୍ତ ଦାସଙ୍କ ସ୍ମୃତି ଦିବସ ପାଳନ କରାଯାଇଥିଲା। ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱ, ସାଧାରଣ ସଂପାଦକ କାଶୀନାଥ ପାତ୍ରଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ. ମାନସ ବେହେରା ଯୋଗଦେଇ ଆଲୋଚ୍ୟ ବିଷୟ ଭୂରାଜନୀତିର ଗୋଲକଧନ୍ଦାରେ ଗଣମାଧ୍ୟମ ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଡ. ବେହେରା ତାଙ୍କ ବକ୍ତବ୍ୟରେ କହିଲେ ଯେ ସମ୍ପ୍ରତି ପୁଞ୍ଜିବାଦଙ୍କ କବଳରେ ମିଡିଆ ରହିଥିବା ବେଳେ ବିଶ୍ଳେଷଣ କରିବା ପ୍ରକ୍ରିୟାକୁ ଗଣମାଧ୍ୟମ ହତ୍ୟା କରୁଛି। ଗଣମାଧ୍ୟମର ଚରିତ୍ରରେ ଅନେକ ପରିବର୍ତ୍ତନ ହୋଇଛି। ଏହାସହ ମିଡିଆର ଭୂମିକା, ନୂଆ ଗଣମାଧ୍ୟମର ନୂଆ ଭୂମିକା, ଖବରର ପ୍ରକାଶନର ପୂର୍ବ ପ୍ରସ୍ତୁତି, ସାହିତ୍ୟରେ ମଧ ଏଭଳି ବ୍ୟବସ୍ଥା ଦେଖିବାକୁ ମିଳୁଛି ତଥା ଗଣମାଧ୍ୟମର ଗଣତ୍ରିକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଆରଏସ୍ପିର ମୁଖ୍ୟ ମହାପରିଚାଳକ ବିଜୟ କୁମାର ଯୋଯୋ ଯୋଗଦେଇ କର୍ମବୀର ଗୌରୀଶଙ୍କର ସମାଜ ଓ ସମ୍ବାଦ ପ୍ରତି ପ୍ରତିବଦ୍ଧତା ତଥା ସେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଓ ସଂସ୍କାରିତ ବ୍ୟକ୍ତି ଥିଲେ ବୋଲି ଅବହିତ କରିବା ସହ ସତ୍ୟ, ଉତ୍ତରଦାୟିତ୍ୱ, ପ୍ରତିବଦ୍ଧତାକୁ ସାମ୍ବାଦିକମାନେ ଆଗକୁ ନେବାପାଇଁ ଆହ୍ୱାନ୍ ଦେଇଥିଲେ। ଅନ୍ୟତମ ଅତିଥି ନବପତ୍ରର ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ଏକାଡେମୀର ଆଭିମୁଖ୍ୟ ଓ ଆଲୋଚ୍ୟ ବିଷୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସାହିତ୍ୟ ସମ୍ପାଦକ ନଗେନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଡେମୀର ବହୁ ସଦସ୍ୟଙ୍କ ସହ ବହୁ ସଂଖ୍ୟାରେ ସାହିତ୍ୟିକ,କବି, ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

# ସଂଘବଦ୍ଧ ଆକ୍ରମଣରେ ବାପ-ପୁଅ ଗୁରୁତର, ମା' ଆହତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଦିନରେ ବିଲ ମଧରେ ଟ୍ରାକ୍ଟର ଯିବାକୁ ନେଇ ବଚସା ପରେ ରାତିରେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି ଅପରପକ୍ଷ। ଏହି ଆକ୍ରମଣରେ ବାପ ପୁଅ ଗୁରୁତର ହୋଇଥିଲା ବେଳେ ମା' ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ଆଗରପଡା ଥାନା ଅଧିନସ୍ଥ ପୁରୁଷଣ୍ଡ ଗ୍ରାମରେ। ଏହି ଗ୍ରାମର ଅଭିମନ୍ୟୁ ଜେନାଙ୍କ ବିଲରେ କେତେକ ବ୍ୟକ୍ତି ଜୋର ଜବରଦସ୍ତ ଭାବେ ସକାଳେ ଟ୍ରାକ୍ଟର ନେଇ ତାଙ୍କ ହିଡ଼କୁ ନଷ୍ଟ କରିଦେଇଥିଲେ। ତେଣୁ ଅଭିମନ୍ୟୁ ଏଥିପାଇଁ କ୍ଷତି ପୂରଣ ଦାବି କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଟ୍ରାକ୍ଟର ନେଇଥିବା ବ୍ୟକ୍ତିମାନେ ଅଭିମନ୍ୟୁଙ୍କ ଘରକୁ ଯାଇ ପ୍ରଥମେ ତାଙ୍କ ସ୍ତ୍ରୀକୁ ଆକ୍ରମଣ କରିଥିଲେ। ପରେ ରାତିରେ ସଂଘବଦ୍ଧ ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଅଭିମନ୍ୟୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ପୁଅ ମନୋଜ ପ୍ରତିବାଦ କରିବାରୁ ତାଙ୍କୁ ମଧ ଖଣ୍ଡାରେ ଆକ୍ରମଣ କରିଥିଲେ। ସେମାନେ ଗୁରୁତର ହୋଇପଡିବାରୁ ଗ୍ରାମବାସୀମାନେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାକୁ ବିଳମ୍ବିତ ରାତ୍ରିରେ ଆଣିଥିଲେ। ବାପ ଓ ପୁଅଙ୍କ ହାତ ଗୋଡ଼ ମୁଣ୍ଡ ଓ ପିଠିରେ ଜୋର୍ ଆଘାତ ଲାଗିଛି। ଖବରପାଇ ଆଗରପଡା ପୋଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ବେଳେ ଆକ୍ରମଣକାରୀମାନେ ଫେରାର୍ ହୋଇଯାଇଛନ୍ତି।

# ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡାଦେଶ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଆଡ଼ ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟରେ ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ଆମ୍ବପୁଞ୍ଜା ଗ୍ରାମର ଜଟିଆ ମହାନ୍ତ (୬୧)। ସୂଚନାଯୋଗ୍ୟ, ଗତ ୧୯/୦୯/୨୦୨୩ରେ ଜନୈକା ମହିଳା ଜଣକ ରାତିରେ ଘରେ ଶୋଇଥିବା ବେଳେ ଦୁଷ୍କର୍ମର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣକ ତାଙ୍କ ଦୁଇଜଣ ସହଯୋଗୀଙ୍କ ସହ ଦୁଷ୍କର୍ମ କରିଥିଲେ। ଘଟଣା ବାବଦରେ ତହିଁ ପରଦିନ ପରିବାର ଲୋକ ଜାଣିଥିଲେ। ଯାହାକୁ ନେଇ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଏହା ସହିତ ପୀଡିତା ନାବାଳିକାକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଭାଙ୍ଗିଲା ଗୁରହାଣ୍ଡି ଯୋର ପୋଲ:ଯାତାୟାତ ବାଧାପ୍ରାପ୍ତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**





ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଜୁଲୁଣ୍ଡାରୁ ଡୁଙ୍ଗୁରିପାଲି ବ୍ଲକ କପାଶିରାକୁ ସଂଯୋଗ କରୁଥିବା ଗୁରହାଣ୍ଡି ଯୋର ଉପରେ ନିର୍ମାଣ କରାଯାଇଥିବା ପୋଲଟି ଭାଙ୍ଗିଯାଇଛି। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ସୂଚନା ଅନୁସାରେ ପ୍ରାୟ ୩୦ ବର୍ଷ ହେବ ଏହି ପୋଲଟି ନିର୍ମାଣ ହୋଇଥିଲା। ପୋଲଟି ଅତି ପୁରୁଣା ଓ ବିପଦ ସଙ୍କୁଳ ଥିବାରୁ ଏକ ନୂତନ ପୋଲର ନିର୍ମାଣ କାମ ଚାଲିଥିବାବେଳେ ପୁରୁଣା ପୋଲଟି ଭାଙ୍ଗି ଯାଇଛି । ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରବଳ ପାଣି ଆସିବାରୁ ପୋଲଟି ଭାଙ୍ଗି ଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ପୋଲଟି ଭାଙ୍ଗି ଯିବାରୁ ପୋଲର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଛି। ଏହା ସହ କପଶିରା ଗ୍ରାମର ଚାଷ ଜମି ବ୍ରିଜ୍ ଆର ପାର୍ଶ୍ୱରେ ଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ପ୍ରକାଶ କରୁଛନ୍ତି। ଏହି ପୋଲ ଉପରେ ବିନିକା, ଡୁଙ୍ଗୁରିପାଲି, ସୋନପୁର, ତରଭା ଆଦି ବ୍ଲକର ଶହ ଶହ ଲୋକେ ଦୈନନ୍ଦିନ ଯାତାୟାତ କରିଥାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ନିର୍ମାଣାଧିନ ନୂତନ ପୋଲ କାମକୁ ଦ୍ରୁତ ଗତିରେ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ପିକ୍ଅପ୍ ଧକ୍କାରେ ଯୁବକ ଗୁରୁତର

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର-ଖରିଆର ରାସ୍ତା ଚଟୁଅନକା ତାରିଣୀ ମନ୍ଦିର ନିକଟରେ ବୁଧବାର ଦିନ ପ୍ରାୟ ୮ଟାରେ ପିକ୍ଅପ୍ ଧକ୍କାରେ ବେଲପଡ଼ା ଥାନା ଅନ୍ତର୍ଗତ ବିଛୁବାହାଲି ଗାଁର ଦୁର୍ଜନ ବାଗଙ୍କ ପୁଅ ଆକାଶ ବାଗ (୨୫) ଗୁରୁତର ହୋଇଥିଲେ ଓ କଣ୍ଟାବାଞ୍ଜି ପୋଲିସ ଆକାଶକୁ ଡାକ୍ତରଖାନାରେ ଭର୍ତି କରିଥିଲା ଓ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସୂଚନାରୁ ପ୍ରକାଶ ଯେ, ଆକାଶ ବେଲପଡ଼ାରୁ ନିଜ ଘର ବିଛୁବାହାଲି ଯିବା ପାଇଁ ଚଟୁଅନକା ଛକରେ ଓହ୍ଲାଇଥିଲେ ଓ ଅଟୋ ଚାଳକଙ୍କୁ ଭଡ଼ା ଟଙ୍କା ଦେଇ ରାସ୍ତା ପାର ହେଉଥିବା ସମୟରେ କଣ୍ଟାବାଞ୍ଜି ପଟୁ ଦ୍ରୁତ ଗତିରେ ଆସୁଥିବା ପିକ୍ଅପ୍ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ସ୍ୱାମୀଙ୍କ ଠାରୁ ନ୍ୟାୟ ପାଇବା ପାଇଁ ଏସ୍ପିଙ୍କ ଦ୍ୱାରସ୍ଥ ହେଲେ ସ୍ତ୍ରୀ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର ମୂଳଖମ୍ବ ଗ୍ରାମର ବିଶ୍ୱନାଥ ପାତ୍ରଙ୍କ ପ୍ରଥମ ସ୍ତ୍ରୀ ସୋନିଆ ପାତ୍ର ନ୍ୟାୟ ପାଇବା ପାଇଁ ଏସ୍ପିଙ୍କ ନିକଟରେ ଗୁହାରୀ କରିଛନ୍ତି । ଗତ ୧୦ ତରିଖ ରାତ୍ରିରେ ଘଟିଥିବା ଅମାନବୀୟ ଘଟଣାରେ ଏତଲା ଦେବା ପରେ ସୁକିନ୍ଦା ପୋଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ବେଳେ ନିଜ ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ଏସ୍ପିଙ୍କୁ ଗୁହାରୀ କରିଛନ୍ତି । ଅଭିଯୋଗ ମୁତାବକ ସୋନିଆ ନାବାଳିକା ଥିବା ସମୟରେ ବିଶ୍ୱନାଥ ତାଙ୍କ ସହ ଜୋର୍ ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଉଠାଇ ଆଣି ୨୦୧୩ ମସିହା ତାଙ୍କୁ ବିବାହ କରିଥିଲେ । ପରିବାରର ସ୍ଥିତି ଓ ଲୋକ ଲଜ୍ୟା ଭୟରେ ସେ ଏହାକୁ ଗ୍ରହଣ କରି ଚୁପ୍ ରହିଥିଲେ। ଏବେ ତାଙ୍କର ଗୋଟିଏ ଝିଅ ଓ ଦୁଇଟି ପୁଅ ମଧ ଅଛନ୍ତି । କିଛିବର୍ଷ ପରେ ବିଶ୍ୱନାଥ ତାଙ୍କୁ ଶାରୀରିକ ଓ ମାନସିକ ସହିତ ଯୌତୁକ ନିର୍ଯାତନା ଦେଉଥିଲେ। ପରେ ସେ ଅନ୍ୟ ଏକ ଝିଅକୁ ବିବାହ କରି ଯାଜପୁରରୋଡ ଆସି ରହିବା ସହ ତାଙ୍କ ବଡ ଝିଅକୁ ନେଇଆସି ଘରେ ରଖି କାମଧନ୍ଦା କରାଉଛନ୍ତି । ଏନେଇ ଅଦାଲତରେ ମଧ ମାମଲା ରୁଜୁ ହୋଇଛି । ପରିବାର ଲୋକମାନଙ୍କ ସହିତ କୌଣସି ସମ୍ପର୍କ ରଖିନଥିବା ବେଳେ ଗତ ୧୦ ତାରିଖ ରାତ୍ରିରେ ମୂଳଖମ୍ବ ଗ୍ରାମରେ ସୋନିଆ ଦୁଇ ପୁଅଙ୍କ ସହ ଶାଶୂଘରେ ଶୋଇଥିବା ବେଳେ ବିଶ୍ୱନାଥ ପହଞ୍ଚି କାବାଟ ବାଡେଇଥିଲେ । ଘର କବାଟ ଖୋଲିବା କ୍ଷଣି ତୁ ମୋ ରାସ୍ତାର କଣ୍ଟା ତୋତେ ହଟାଇବାକୁ ପଡିବ କହି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟି ଚିପିଧରିଥିଲେ। କୌଶଳକ୍ରମେ ସୋନିଅ ଖସିଯାଇ ନିକଟସ୍ଥ ବାପ ଘରକୁ ଦୌଡି ଯାଇ ତାଙ୍କୁ ଡାକି ଆଣିବା ବେଳକୁ ବିଶ୍ୱନାଥ ବାଇକ୍ ଯୋଗେ ପଳାଇବା ସହ ଘରେଥିବା ୪୩୦୦ ଟଙ୍କା ନେଇ ପଳାଇଥିଲେ। ଏନେଇ ସୁକିନ୍ଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ୧୭୦/୨୫ ରୁଜୁ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି । ଯାହାଫଳରେ ସୋନିଆ ଓ ତାର ପରିବାର ପ୍ରତି ବିପଦ ଦେଖାଦେଇଛି । ଶେଷରେ ନିରାଶ ହୋଇ ସୋନିଆ ତାର ଦୁଇ ପୁଅ ଓ ବାପାଙ୍କୁ ଧରି ଏସ୍ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୭, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୬, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୫।୭।୨୦୨୫, ଶ୍ରାବଣ ଦି୧୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୯।୫୭ ଚନ୍ଦ୍ରୋଦୟ- ପ୍ରାଘ ୫।୩୪।୧୬**


**ପ୍ରତିପଦ-** ରାଘ ୧୧।୨୩ ପର୍ଯ୍ୟନ୍ତ। **ପୁଷ୍ୟା ନକ୍ଷତ୍ର-** ଦିଘ ୪।୦୧ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୧୧।୨୩ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୬।୧୬ ମଧ୍ୟେ । ଦିଘ ୧୨।୧୯ ଗତେ ଘ ୨।୫୪ ମଧ୍ୟେ ।




**ମେଷ:** ଚାକିରି କ୍ଷେତ୍ରରେ କାର୍ଯ୍ୟରେ ପ୍ରତିରୋଧର ସମ୍ମୁଖୀନ ହେବେ। ଶତ୍ରୁମାନଙ୍କର ଅନେକ ଚେଷ୍ଟା ସତ୍ତ୍ୱେ ବି ସେମାନେ କିଛି କରିପାରିବେନାହିଁ। ପାରିବାରିକ ଜୀବନ ସୁଖମୟ ହୋଇପାରିବ।




**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିବ। ଯାନବାହାନ କ୍ରୟ କରିପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ମିଥୁନ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଏଣୁ ରୋଜଗାରର ମାତ୍ରା କମିଯିବ। ମହିଳାମାନେ ସ୍ୱାର୍ଥପର ହେବେ। ଦେହ ଓ ମନ ଭଲ ରହିବ। ଗୃହେ ସୁଖ ଓ ଆନନ୍ଦର ଲହରୀ ଖେଳିବ।




**କର୍କଟ:** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଉତ୍ତମ ଭୋଜନ ମଧ କରିପାରନ୍ତି। ପାରିବାରିକ ସୁଖ ସମ୍ମାନ ଲାଭ ହେବ। ରୋଜଗାର ମଧ୍ୟମ ଧରଣର ହେବ।




**ସିଂହ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ। ପୁରାତନ ରୋଗରୁ ସାମାନ୍ୟ ଉପଶମ ମିଳିପାରେ। ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବ୍ୟୟର ପରିମାଣ ଅଧିକ ହେବ।




**କନ୍ୟା:** ରୋଜଗାରର ପରିମାଣ ବଢ଼ିବ। ଶୁଭ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ନୂତନ ଦାୟିତ୍ୱ ହାତକୁ ନେଇ କାର୍ଯ୍ର କରିପାରନ୍ତି। ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହୋଇପାରେ।




**ତୁଳା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବେ। ଆୟରେ ଉନ୍ନତି ଦେଖାଦେବ। ପରିବାରରେ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ। ଲୋପ୍ରିୟତା ବୃଦ୍ଧି ପାଇବ।




**ବିଛା:** ପରଉପକାର କରି ଆନନ୍ଦିତ ହେବେ। ଯାନବାହାନ ଆଦି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇବେ। ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ।



**ଧନୁ:** ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ହେବ। ଦେହ ଓ ମନ ଭଲ ରହିବ। ମହିଳାମାନେ ଆନନ୍ଦମନା ହେବେ। ରୋଜଗାର ସ୍ଥିର ରହିବ। ପାରିବିରକ ଜୀବନ ସୁଖମୟ ହେବ।



**ମକର:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଶତ୍ରୁ ନାଶ ହୋଇପାରେ। ବ୍ୟୟ ସାମାନ୍ୟ ବଢ଼ିବାର ସୂଚନା।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତି ଲାଭ।



**ମୀନ:** ବିଚାର ବିମର୍ଷ ହୋଇ କାର୍ଯ୍ୟ କରିବା ଭଲ। ରୋଗରୁ ଆରୋଗ୍ୟ ଲାଭ କରିବେ। ବିବାଦୀୟ ଘଟଣା ଠାରୁ ଦୂରେଇ ରହିବା ଭଲ। ପରିବାରରେ ଆନନ୍ଦର ଲହରୀ ଖେଳିବାର ସୂଚନା।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୫୦ ସୁଦ୍ଧା ହଜାରେ କୋଟି ଛୁଇଁବା ଆଶଙ୍କା

୨୦୧୧ ମସିହାରେ ବିଶ୍ୱର ମୋଟ୍ ଜନସଂଖ୍ୟା ୭ ଶହ କୋଟି ଥିଲା । ମାତ୍ର ୧୪ ବର୍ଷ ମଧ୍ୟରେ ଏହି ସଂଖ୍ୟା ଆହୁରି ଶହେ କୋଟି ବୃଦ୍ଧି ପାଇଛି । ଜାତିସଂଘ ଆକଳନ କରିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ । ଜାତିସଂଘ ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮.୬ ଅରବ ବା ୮ଶହ ୬୦ କୋଟିରେ ପହଞ୍ଚିବ । ୨୦୫୦ ବେଳେ ଏହି ସଂଖ୍ୟା ୯.୮ ଅରବରେ ପହଞ୍ଚିପାରେ । ୨୧୦୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୧.୨ ଅରବରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ବିଶ୍ୱରେ କିଛି ଦେଶ ଅଛି ଯେଉଁମାନଙ୍କର ଜନସଂଖ୍ୟା ହ୍ରାସ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ୟୁକ୍ରେନରେ, ୨୦୨୨ରୁ ୨୦୨୩ ମଧ୍ୟରେ ଅର୍ଥାତ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ୮.୧୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ଜନସଂଖ୍ୟାରେ ଏହି ହ୍ରାସ ପଛରେ ମୁଖ୍ୟ କାରଣ ହେଉଛି ଦେଶରେ ଚାଲିଥିବା ଯୁଦ୍ଧ, ଯେଉଁଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ବହୁ ସଂଖ୍ୟକ ନାଗରିକ ଅନ୍ୟ ଦେଶକୁ ଚାଲିଯାଇଥିଲେ। ଜାପାନର ଜନସଂଖ୍ୟା ମଧ୍ୟ ୦.୫୦ ପ୍ରତିଶତ ହ୍ରାସ ପାଇଛି। ହେଲେ ଏଠାରେ ପରିସ୍ଥିତି ସାମାନ୍ୟ ଭିନ୍ନ । ଅନ୍ୟ ଦେଶରେ ପ୍ରବାସ ଏବଂ ଯୁଦ୍ଧ ଜନସଂଖ୍ୟା ହ୍ରାସର କାରଣ ହୋଇଥିବା ବେଳେ, ଜାପାନରେ କେବଳ କମ୍ ଜନ୍ମହାର ଜନସଂଖ୍ୟା ହ୍ରାସର କାରଣ । ସରକାରଙ୍କ ଦ୍ୱାରା ଅନେକ ପ୍ରୋତ୍ସାହନ ଯୋଜନା ଆରମ୍ଭ ହୋଇଛି, କିନ୍ତୁ ଏହା ସତ୍ତ୍ୱେ ଲୋକମାନେ ସନ୍ତାନ ଜନ୍ମ କରିବାରେ ଆଗ୍ରହ ଦେଖାଉ ନାହାଁନ୍ତି। ୟୁରୋପୀୟ ଦେଶ ଗ୍ରୀସରେ ମଧ୍ୟ ଜନସଂଖ୍ୟା ହ୍ରାସ ରେକର୍ଡ କରାଯାଇଛି। ଗୋଟିଏ ଦିନରେ ସେଠାରେ ୧.୬୦ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ସୈନ ମାରିନୋର ଜନସଂଖ୍ୟାରେ ୧.୧୦ ପ୍ରତିଶତ, କୋସୋବୋର ଜନସଂଖ୍ୟାରେ ୧ ପ୍ରତିଶତ ଏବଂ ବେଲାରୁସର ଜନସଂଖ୍ୟାରେ ୦.୬୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି। ବେଲାରୁସ ସହିତ, ବୋସନିଆ ଏବଂ ଆଲବାନିଆରେ ମଧ୍ୟ ସମାନ ହ୍ରାସ ପରିଲକ୍ଷିତ ହୋଇଛି। ୟୁକ୍ରେନ ଏବେ ବିଶ୍ୱର ଏପରି ଏକ ଦେଶ ପାଲଟିଛି ଯେଉଁଠାରେ ଜନସଂଖ୍ୟା ସବୁଠାରୁ ଦ୍ରୁତ ହାରରେ ହ୍ରାସ ପାଉଛି। ଯୁଦ୍ଧ ଯୋଗୁଁ ସେଠାରେ ହଜାର ହଜାର ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟକ ନାଗରିକ ଆଶ୍ରୟ ନେବାକୁ ଅନ୍ୟ ଦେଶକୁ ଯାଇଛନ୍ତି। ଏହି କାରଣରୁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏଠାକାର ଜନସଂଖ୍ୟା ୮ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏଠାରେ ନା ଯୁଦ୍ଧ ଅଛି ନା ପ୍ରବାସର କୌଣସି ବଡ଼ ସମସ୍ୟା ଅଛି । ଏହା ସତ୍ତ୍ୱେ ଏଠାରେ ପ୍ରତିବର୍ଷ ଜନସଂଖ୍ୟା ହ୍ରାସ ପାଉଛି। କାରଣ ହେଉଛି ସେଠାକାର ଲୋକଙ୍କ ଜୀବନଶୈଳୀ ଏବଂ ଚିନ୍ତାଧାରା। ଯୁବକମାନେ ବିବାହ କରିବା ଏବଂ ସନ୍ତାନ ଜନ୍ମ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସରକାରଙ୍କ ଦ୍ୱାରା ସମସ୍ତ ସୁବିଧା ଏବଂ ପ୍ରୋତ୍ସାହନ ଯୋଗାଇବା ପରେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ । ଯଦି ମହାଦ୍ୱୀପ କଥା ରହିବା ତେବେ ୟୁରୋପ ଏପରି ଏକ ମହାଦ୍ୱୀପ ଯେଉଁଠାରେ ଜନସଂଖ୍ୟା କ୍ରମାଗତ ଭାବରେ କମିଚାଲିଛି । ଅନ୍ୟପଟେ ଏସିଆର ଜନସଂଖ୍ୟାର ଦ୍ରୁତଗତିରେ ବଢି ଚାଲିଛି । ଭାରତ, ଚୀନ୍, ପାକିସ୍ତାନ୍ ଏବଂ ଇଣ୍ଡୋନେସିଆ ଭଳି ବଡ଼ ବଡ଼ ଦେଶଗୁଡ଼ିକ କାରଣରୁ ହିଁ ଏସିଆ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦ୍ୱୀପ ହୋଇପାରିଛି । ଯୁକ୍ତରାଷ୍ଟ୍ର ଅନୁସାରେ, ବର୍ତ୍ତମାନ ଗ୍ରୀସ୍ର ଜନସଂଖ୍ୟା ୧୦ ମିଲିଅନ୍ (୧ କୋଟି) ରହିଛି । ହେଲେ ୨୧୦୦ ମସିହା ସୁଦ୍ଧା ଏହା ୯ମିଲିଅନ୍ (୯୦ ଲକ୍ଷ) ହୋଇପାରେ । ସେହିପରେ ରୁଷ୍, ଇଟାଲୀ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ଗୁଡ଼ିକରେ ମଧ୍ୟ ଜନସମଖ୍ୟା ହ୍ରାସର ସମସ୍ୟା ଦେଖାଦେଉଛି । ଯଦି ଏହି ଦେଶ ଗୁଡ଼ିକରେ ଜନସଂଖ୍ୟାକୁ ସ୍ଥିର କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆ ନଯାଏ, ତେବେ ଭବିଷ୍ୟତରେ ଆର୍ଥିକ ଏବଂ ସାମାଜିକ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ ।

# ଆସନ୍ତା ବିପଦର ସଙ୍କେତ—ତୃତୀୟ ବିଶ୍ୱଯୁଦ୍ଧ ଆସୁଛି କି?



ଶେଖ୍ ଅବଦୁଲ ହନିଫ୍

ଆଜିର ବିଶ୍ୱ ଏକ ବିପଦଜନକ ସ୍ଥିତିରେ ପାଦ ଦେଇଛି, ଯେଉଁଠାରେ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଓ ପରସ୍ପର ମଧ୍ୟରେ ଅସନ୍ତୋଷ ଭୟଙ୍କର ଭାବେ ବଢ଼ି ଚାଲିଛି । ଏହି ସବୁ ଘଟଣା ଦେଖି ଲାଗୁଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଆସିପାରେ ଏବଂ ଏହା କେବଳ ଧାରଣା ନୁହେଁ, ବରଂ ବାସ୍ତବ ଆଶଙ୍କା। ଉଦାହରଣସ୍ୱରୂପ, ରୁଷ-ୟୁକ୍ରେନ ଯୁଦ୍ଧ ପ୍ରଥମେ ଏକ ସାଧାରଣ ଭୂମି ସଂଘର୍ଷ ଥିଲା, କିନ୍ତୁ ଏବେ ଏହା ଦକ୍ଷିଣ ଓ ପଶ୍ଚିମ ଶକ୍ତିମାନ ଦେଶମାନଙ୍କ ମଧ୍ୟରେ ଏକ ଯୁଦ୍ଧ ମଞ୍ଚର ଆକାର ନେଇଛି । ଏହା ଅନେକ ବର୍ଷ ଧରି ଚାଲିଛି ଏବଂ ଏଥିରେ ନାଟୋ, ଆମେରିକା, ଇଉରୋପ ମଧ୍ୟ ଜଡିତ । ଏପରି ଭାବରେ, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ତାଣ୍ଡବ ମଧ୍ୟ ବୃହତ୍ ଯୁଦ୍ଧର ଆଭାସ ଦେଉଛି, ଯେଉଁଥିରେ ମଧ୍ୟପ୍ରାଚ୍ୟ ଦେଶମାନେ ଏବଂ ଶକ୍ତିଶାଳୀ ଦେଶମାନେ ମଧ୍ୟ ଆକୃଷ୍ଟ ହେବାର ଆଶଙ୍କା ରହିଛି । ଆଜି ବିଶ୍ୱରେ ସାମରିକ ଖର୍ଚ୍ଚ ବଢି ଯାଉଛି ଦେଶମାନେ ନିଜ ନିଜ ଅସ୍ତ୍ର ଶକ୍ତି ବଢ଼ାଉଛନ୍ତି। ଆର୍ଥିକ ପ୍ରତିବନ୍ଧ, ସାଇବର ଆକ୍ରମଣ ଓ ନ୍ୟୁକ୍ଲିୟର ଅସ୍ତ୍ର ତିଆରି ସାଧାରଣ ଘଟଣା ହୋଇଯାଇଛି। ଏହି ସବୁ ଅନ୍ତର୍ଜାତୀୟ ସମ୍ପର୍କକୁ ଧ୍ୱଂସ କରୁଛି ଏବଂ ବିଶ୍ୱ ସୁନ୍ଦର ଭବିଷ୍ୟତ ପାଇଁ ବଡ଼ ସମସ୍ୟା ହୋଇଯାଇଛି । ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତେବେ ଏହାର ପରିଣାମ ବିପଜ୍ଜନକ ହେବ । ଲକ୍ଷ-ଲକ୍ଷ ଜୀବନ ନଷ୍ଟ ହେବ, ସହରଗୁଡ଼ିକ ଧ୍ୱଂସ ହେବ ଓ ଆର୍ଥିକ ବ୍ୟବସ୍ଥା ପୁରାପୁରି ଭାଙ୍ଗିପଡ଼ିବ । ଖାଦ୍ୟ ଓ ଇନ୍ଧନ ଦାମ ବଢ଼ିବ, ଚାକିରି ମିଳିବନି, ବେକାରୀ ସଂଖ୍ୟା ବଢିଯିବ। ଲୋକମାନେ ଦାରିଦ୍ର୍ୟ କଷାଘାତରେ ଅସ୍ତବ୍ୟସ୍ତ ହୋଇ ପଡ଼ିବେ । ପରିବେଶ ଓ ପ୍ରକୃତି ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବିଶ୍ୱକୁ ଶାନ୍ତି ଓ କୂଟନୈତିକ ପଥ ଅନୁସରଣ କରିବା ଆବଶ୍ୟକ । ସେଥିପାଇଁ ଅନୁରୋଧ କରାଯାଉଛି ଯେ ଦେଶମାନେ ଅସ୍ତ୍ର ନୁହେଁ, ବାର୍ତ୍ତା ଓ ସମ୍ବାଦରେ ଅଧିକ ଆସ୍ଥା ରଖନ୍ତୁ । ଆମେ ଯଦି ଏବେ ସଚେତନ ନ ହେବା, ତେବେ ଆସନ୍ତା ଦିନରେ ଏଥିପାଇଁ ବହୁତ ମୂଲ୍ୟ ଦେବାକୁ ପଡ଼ିପାରେ ।



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୦)

## (ଏକ ଐତିହାସିକ ଉପସ୍ଥାପନା)

କାହିଁ ଗଙ୍ଗାକୂଳରୁ ଚାଲିଛି ଏ ଅପ୍ରତିହତ ଯାତ୍ରା ବିଶର ମହାନ୍ତିଙ୍କର। କାହିଁରେ କେତେ ତାଙ୍କ ଶରୀରରୁ ନିର୍ଗତ ହୋଇଯାଇଛି ଅସୁମାରୀ ଶ୍ରମ ଝାଳ, କେତେ ବିନିଦ୍ର ରଜନୀ ମଧ୍ୟରେ ଚକ୍ଷୁରୁ ନିର୍ଗତ ହୋଇଯାଇଛି ବେଦନା ବିଧୂର ଅବିଶ୍ରାନ୍ତ ଅଶ୍ରୁପାତ। ଅଧପ୍ରାନ୍ତର ନିରାଶ୍ରୟ ପଥିକ ପରି ଦୃଷ୍ଟି ଲମ୍ବିଯାଇଛି କେଉଁ ଅଜଣା ଗହନ କାନ୍ତାର ମଧ୍ୟକୁ। ଲକ୍ଷ୍ୟସ୍ଥଳ କେବଳ ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥଙ୍କୁ କିପରି ଉଦ୍ଧାର କରି ମାତୃଭୂମିରେ ପ୍ରତିଷ୍ଠା କରିବେ। କେବେ ସମାପ୍ତ ହେବ ବିଶର ମହାନ୍ତିର ଏ ଦୁର୍ବୋଧ, ଅଚିନ୍ତ୍ୟ, ଅବ୍ୟକ୍ତ, ଅକଳ୍ପନୀୟ ସଂଘର୍ଷ। ସେ କଥା କେବଳ ସେହି ପରମ ପୁରୁଷୋତ୍ତମ ମହାପ୍ରଭୁଙ୍କୁ ଜଣା। ପ୍ରତିଟି ନିଃଶ୍ୱାସରେ ଜଗନ୍ନାଥ, ପ୍ରତିଟି କର୍ମରେ ଜଗନ୍ନାଥ, ପ୍ରତିଟି ଜଳ ବିନ୍ଦୁରେ ଜଗନ୍ନାଥ । ପ୍ରତିଟି ଆଦ୍ୟ କଣିକାରେ ମହାପ୍ରଭୁଙ୍କର ମହାପ୍ରସାଦର ଅମୃତମୟ ସ୍ୱାଦ। ଏତକ ମହାର୍ଘ ଚେତନା ନଥିଲେ ରକ୍ତ ମାଂସ ଦେହଧାରୀ ଜଣେ ମଣିଷ କ'ଣ ଏହି ଦୁର୍ଭେଦ୍ୟ ସଂଘର୍ଷର ଅତ୍ୟୁଚ୍ଚ ସ୍ତରକୁ ଅତିକ୍ରମ କରି ପାରିବ ? ତେଣୁ ବିଶରଙ୍କ ଚକ୍ଷୁରେ ସର୍ବତ୍ର ଜଗନ୍ନାଥମୟ ଦୃଶ୍ୟମାନ ହେଉଛି। ହଠାତ୍ ଚେତନାର ଦୃଶ୍ୟ ପଟ୍ଟକୁ ଆସିଗଲାଣି ଜଟାଧାର ନଦୀ। ନଦୀଟି ଦୃଶ୍ୟମାନ ହେଉଛି ବିଶାଳକାୟ ଆଉ ତା' ବକ୍ଷ ଦେଶରେ ଦୃଶ୍ୟମାନ ବି ହେଉଛି ଭୀମକାନ୍ତ ତରଙ୍ଗ। ତରଙ୍ଗର ତାଳଦେଇ କ୍ରୀଡା କରୁଛନ୍ତି ଜଳଚର ପକ୍ଷୀ। ଶହ ଶହ ମାଛରଙ୍କା ପକ୍ଷୀଙ୍କର ସମ୍ଭୋଗ ଲୀଳାରେ ନୀଳଆକାଶଟା ବଡ ବିଚିତ୍ର ଦୃଶ୍ୟମାନ ହେଉଛି। ନଦୀର ପାର୍ଶ୍ୱବର୍ତ୍ତୀ ଧାରକୁ ସ୍ପର୍ଶ କରି ଜଣେ ନାଉରୀଆ ତା'ର ନୌକାରେ ତିନିଜଣ ଲାସ୍ୟମୟୀ ଯୁବତୀଙ୍କୁ ବହନ କରି ବାହୁଛି ନୌକା। ବିଭିନ୍ନ ଅରଣ୍ୟ ପୁଷ୍ପରେ ସୁସଜ୍ଜିତ ହୋଇଛି ନୌକାଟି। ବିଶର ବିମୁଗ୍ଧ ହୋଇ ଦେଖୁଥିବା ବେଳେ ତାଙ୍କର ମନେ ପଡୁଛି ରାମାୟଣର ଗୋଟିଏ ଅବିସ୍ମରଣୀୟ ଘଟଣା। ରାଜା ଲୋମାପାଦଙ୍କ ରାଜ୍ୟରେ ଦୀର୍ଘ ବାରବର୍ଷ ଧରି ଅନାବୃଷ୍ଟି ହୋଇଥିଲା। ଲୋମପାଦ ପ୍ରଜାମାନଙ୍କର ଭୋକିଲା ଚିତ୍କାରକୁ ସହି ନପାରି କିପରି ତାଙ୍କ ରାଜ୍ୟରେ ବୃଷ୍ଟିହେବ ଏବଂ ପ୍ରଜାମାନେ କିପରି ସୁଃଖରେ ଜୀବନ ଧାରଣ କରିବେ, ସେଥିପାଇଁ ପ୍ରତିକାର କରିବା ନିମନ୍ତେ ବହୁ ବିଦ୍ୱାନ୍, ପଣ୍ଡିତ, ଋଷି, ମହର୍ଷୀ ମାନଙ୍କର ପରାମର୍ଶ ଲୋଡିଲେ। ସମସ୍ତ ପଣ୍ଡିତମାନେ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ ନିବିଡ ଅରଣ୍ୟ ମଧ୍ୟରେ ତପସ୍ୟା କରୁଥିବା ବ୍ରହ୍ମର୍ଷୀ ଋଷ୍ୟଶୃଙ୍ଗ ଯଦି ଆସି ଲୋମପାଦଙ୍କ ରାଜ୍ୟରେ ଯଜ୍ଞ କରିବେ ତେବେ ଯାଇ ରାଜ୍ୟରେ ବର୍ଷା ହେବ ଏବଂ ପୁନର୍ବାର ରାଜ୍ୟ ଶସ୍ୟ ଶ୍ୟାମଳା ଭୂଖଣ୍ଡରେ ପରିଣତ ହେବ। ଲୋମପାଦ ଋଷ୍ୟ ଶୃଙ୍ଗଙ୍କୁ ଆଣିବ କିଏ ? ଏହିପରି ଚିନ୍ତା କରି କରି ଲୋମପାଦ ବିଚଳିତ ହୋଇ ପଡୁଥିବା ବେଳେ ପଣ୍ଡିତମାନେ ତାଙ୍କୁ ଗୋଟିଏ ସୁପରାମର୍ଶ ଦେଇ କହିଲେ ହେ ରାଜନ ! ଋଷ୍ୟଶୃଙ୍ଗ ହେଉଛନ୍ତି ଆଜନ୍ମ ତପସ୍ୱୀ ଓ ବ୍ରହ୍ମଚାରୀ, ତପସ୍ୟାହିଁ ତାଙ୍କର ଜୀବନ, ତପସ୍ୟା ହିଁ ତାଙ୍କର ମହାଶକ୍ତି, ସେ ଜୀବନବ୍ୟାପି କୌଣସି ନାରୀର ମୁଖ ମଣ୍ଡଳ ଦର୍ଶନ କରିନାହାନ୍ତି। ତେଣୁ ତୁମେ ଏପରି ଏକ ସୁନ୍ଦରୀ ନାରୀକୁ ତାଙ୍କ ନିକଟକୁ ପଠାଅ, ଯାହାର ସମ୍ମୋହନ, ବାହୁବନ୍ଧନର ବିପୁଳ ଆକର୍ଷଣରେ ଋଷ୍ୟଶୃଙ୍ଗ ବିଭୋର ହୋଇ ତୁମରାଜ୍ୟକୁ ଆଗମନ କରିବେ। ଏହାପରେ ଆଉ ଗୋଟିଏ କଥା ତୁମେ ମନେ ରଖିବ, ଯେଉଁ ସୁନ୍ଦରୀ ଲଳନାକୁ ପଠାଇବ ସେହି ଲଳନା ଯେପରି ସତର୍କ ରହିବ। ଯେତେବେଳେ ତାଙ୍କ ପିତା ବିଭାଣ୍ଡକ ଆଶ୍ରମରେ ଅନୁପସ୍ଥିତ ଥିବେ ଠିକ୍ ସେହି ସମୟରେ ଏ ସୁନ୍ଦରୀ ଲଳନାଟି ତାଙ୍କ ଅନାବୃତ ଶରୀରରେ ଋଷ୍ୟଶୃଙ୍ଗଙ୍କୁ ନିବିଡ ଆଲିଙ୍ଗନ ମାଧ୍ୟମରେ ଏ ରାଜ୍ୟକୁ ନେଇ ଆସିବେ। ଏହା ବ୍ୟତୀତ ଆଉ କୌଣସି ସୁଗମ ଉପାୟ ନାହିଁ ଲୋମପାଦ। ହେ ରାଜନ ! ଏ ଦୁନିଆରେ ନାରୀ ଯାହା କରିପାରିବ ତାହା କୌଣସି ଶକ୍ତିଶାଳୀ ପୁରୁଷ ପୁଙ୍ଗବ କରିପାରିବ ନାହିଁ। କାରଣ ଏ ଦୁନିଆରେ କେତେ କେତେ ବିଦ୍ୱାନ, ମହାନ ବ୍ୟକ୍ତିମାନଙ୍କୁ ନାରୀର ସମ୍ମୋହନ, ନାରୀର ଆଲିଙ୍ଗନ ପାଗଳ କରିଦେଇଛି, ପ୍ରଳୟ କରିଦେଇଛି।

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

# ଭୟ

ମଣିଷ ତା' ଜନ୍ମ ସୂତ୍ରରେ ମାତ୍ର ଦୁଇଟି ସହଜାତ ଭୟ ନେଇ ପୃଥିବୀକୁ ଆସେ। ଏ ଦୁଇଟି ଭୟ ହେଲା: ଉଚ୍ଚ ଶବ୍ଦର ଭୟ (ଫୋନୋଫୋବିଆ; ଗ୍ରୀକ ଭାଷାରେ 'ଫୋନୋ' ଅର୍ଥ ଶବ୍ଦ; ଆଉ 'ଫୋବିଆ' ହେଲା ଭୟ ) ଏବଂ ଉଚ୍ଚତାର ଭୟ (ଏକ୍ରୋଫୋବିଆ; ଗ୍ରୀକ ଭାଷାରେ 'ଏକ୍ରୋ' ଅର୍ଥ ହେଲା ଶିଖର ବା ଉଚ୍ଚତମ ସ୍ଥାନ । ଅନେକେ ଏହାକୁ 'ଭର୍ଟିଗୋ' ବୋଲି କହନ୍ତି। ତାହା ଭୁଲ । ଭର୍ଟିଗୋ ହେଲା ଏକ୍ରୋଫୋବିଆର ଏକ ଲକ୍ଷଣ )। ଏଗୁଡିକ ଜୀବ ବୈଜ୍ଞାନିକ ପ୍ରତିକ୍ରିୟା ଯାହା ମଣିଷ ବଞ୍ଚି ରହିବାର ପ୍ରାଥମିକ ପ୍ରବୃତ୍ତିର ଅଂଶ।

ଏହାକୁ ଛାଡି ବାକି ଯେତେ ଭୟ- ଭୂତ ଭୟ, ଇଶ୍ୱରଙ୍କର କ୍ରୋଧର ଭୟ, ପାପପୁଣ୍ୟର ଭୟ, ଜନ୍ମମୃତ୍ୟୁଚକ୍ରର ଭୟ, ଜୀବଜନ୍ତୁଙ୍କ ଭୟ- ଏସବୁ ମଣିଷ ଶିଖେ ତା ପରିବାର ଏବଂ ସମାଜରୁ। ମଣିଷ ଯେଉଁ ସାଂସ୍କୃତିକ ପରିବେଶରେ ଜନ୍ମ ନେଇଛି, ବଢିଛି - ତାର ମଧ୍ୟ ଏଥିରେ ବଡ଼ ଭୂମିକା ରହିଛି । ଗୋଟେ ଶିଶୁ ଜାଣେ ନାହିଁ ଭୂତ ବୋଲି କିଛି ଅଛି । ଜଣେ ଶିଶୁ ଇଶ୍ୱର ରାଗିଯିବେ ଏମିତି ଭାବିପାରେ ନାହିଁ । ତାକୁ ଏସବୁ ଶିଖା ହୁଏ । ତାକୁ କୁହାହୁଏ ଯେ ଏମିତି କରନା ପାପ ହବ, ସେମିତି କହନା ଇଶ୍ୱର ରାଗିଯିବେ । ରାତିରେ ଏକା ବାହାରକୁ ବାହାରିବୁ ନାହିଁ । ଭୂତ ଧରିନେଇ ଯିବ । କିଛି ଭୟ ଶିଶୁକୁ ଶୃଙ୍ଖଳିତ କରିବା ପାଇଁ ତା ଭିତରେ ପୁରେଇ ଦିଆଯାଏ, ଆଉ କିଛି ଭୟ ତାକୁ ନିୟନ୍ତ୍ରଣ କରିବା ପାଇଁ । ଏହିସବୁ ଭୟରୁ କିଛି ଭୟ ସେ ବଡ଼ ହେଲେ ଆପେ ଆପେ ଭାଙ୍ଗିଯାଏ ଆଉ କିଛି ଶିଶୁ ମନରେ ଧୀରେ ଧୀରେ ଗୁନ୍ଥି ହୋଇଯାଏ ଏବଂ କ୍ରମଶଃ ମହୀରୁହ ପରି ବଢ଼େ ।

କ୍ରମଶଃ ଏ ଭୟ ହେଇଯାଏ ନିୟନ୍ତ୍ରଣର ହତିଆର । ଧର୍ମ ଯେତେବେଳେ ଏକ ସାମାଜିକ ଇନଷ୍ଟିଚ୍ୟୁସନ ହୋଇ ଉଠେ, ସେତେବେଳେ ନିୟନ୍ତ୍ରଣ ଆବଶ୍ୟକ ପଡ଼େ। ଲକ୍ଷ୍ୟ କଲେ ଜାଣିବେ, ସେଠି ଭକ୍ତି ନୁହଁ, ଭୟ ସବୁଠୁ କାର୍ଯ୍ୟକର ନିୟାମକ । ଇଶ୍ୱରଙ୍କର ଅସ୍ତିତ୍ୱ ପ୍ରମାଣ କରିହୁଏ ନାହିଁ କିନ୍ତୁ ଇଶ୍ୱରଙ୍କର ଶାସ୍ତିର ଗଳ୍ପରେ ଇଶ୍ୱରଙ୍କ ଉପରେ ବିଶ୍ୱାସ ଜନ୍ମେଇ ହୁଏ । ତେବେ ଏହା ଫଳରେ ଇଶ୍ୱର ଆଉ କରୁଣାମୟ, ରକ୍ଷାକର୍ତ୍ତା ହେଇ ରହନ୍ତି ନାହିଁ । ସେ ହେଇ ଉଠନ୍ତି ଜଣେ ଅଦୃଶ୍ୟ ପୋଲିସ୍ ଯାହାଙ୍କ ହାତରେ ଗୋଟେ ଲାଠି ଅଛି, ସେ ଚାହିଁଲେ ଜଣକୁ ଦଣ୍ଡ ଦେଇପାରନ୍ତି। ତାଙ୍କ ହାତରେ ଗୋଟେ ଚାବିକାଠି ଅଛି ତାହା ଜଣେ ଲୋକକୁ ସ୍ୱର୍ଗ କିମ୍ବା ନର୍କକୁ ଜଣକୁ ପଠେଇ ପାରେ ।

ସେମିତି ଭୂତ, ପ୍ରେତ, ରାକ୍ଷସ ଅଶରୀରୀ ଆତ୍ମାର ଭୟ । ଏମାନଙ୍କୁ କେବେ କେହି ଦେଖି ନାହାନ୍ତି, କେହି ଏମାନଙ୍କ ଅବସ୍ଥିତି ପ୍ରମାଣ କରିପାରି ନାହାନ୍ତି । ତଥାପି ସମାଜ ତାକୁ କଳ୍ପନାରେ ଏମିତି ଭାବରେ ସଜେଇଛି ଯେମିତି ଏଗୁଡିକ ହେଲା ବାସ୍ତବ । ଏବଂ ଏ ଭୟକୁ ପୁଞ୍ଜି କରି ଏକ ବିଶାଳ ବାଣିଜ୍ୟ ଗଢି ଉଠିଛି ।

ଭୟ ତିଆରି କରାହୋଇଛି କେବଳ ନିୟନ୍ତ୍ରଣ ପାଇଁ । ପ୍ରଶ୍ନ ଉଠିପାରେ ଯେଉଁ ଭୟକୁ ମଣିଷ ଜନ୍ମରୁ ନେଇକି ଆସିନାହିଁ ବା ଜନ୍ମ ବେଳେ ତାହା ନଥାଏ, ତାକୁ କାହିଁକି ଆମେ ଏତେ ଯତ୍ନରେ ଶିଖାଉ । ଉତ୍ତର ହେଲା ଭୟ ମାଧ୍ୟମରେ ନିୟନ୍ତ୍ରଣ ସହଜ । ଯୁକ୍ତି ସେଠି ବ୍ୟର୍ଥ । ଅଥଚ 'ସତ୍ୟ'ରେ ସ୍ୱାଧିନ ଚିନ୍ତା ଗଢ଼ି ଉଠେ । ଭୟକୁ ଦୂର କରି, ପ୍ରଶ୍ନକରି, ଯୁକ୍ତିର ଆଲୋକରେ ପଥ ଖୋଜି ସତ୍ୟ ଆସେ । ତେଣୁ ଭୟ ନୁହଁ ପ୍ରଶ୍ନ କରନ୍ତୁ । ଇଶ୍ୱର, ଭୂତ, ଧର୍ମ ସବୁକିଛିକୁ ପ୍ରଶ୍ନ କରନ୍ତୁ । କାରଣ ଯେଉଁମାନେ ପ୍ରଶ୍ନ କରନ୍ତି ନାହିଁ ସେହିମାନେ ସବୁଠୁ ଅଧିକ ଡରନ୍ତି। ଭୟ ପାଆନ୍ତି ।



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail : mayadharnayak2014@gmail.com

# ଅଦୃଶ୍ୟ ଶତ୍ରୁ

ସତ୍ୟ, ତ୍ରେତେୟା, ଦ୍ୱାପର, କଳିକାଳରେ ଯେତେ ଯୁଦ୍ଧ ହୋଇଯାଇଛି - ଶତ୍ରୁକୁ ଜାଣି ହେଉଥିଲା – କିନ୍ତୁ ଏ ମହାକଳିକାଳରେ କରୋନା ଭଳି ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ମଣିଷର ମହାଯୁଦ୍ଧ ଆରମ୍ଭ ହୋଇଯାଇଛି। କଳିଯୁଗ ସଂପର୍କରେ ଉଣାଅଧିକେ ସମସ୍ତେ ଜାଣନ୍ତି। ସେଇ କଳିଯୁଗର ଶେଷ ଦୃଶ୍ୟ ମହାକଳିକାଳ। ଯୁଦ୍ଧ ଏବେ ଆଖିକି ଦେଖାଯାଉଥିବା ଶତ୍ରୁ ବିରୁଦ୍ଧରେ ନୁହେଁ - ଅଦୃଶ୍ୟ ଭୂତାଣୁ ବିରୁଦ୍ଧରେ। ସମ୍ପ୍ରତି ଅର୍ଥନୀତି, ସାମାଜିକ ସ୍ଥିତି ସଂପୂର୍ଣ୍ଣ ବିଗିଡି ଯାଇଛି। ୨୦୦୮-୦୯ରେ ହୋଇଥିବା ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ବିଶ୍ୱବାସୀଙ୍କୁ ତଳିତଳାନ୍ତ କରିଦେବାପରେ କିଛିଟା ସୁଧାରି ଯାଉଥିଲା। ୨୦୨୩ରେ ସମଗ୍ର ବିଶ୍ୱର ଅର୍ଥନୀତି ଧ୍ୱଂସ ଆଡକୁ ଗତି କରୁଛି। ସେଥିରୁ ମୁକୁଳି ନ ପାରିଲେ ସମଗ୍ର ବିଶ୍ୱରେ ଦୁର୍ଭିକ୍ଷ ଅବସମ୍ଭାବିକ୍ ହୋଇପଡିବ।

ବିଶ୍ୱ ମହାମାରୀ ଆରମ୍ଭ ହେବାକୁ ଯାଉଛି ଆମେରିକାରୁ। ଏ ଖବର ଆମର ନୁହେଁ – ୱାଶିଂଟନ୍ ହାର୍ୱାର୍ଡ ଲ' ସ୍କୁଲ ଓ ନ୍ୟୁୟର୍କ ୟୁନିଭରସିଟିର ଏକ ରିପୋର୍ଟରେ ଦାବି କରାଯାଇଛି। ଆମେରିକାର ନିୟମକାନୁନ ଢିଲା – ଲୋକେ ବେପରୁଆ, ପ୍ରାଣୀମାନଙ୍କ ଠାରୁ ମଣିଷକୁ ଭୂତାଣୁ ଡେଇଁବା ଓ ମହାମାରୀ ସୃଷ୍ଟି କରିବା ସହଜ। ଜଗତିକରଣ ଜରିଆରେ ଅନ୍ୟ ଦେଶକୁ ସଂଚାରିତ ହୋଇପାରେ! କୋଭିଡ୍ ପରି ମହାମାରୀ ବ୍ୟାପିଯିବ।

ଅଧିକାର ଓ ଅଙ୍ଗିକାର - ଏହି ଉଭୟ ଅବବୋଧରୁ ଏବେବି ବହୁ ଦୂରବର୍ତ୍ତୀ ବିଶ୍ୱ ଭାବବୋଧ। କଥାକଥିତ ଗିଲୋଟିନ୍‌ରେ ଅହୋରାତ୍ର ଜର୍ଜରିତ ଆମର ଜୀବନତନ୍ତ୍ର। ଜଘନ୍ୟ ଓ ଜାନ୍ତବ ହୋଇପଡିଛି ଆମ ଜୀବନଶୈଳୀ। ଏଠାରେ ଏକ ଉଦାହରଣ ଦିଆଯାଇପାରେ ଯେ - ମାଇକେଲ୍ ଜାକ୍‌ସନ୍, ଯାହାର ସଂଗୀତର ମୂର୍ଚ୍ଛନାରେ ସାରା ବିଶ୍ୱ ମତୁଆଲା ହୋଇଯାଇଥିଲା। ଅଜସ୍ର ଅର୍ଥ ଉପାର୍ଜନ କରୁଥିଲେ। ହଠାତ୍ ତାଙ୍କ ମୁଣ୍ଡକୁ ଏକ ଅଜବ ଚିନ୍ତା ପ୍ରବେଶ କଲା। ସେ ୧୫୦ ବର୍ଷ ବଂଚିବେ। ନିଜ ଘରେ ପାଦଠୁଁ ମୁଣ୍ଡବାଳ ପର୍ଯ୍ୟନ୍ତ ସବୁ ରଖିଥିଲେ। ସେ କଳା ଥିବାରୁ ୧୯୮୭ ମସିହାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇଲେ। ନିଜର କଳା ବାପ, ମା'କୁ ଛାଡି ଭଡାରେ ଗୋରା ବାପ, ମା' ରଖିଲେ। ପ୍ଲାଷ୍ଟିକ୍ ସର୍ଜରୀ ଯୋଗୁଁ ଅକ୍ସିଜେନ୍ ବେଡ୍‌ରେ ଶୋଉଥିଲେ। ମେଡିସିନ୍ ଖାଇଖାଇ ଦେହ ଅବଶ ହୋଇପଡିଲା। ଶେଷରେ ୨୫ ଜୁନ୍ ୨୦୦୯ରେ ୫୦ ବର୍ଷରେ ମରିଗଲେ। ସାରା ସହରର ଡାକ୍ତର ଜମାହେଲେ। କେହି ଆଉ ତାଙ୍କୁ ବଂଚାଇ ପାରିଲେନାହିଁ। ଏଠାରେ ଜାକ୍‌ସନ୍‌ଙ୍କର ଅର୍ଥ, ସମ୍ପତ୍ତି କିଛି କାମ ଦେଲାନି।

ଜୀବଜଗତରେ ଜନ୍ମ ହେଲେ ମୃତ୍ୟୁ ଅବଧାରିତ। ଜନ୍ମରେ ଆନନ୍ଦ, ମୃତ୍ୟୁରେ ଦୁଃଖ, ଏ ସବୁ ଖେଳାଲୀଳା ଲାଗିରହିଛି। ସ୍ୱାଭାବିକ ମୃତ୍ୟୁ ଅଲଗା କଥା। ଅସ୍ୱାଭାବିକ ମୃତ୍ୟୁ ହେଲେ ଛାନିଆ ପଶିଯାଏ।

ସମଗ୍ର ବିଶ୍ୱ ଆଜି ଜ୍ୱଳନ୍ତ ଜତୁଗୃହ। ସବୁଠି ନିଆଁ ଲାଗିଛି – ସବୁଠି ନିଆଁ ଜଳୁଛି – ମଶାଣିରେ, ମନ୍ଦିରରେ, ମସଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନରେ, ଗାଁଗଣ୍ଡାରେ, ସହରରେ – ସବୁଠି ମଣିଷ ମନରେ ନିଆଁ ଲାଗିଛି - ନିଆଁ ଲାଗିଛି ପ୍ରବଞ୍ଚିତ ଜନତାର ସଞ୍ଚିତ ସ୍ୱପ୍ନରେ! ସବୁଦେଶର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରୀ। ଯେଉଁଠି ଚାହିଁଲେ ବି କେବଳ ଗଦା ଗଦା ନୈରାଶ୍ୟ, ଆତଙ୍କର ଅପଚ୍ଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ।

କେବଳ ଭୟ, କଷ୍ଟ, ମୃତ୍ୟୁ ଛଡା ଆଉ କିଛି ଦେଖାଯାଉନି। ଏଭଳି ଏକ କାଳଖଣ୍ଡରେ ଆମେ ପହଂଚିଯାଇଛେ – ସତେ ଯେମିତି କଳିକାଳ ପରେ ମହାକଳିକାଳ ମାଡିଆସିଛି। ଆମେ ସବୁ କଳିଯୁଗର ମଣିଷ। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର କଥା ଶୁଣିଆସୁଛେ। ଏ ତିନିଯୁଗ ପରେ କଳିଯୁଗରେ କ'ଣ କ'ଣ ସବୁ ଘଟିବ, ସେସବୁ କଥା ମହାପୁରୁଷମାନେ କହିଯାଇଛନ୍ତି। ସେହି ମହାପୁରୁଷମାନଙ୍କ ବାଣୀ ଆମେ ଶୁଣି ମଧ୍ୟ ଅଶୁଣା ଥିଲୁ। ଏବେ କରୋନା ଆମକୁ ବାଧ୍ୟ କରୁଛି ଶୁଣିବାକୁ, ଭୋଗିବାକୁ। ତା'ହେଲେ ସତେ କ'ଣ ଏ ଜୀବଜଗତ ଜଡଜଗତରେ ଲୀନ ହୋଇଯିବ? ନା – ମଣିଷ ବଂଚିବ। ଏଇ ବିଶ୍ୱର ପାଖାପାଖି ଆଠ ଶହ କୋଟି ମଣିଷଙ୍କ ଭିତରୁ ହୁଏତ ଅଧାଅଧି ଲୋପ ପାଇଯାଇପାରେ। କିନ୍ତୁ ଯେଉଁମାନେ ବଂଚିବେ, ସେମାନେ ଏ ମହାବିପଦରୁ ଉତୀର୍ଣ୍ଣ ହୋଇ ସବୁ ଦୁର୍ଗୁଣ ଛାଡିବାକୁ ବାଧ୍ୟ ହେବେ। ହୁଏତ ସେତେବେଳକୁ ମହାକଳିକାଳ ଶେଷ ହୋଇ ପୁନଶ୍ଚ ସତ୍ୟ ଯୁଗ ଆରମ୍ଭ ହୋଇଯାଇଥିବ। ଏ ବିପଦ ସମୟରେ କଷ୍ଟ ଆଉ ମୃତ୍ୟୁକୁ ଆମେ ଭୟ କରିବାନି। ଯାହା ହେବାର ଥିବ ହେବ। ମୃତ୍ୟୁ ପୂର୍ବରୁ ଆମେ ଶହେଥର ମରିବା କାହିଁକି? ବେଳ ଆସିଯାଇଛି – ଆମର ଯେତେସବୁ ଦୁର୍ଗୁଣକୁ ଛାଡି ସୁଗୁଣ ଆଦରି ନେବା, ତା'ହେଲେ ଆମେ ହେବା ଜଗତଜିତା।

ଆମେ କିଭଳି ପୃଥିବୀ ଚାହୁଁଛେ? ଯେଉଁଠି ଭୋକ ଆଉ ରୋଗ ନଥିବ, ସେଇଭଳି ପୃଥିବୀ ଚାହୁଁ। ଭୋକ ଓ ରୋଗ ଏ ଧରଣୀବକ୍ଷରୁ ପୋଛିଦେବାକୁ ହେବ। ଆମ ପ୍ରିୟ ବିଶ୍ୱର ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ଼ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ।

ଆଜି ସମଗ୍ର ବିଶ୍ୱରେ କୋଟିକୋଟି ଜନଗଣ ଭୋକ, ଶୋଷ, ରୋଗ, ବୈରାଗ୍ୟ, ଅଭାବ, ଅନଟନ, ବେକାରି, ଈର୍ଷା, ହିଂସା, ରକ୍ତପାତ, ନାରୀଧର୍ଷଣ, ଶିଶୁହତ୍ୟା, ଭ୍ରୂଣହତ୍ୟା, ଚୋରି, ଡକାୟତି, ରାହାଜାନି, ହତାଶା, ନିରାଶା, ଦୁଃଖଯନ୍ତ୍ରଣାରେ ଜର୍ଜରିତ। କ୍ଷମତା, ଅର୍ଥ ପାଇଁ ବହୁ ଲୋକ ଅର୍ଦ୍ଧପାଗଳ, ବଦ୍ଧପାଗଳ। ପୃଥିବୀର ଯେକୌଣସି ସ୍ଥାନରେ ଠିଆ ହୋଇ ଟେକାଟିଏ ଫିଙ୍ଗିବ, ଯେଉଁଠି ପଡିବ ସେ ମାଟିରେ ଜଣେ ଦି'ଜଣଙ୍କୁ ଛାଡିଦେଲେ ଆଉ ସବୁ ସ୍ୱାର୍ଥର କଡ଼ିବେଡ୍ଡି ଶିକୁଳିରେ ଆଜୀବନ କଏଦୀ। ସେମାନଙ୍କ ଆଶା, ଆକାଂକ୍ଷା ପୂରଣ ହୋଇପାରୁନଥିବାରୁ ସେମାନେ ହତାଶା, ନିରାଶାରୋଗରେ ଆକ୍ରାନ୍ତ। ଜୀବନରୁ ଶାନ୍ତି ଉଭେଇଯାଇଛି। ସ୍ୱାର୍ଥସର୍ବସ୍ୱ ତଥା ସଂକୀର୍ଣ୍ଣ କାମନାଜର୍ଜରିତ ଆଶା, ଆକାଂକ୍ଷା ପୂରଣ ପାଇଁ ଜୀବନସାରା ମିଛ, ମାୟା, ମରୀଚିକା ପଛରେ ଗୋଡେଇଗୋଡେଇ ପ୍ରାଣ ଚାଲିଯାଉଛି।

ଅଢେଇହଜାର ବର୍ଷ ତଳେ ଅବିସ୍ମରଣୀୟ ବୁଦ୍ଧଦେବ ସଂସାରମୋହ ତ୍ୟାଗ କରି ଅଶ୍ୱତ୍‌ଥ ଗଛମୂଳେ ସାଧନାରତ ରହି ବୋଧିପ୍ରାପ୍ତ ହୋଇଥିଲେ। ତାଙ୍କ ଶ୍ରୀମୁଖରୁ ମାନବସମାଜ ପାଇଁ ମନ୍ତ୍ର ଉଚ୍ଚାରଣ କଲେ : କାମନାର ବିନାଶରେ ଦୁଃଖର ବିନାଶ।

ଏହି ବିଶ୍ୱରେ ଶତକଡା ୯୫ ଭାଗ ଶ୍ରମଜୀବୀ ମଣିଷକୁ ମହାନ୍ ସାମାଜବିଜ୍ଞାନୀ ତଥା ଯୁଗାନ୍ତକାରୀ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ବିପ୍ଳବବିତ୍ ଦାର୍ଶନିକ କାର୍ଲ ମାର୍କସ୍ ଆହ୍ୱାନ ଦେଇଥିଲେ : ଦୁନିଆର ଶ୍ରମିକ ଏକ ହୁଅ, ବଂଚିବା ପାଇଁ ଲଢେଇ କର।

କାର୍ଲ ମାର୍କସ୍‌ଙ୍କ ବହି ପଢି ତାଙ୍କର ସାରତତ୍ତ୍ୱକୁ ସାକାର କରିଥିଲେ ସର୍ବହରାର ସାଥୀ ଲେନିନ୍, ଷ୍ଟାଲିନ୍, ମାଓ-ସେ-ତୁଙ୍ଗ୍, ହୋଚିମିନ୍ ପ୍ରମୁଖ। ସାମନ୍ତବାଦ, ପୁଞ୍ଜିବାଦ, ସାମ୍ରାଜ୍ୟବାଦର ବକ୍ଷ ବିଦାରି ଦେଶେଦେଶେ ଜନ୍ମ ନେଲା ସମାଜବାଦୀ ରାଷ୍ଟ୍ର। ଅଶାନ୍ତି, ଅସନ୍ତୋଷ, ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣରେ ଜର୍ଜରିତ ଶ୍ରମଜୀବୀ ଶ୍ରେଣୀ ଏହି ନବଚେତନାର ଚଲାପଥରେ ଜଣେଜଣେ ଦୁର୍ବାର ଦାବିଦାର୍ ସାଥୀ ହେବାର ସଂକଳ୍ପ ନେଇ ସାରା ପୃଥିବୀର କୋଣେଅନୁକୋଣେ ଆଜି ବି ଆନ୍ଦୋଳନ, ବିକ୍ଷୋଭ, ସଂଗ୍ରାମ, ବିପ୍ଳବ ଜାରି ରଖିଛନ୍ତି।

ଏହି ଭାରତରେ ବଣିକତନ୍ତ୍ରୀ ସାମ୍ରାଜ୍ୟବାଦୀ ବ୍ରିଟିଶଙ୍କୁ ହଟାଇବା ପାଇଁ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇ "କର ବା ମର" ଡାକରା ଆକୁମାରୀ ହିମାଚଳକୁ କରିଥିଲା ଚଳଚଂଚଳ। ବ୍ରିଟିଶ୍ ବିରୋଧୀ ମହାବିପ୍ଳବର ଜନକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆହ୍ୱାନ ଦେଇଥିଲେ - 'ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'। ଏହି ଭାରତର ସନ୍ଥସଂସ୍କୃତି ମଧ୍ୟ ଏକ ସମୁନ୍ନତ ନିର୍ଭୀକ ମାନବସମାଜର ନବଜାଗରଣ ପାଇଁ ମନ୍ତ୍ରପାଠ କରିଆସିଛି କାଳେକାଳେ। ଗୁରୁ ଗୋବିନ୍ଦ ସିଂ ଆହ୍ୱାନ ଦେଇଥିଲେ - 'ଯୁବକମାନେ ଦେଶ ପାଇଁ, ଜାତି ପାଇଁ ମରିବାକୁ ପ୍ରସ୍ତୁତ ହୁଅ।' ଏହି ନିର୍ଭୀକ ଗୁରୁଙ୍କ ନେତୃତ୍ୱରେ ଶାନ୍ତସହିଷ୍ଣୁ ଶିଖ୍‌ଜାତି ନିଜ ସାମାଜିକ ଇଜ୍ଜତ ରକ୍ଷା କରିବାର ଶପଥ ନେଇ ଅସ୍ତ୍ରଧାରଣ ପୂର୍ବକ ଏକ ସାହସିକ ସାମରିକ ଜାତିରେ ପରିଣତ ହୋଇପାରିଥିଲା। ଆପଣମାନଙ୍କର ମନେ ରଖିବା ଦରକାର - "କୋଟିଏ ମୁକୁଟ ଠୁଁ କାହିଁ କେତେଗୁଣରେ ମୂଲ୍ୟବାନ ଗୋଟିଏ ମୁଣ୍ଡ ... ସେ ମୁଣ୍ଡ ମଣିଷର ମୁଣ୍ଡ...", ସେ ମୁଣ୍ଡଥିବା ମଣିଷମାନେ ପୁଣି ହେବା ଦରକାର ଚିରଉନ୍ନତ ଶିର। ଗୋଟିଏ ରାଜ୍ୟରେ ଜଣେ ସନ୍ନ୍ୟାସୀ ଥିଲେ। ତାଙ୍କର ମହିମା ସାରାରାଜ୍ୟରେ ସୁବିଦିତ। ବହୁଲୋକ ସେ ସନ୍ନ୍ୟାସୀଙ୍କ ପାଖରୁ ଦର୍ଶନକରି ଶିକ୍ଷାଲାଭ କରୁଥିଲେ। ସେ ରାଜ୍ୟର ରଜା ଦିନେ ମନ୍ତ୍ରୀପାରିଷଦ, ସୈନ୍ୟସାମନ୍ତ ଧରି ସନ୍ୟାସୀ ଆଶ୍ରମରେ ପହଂଚିଲେ। ସୈନ୍ୟ-ମନ୍ତ୍ରୀମାନେ ସନ୍ନ୍ୟାସୀଙ୍କୁ ମୁଣ୍ଡନୁଆଁଇ ପ୍ରଣାମ କଲେ। ରଜା କିନ୍ତୁ ମୁଣ୍ଡ ନୁଆଁଇଲେ ନାହିଁ କି ନମସ୍କାର ହେଲେନାହିଁ। ମନ୍ତ୍ରୀ କହିଲେ – ମହାନ୍। ସନ୍ନ୍ୟାସୀଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରନ୍ତୁ। ମୁକୁଟଧାରୀ ରଜା କହିଲେ – ରଜା କାହାକୁ ନମସ୍କାର ହୁଏନି କି ମୁଣ୍ଡ ନୁଆଁଏନି।

ଏ କଥା ଶୁଣି ସନ୍ନ୍ୟାସୀ ରାଜାଙ୍କ ପାଖକୁ ଆସି କହିଲେ – ହେ ରାଜନ୍ ! ମୋର ଗୋଟିଏ ଉପକାର କରିପାରିବେ କି?

ରଜା ପଚାରିଲେ – କ'ଣ କୁହନ୍ତୁ?

ସନ୍ନ୍ୟାସୀ କହିଲେ – ଗୋଟିଏ ଦିନ ରଜଗାଦୀ ଛାଡ଼ି ବେପାରୀ ହେବେ କି?

ରଜା କହିଲେ – ହଁ – ହେଇପାରିବି?

ସନ୍ନ୍ୟାସୀ ଗୋଟିଏ ଛେଳିମୁଣ୍ଡ, ଗୋଟିଏ ଗୋରୁମୁଣ୍ଡ, ଗୋଟିଏ ମଣିଷମୁଣ୍ଡଦେଇ କହିଲେ – ଏ ଛେଳିମୁଣ୍ଡ ଏକଟଙ୍କା, ଗୋରୁମୁଣ୍ଡ ଦୁଇଟଙ୍କା, ମଣିଷମୁଣ୍ଡ ତିନିଟଙ୍କା। ଯା'କୁ ହାଟରେ ବିକି ମୋତେ ଛ'ଟଙ୍କା ଦେବେ।

ରଜା ସନ୍ନ୍ୟାସୀଙ୍କ କଥାମାନି ବେପାରୀ ସାଜି ହାଟକୁ ଯାଇ ତିନୋଟି ମୁଣ୍ଡ ଥୋଇଲେ। ଲୋକେ ଛେଳିମୁଣ୍ଡ କିଣିବାକୁ ଭିଡକଲେ। ଯେଉଁମାନେ ନପାଇଲେ ସେମାନଙ୍କ ମଧ୍ୟରୁ ଜଣେ ଗୋରୁମୁଣ୍ଡ କିଣିନେଲେ। ମଣିଷମୁଣ୍ଡକୁ କେହି କିଣିଲେ ନାହିଁ। ରଜା ମଣିଷମୁଣ୍ଡକୁ ଦି'ଟଙ୍କାରେ ବିକିବାକୁ କହିଲେ – କେହି ନେଲେନାହିଁ। ଟଙ୍କାକରେ ବିକିବାକୁ କହିଲେ – କେହି କିଣିଲେ ନାହିଁ। ରଜା ମଣିଷମୁଣ୍ଡଟି ଧରି ସନ୍ନ୍ୟାସୀ ପାଖରେ ପହଂଚି ସବୁକଥା କହିଲେ। ସନ୍ନ୍ୟାସୀ କହିଲେ – ହେ ରାଜନ୍! ମୁକୁଟଠାରୁ ମୁଣ୍ଡ ମୂଲ୍ୟବାନ୍। ଏ ମୂଢମଣିଷ ମୁଣ୍ଡରହସ୍ୟ ଭେଦକରିପାରି ନାହାଁନ୍ତି। ମଣିଷମୁଣ୍ଡକୁ ଟଙ୍କାଦେଇ କିଣାଯାଇପାରେନା। ରଜା ସବୁ ବୁଝିପାରି ସନ୍ନ୍ୟାସୀଙ୍କୁ ନତମସ୍ତକରେ ପ୍ରଣିପାତ କଲେ। ତେଣୁ ରଜାଙ୍କ ମୁକୁଟଠୁ ସନ୍ନ୍ୟାସୀଙ୍କ ମୁଣ୍ଡ ମୂଲ୍ୟବାନ। ସେ ମୁଣ୍ଡ ଛେଳିମୁଣ୍ଡ କି ଗୋରୁମୁଣ୍ଡ ନୁହେଁ ମଣିଷମୁଣ୍ଡ। ଆଜିକାଲି ମଣିଷ ମୂଲ୍ୟବାନକୁ ଚିହ୍ନିପାରୁନି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବାବୁ

ଶିବାଶିଷ ପାତ୍ରୀ



ଆଜି ବି ଖାଇବାରେ ସେଇଟା ହିଁ ଥିଲା। ସେହି ସ୍ପେସିଆଲ ଚଟଣୀ ତାସହ କଞ୍ଚା ଲଙ୍କା। ସବୁଦିନ ଭଳିଆ ବନ୍ଧୁ ବିନୟସହ ଭାଗ ବଣ୍ଟା କରୁଥିଲେ ସୁଧୀରବାବୁ। ଲଞ୍ଚ ଟାଇମରେ ଏମିତି ହିଁ ଚାଲିଥିଲା ଅନେକ ବର୍ଷଧରି। ମାଆଙ୍କ ହାତ ତିଆରି ଚଟଣୀ ଯେମିତି ହେଲେ ସ୍ଥାନ ପାଉଥିଲା ସୁଧୀରବାବୁଙ୍କ ଟିଫିନରେ ଆଉ ତାକୁ ଚାତକଙ୍କ ଭଳିଆ ଅନାଇ ରହୁଥିଲେ ବିନୟ।

ଦହି ତେନ୍ତୁଳି ଧନିଆପତ୍ର ସହ ମିଶୁଥିଲା ଆମ୍ବ ଅଦା। ତାସହ କଳା ଲୁଣ।

ଲାଗୁଥିଲା ଯେପରି ଅମୃତ ଭଳିଆ। ଏକ ଘରୋଇ କମ୍ପାନୀରେ କନିଷ୍ଠ ସହାୟକ ଭାବେ ଚାକିରି ଆରମ୍ଭକରି ଏଯାଏଁ ପ୍ରାୟ ତିରିଶବର୍ଷ ଧରି କାମ କରି ଆସୁଥିଲେ ଦୁଇ ବନ୍ଧୁ। ୟା ଭିତରେ କନିଷ୍ଠ ସହାୟକରୁ ବରିଷ୍ଠ ସହାୟକ ହୋଇଯାଇଥିଲେ ସିନା ହେଲେ ସେହି ଗୋଟିଏ ଅଫିସରେ ଥିବା ଯୋଗୁଁ ସାର ଡାକ ଭାଗ୍ୟରେ ଯୁଟି ନଥିଲା ବରଂ ସେହି ବିନୟବାବୁ ଓ ସୁଧୀରବାବୁରେ ରହି ଯାଉଥିଲେ ସେମାନେ।

ଏବେ କିନ୍ତୁ ସେ ସୁଯୋଗ ଆସିଥିଲା ସେମାନଙ୍କ ପାଖକୁ। ସହକାରୀ ମ୍ୟାନେଜର ରୂପେ ପଦୋନ୍ନତି ହୋଇ ସୁଧୀରବାବୁଙ୍କ ପୋଷ୍ଟିଙ୍ଗ ହୋଇଥିଲା ଆସାମରେ ତ ବିନୟବାବୁଙ୍କୁ ଯିବାକୁଥିଲା ଭୋପାଲ।

ଅନେକ ଦିନରୁ ଏ ପଦୋନ୍ନତି ପାଇଁ ଲାଗିଥିଲେ ସେମାନେ ହେଲେ ହୋଇପାରୁ ନଥିଲା। ପ୍ରଥମେ ତ କରୋନା ଦୋହଲାଇ ଦେଇଥିଲା କମ୍ପାନୀର ଆର୍ଥିକ ସ୍ଥିତି ଦ୍ୱିତୀୟରେ ଏ ପଦ ପାଇଁ ବହୁତ ଟଣାଟଣି ଲାଗିଥିଲା।

ବହୁତ ଖୁସିଥିଲେ ବିନୟବାବୁ। ଆଉ ଅଳ୍ପ ଦିନପରେ ଯୋଗଦାନ କରିବାର ଥିଲା। ଏବେ କେବଳ ସେହି କଥା ହିଁ କହୁଥିଲେ ସେ। ଆଜି ବି ଆଲୋଚନା ଚାଲିଥିଲା। କିନ୍ତୁ ଆଲୋଚନାର କେନ୍ଦ୍ର ବିନ୍ଦୁ ଥିଲା ଚଟଣୀ ଏବଂ ଚଟଣୀ ପ୍ରସ୍ତୁତକାରି ସୁଧୀରବାବୁଙ୍କ ମାଆ। ମାଉସୀଙ୍କୁ ଅଶୀ ତ ଛୁଁଥିବ ଭାଇ। ଯାହାହେଉ ଏଯାଏଁ ସେ କାର୍ଯ୍ୟକ୍ଷମ ଅଛନ୍ତି। ଏବେ କେମିତି କରିବେ? ମାଉସୀଙ୍କୁ ନେବୁ କି ଭାଇ ପାଖରେ ଛାଡ଼ିବୁ। କହୁଥିଲେ ବିନୟବାବୁ।

ନାଁ ଭାଇ ଆଉ ଆଗପରି ପାରୁନାହିଁ ଯେ ତୁ ଆଉ ମୁଁ ଏଇ ଚଟଣୀକୁ ଭଲ ପାଉ ବୋଲି ସେ ଏଇଟା ଖୁସିରେ କରେ। ଆଉ ତାକୁ କଣ ନେଇ ହେବ? ସେ ଗଲେ ପୁଣି ତା'ର ତୁଳସୀ ଚଉରା ତା'ର ଫୁଲଗଛ ତା'ର କୂଅ ସବୁ ନେବାକୁ ପଡିବ। ଗମ୍ଭୀର ହୋଇ କହିଥିଲେ ସୁଧୀରବାବୁ।

ହେଲେ ଏ ଚଟଣୀକୁ ଆମେ ଝୁରିବା ଭାଇ। କହିକି ଚଟଣୀକୁ ଆଉ ଟିକିଏ ନିଜ ଆଡକୁ ଟାଣିନେଲେ ବିନୟବାବୁ। ଆମେ ନୁହେଁ ତୁ ଝୁରିବୁ ଭାଇ। ମୁଁ କିନ୍ତୁ ଝୁରିବି ନାହିଁ - ଏବେ ବି ଗମ୍ଭୀର ଥିଲେ ସୁଧୀର।

କେମିତି ? ଖାଇବା ବନ୍ଦ କରି ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ ବିନୟ -ତାମାନେ ମାଉସୀ ବି ଆସାମ ଯିବେ। ଆରେ ନାଁ ଭାଇ ମୁଁ ଯିବି ନାହିଁ। ମୁଁ ଏ ପଦୋନ୍ନତି ନେବି ନାହିଁ। ଶାନ୍ତ ଭାବରେ କହିଥିଲେ ସୁଧୀର କିନ୍ତୁ ତାଙ୍କର ଏକଥା ଗୁଡିକ ଯେମିତି ବିସ୍ଫୋରଣ ସୃଷ୍ଟି କରୁଥିଲା। ବିନୟ ବାବୁ ବିଶ୍ୱାସ କରି ପାରୁ ନଥିଲେ ଯେମିତି ତାସହ ଭାବି ପାରୁ ନଥିଲେ କି

ଏତେ ଦିନର ପ୍ରତିକ୍ଷିତ ଏ ପଦୋନ୍ନତିକୁ ଏ ସାମାନ୍ୟ ଚଟଣୀ ପାଇଁ ସୁଧୀର ଗ୍ରହଣ କରୁ ନାହାନ୍ତି। କଣ ଏ ସାମାନ୍ୟ ଚଟଣୀ ପାଇଁ? ଯେମିତି ସ୍ୱତଃ ଭାବେ ବାହାରିଗଲା ବିନୟଙ୍କ ମୁହଁରୁ। ଏକ ଶାନ୍ତ କିନ୍ତୁ ଗମ୍ଭୀର ହସ ହସୁଥିଲେ ସୁଧୀରବାବୁ। କହିଥିଲେ ଚଟଣୀ ପାଇଁ ନୁହେଁ ଚଟଣୀ ପ୍ରସ୍ତୁତକରୁଥିବା ସେ ହାତ ଯୋଡିକ ପାଇଁ।

ସନ୍ଧ୍ୟାରୁ ବାହାର କବାଟକୁ ନିଘା କରୁଥିବା ସେ ଆଖି ଯୋଡିକ ପାଇଁ। ମୁଁ ଘରକୁ ଯାଉ ଯାଉ ମୋ କାନ ଶୁଣୁଥିବା 'ବାବୁ' ଡାକ ପାଇଁ। ମୋ ଉତ୍ତର ଶୁଣି ଶାନ୍ତିରେ ଶୋଇ ଯାଉଥିବା ସେ ବୃଦ୍ଧା ମଣିଷ ପାଇଁ। ମୋ ମାଆ ପାଇଁ ଭାଇ। ସେ ଆଉ କେତେ ଦିନର ଯେ। ସେ ବାବୁ ଡାକ ଆଗରେ ଏ ଛାର ସାର ଡ଼ାକର କି ମହତ୍ୱ ଭାଇ। ବିନୟ ବାବୁ ହାଁ କରି ଅନାଇ ରହିଥିଲେ। ଆଖି ଛଳଛଳ ହେଉଥିଲା। କଣ୍ଠ ରୁଦ୍ଧି ହୋଇ ଆସୁଥିଲା । ପ୍ରାୟତଃ କାନ୍ଦୁଥିଲେ ହେଲେ ସେ ଚଟଣୀରୁ ଟିକିଏ ପାଟିରେ ପକାଇ ହସିବାକୁ ଚେଷ୍ଟା କରୁଥିଲେ ସୁଧୀରବାବୁ.....।

ହେମଗିର, ସୁନ୍ଦରଗଡ଼ ୧୩
ମୋ-୯୭୭୮୧୭୪୯୭୮

# ରାସ୍ତାରେ ଈଶ୍ୱର..

ମୂଳ ହିନ୍ଦୀ-ଇନ୍ଦିରା ଦାଁଗୀ
ଅନୁବାଦ-ମନୋଜ କୁମାର ବେହେରା




ଗୃହସ୍ଥିର କାମ ସମ୍ପନ୍ନ କରୁଥିବା ଚାକିରିଆ ସ୍ତ୍ରୀ ସମୟର ଚକ ବରାବର ଗତି ରଖେ । ସକାଳୁ ସକାଳୁ ଖାଇବା ବନୋଉଥିବା, ସମସ୍ତଙ୍କର ଲଞ୍ଚବାକ୍ସ ଲଗାଉଥିବା ସ୍ମିତାର ମନେ ଅଛି କି ଆଜି ହେଉଛି ମଙ୍ଗଳବାର । ସେ ହନୁମାନଙ୍କ ପାଖରେ ପ୍ରସାଦ ଲଗେଇବା ପାଇଁ ଗୋଟିଏ ପିଜୁଳି ନିଜ ଲଞ୍ଚ ରଖିଥିବା ବ୍ୟାଗରେ ରଖିଲା । ଦଶଟା ବାଜିବା ପୂର୍ବରୁ ତାକୁ ଯେମିତି ବି ହେଉ ଅଫିସ୍‌ର ବାୟୋମେଟ୍ରିକ୍ସ ମେସିନ୍‌ରେ ନିଜର ଉପସ୍ଥିତ ଦେବାକୁ ପଡିଥାଏ । ଏବେ କେବଳ ସ୍କୁଟିର ଚାବି ଉଠେଇବାର ସମୟ ବଞ୍ଚିଥିଲା ତା' ପାଖରେ । ଗୌର ମହଲ ଛକରେ ରେଡ୍ ସିଗ୍‌ନାଲରେ ଯେତେବେଳେ ସେ ନିଜର ହାତରେ ବନ୍ଧା ହୋଇଥିବା ଘଣ୍ଟାକୁ ଦେଖିଲା, ନ'ଟା ବାଜି ପଇଁତିରିଶ ମିନିଟ୍ ହେଇଥିଲା । ଆଜି ସେ ମନ୍ଦିର କେମିତି ଯିବ ସେହି କଥା ଭାବୁଥିଲା ? ଯେଉଁ ଯୁବକ ଯିଏ ଷ୍ଟେକେବିଲ୍ ବ୍ରିଜ୍‌ରେ ସବୁବେଳେ ଲକ୍ଷ୍ୟହୀନ ଭାବରେ ବୁଲୁଥିଲା, ଆଜି ଏହି ଲମ୍ବା ଅନ୍ତରାଳ ଯାଏଁ ବାହନଙ୍କ ଭିଡକୁ ଚାହିଁଥିବା ସିଗ୍‌ନାଲକୁ ବେଖାତିର କରି ସେ କୌଣସି ଉଦ୍ଦେଶ୍ୟରେ ଚାଲି ଚାଲି ଆସୁଥିଲା ତା' ଆଡକୁ । ସିଗ୍‌ନାଲ ଗ୍ରୀନ୍ ହେବାକୁ ତିରିଶ ସେକେଣ୍ଡରୁ କମ୍ ସମୟ ବାକି ଥିଲା । ଯେମିତି ତାକୁ ନିଜ ଆଡେ ଆସୁଥିବାର ଦେଖିଲା, ବ୍ୟାଗ୍‌ରୁ ସେମିତି ସେ ପିଜୁଳି କାଢି ଦେଖାଇଲା । ଆଖିପିଛୁଳାକେ ସେ ଆସି ଛିଡା ହୋଇଗଲା ସ୍ମିତା ସାମ୍ନାରେ । ସ୍ମିତା ତାକୁ ପିଜୁଳିଟି ଦେବା ପୂର୍ବରୁ ସେ ନିଜେ ତା' ହାତରୁ ପିଜୁଳିକୁ ନେଇଗଲା ଆଉ ଆନନ୍ଦରେ ଖାଇ କରି ଆଗକୁ ବଢିଗଲା । ସିଗ୍‌ନାଲ ଗ୍ରୀନ୍ ହେଲା ଆଉ ମନେ ମନେ ହସୁଥିବା ସ୍ମିତା ସ୍କୁଟିକୁ ଆଗକୁ ବଢେଇ ଦେଲା। କାହିଁକିନା ତାକୁ ଲାଗୁଥିଲା ଆଜି ସେ ରାସ୍ତାରେ ସାକ୍ଷାତ୍ ଈଶ୍ୱରଙ୍କର ଦର୍ଶନ କରିଛି ॥

୨୧୭, ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨ , ଫୋନ-୭୯୭୮୮୩୦୬୧୧

# ପୁନର୍ବାସ

ମୂଳ ହିନ୍ଦୀ - ବିନୋଦ କୁମାର ଭିକି, ବିହାର
ଅନୁବାଦ - ପ୍ରଭାତ କୁମାର ମହାପାତ୍ର



ବିନୟ ଯୌନକର୍ମୀଙ୍କ ବ୍ୟଥା ଉପରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ପ୍ରସ୍ତୁତ କରିବା ପାଇଁ ସହରର ରେଡ ଲାଇଟ୍ ଅଞ୍ଚଳ ଭିତରେ ପ୍ରବେଶ କଲା। ସହରର ଭିଡରୁ କିଛି ଦୂରରେ ଏକ ସନ୍ତସନ୍ତିଆ, ଆବର୍ଜନା ପୂର୍ଣ୍ଣ ବସ୍ତିରେ ଯୌନକର୍ମୀଙ୍କ ଏକ ବଜାର ଥିଲା,ଯେଉଁଠାରେ ମାନବୀୟ ମାନସିକତାର ଦୁର୍ଗନ୍ଧକୁ ଦମନ କରିବା ପାଇଁ ବିଭିନ୍ନ ଦୋକାନ ଚକଲା ଘର ଠାରୁ ମୋଗରା, ଜସ୍ମିନ ଏବଂ ରୁମ୍ ଫ୍ରେସନରର ମିଶ୍ରିତ ବାସ୍ନା ବାହାରୁଥିଲା।

ଯୁବତୀଙ୍କ ଠାରୁ ଆରମ୍ଭ କରି ମଧ୍ୟବୟସ୍କ ମହିଳା ପର୍ଯ୍ୟନ୍ତ ସମସ୍ତେ ଏପରି ସଜେଇ ହୋଇ ବସିଥିଲେ, ଯେପରି ବ୍ରାଣ୍ଡେଡ ପୋଷାକ ସୋ ରୁମ୍‌ରେ ନିର୍ଜୀବ ମୂର୍ତ୍ତି ଉପରେ ପ୍ରଦର୍ଶନ ପାଇଁ ରଖା ଯାଇଥାଏ। ସମସ୍ତେ ବିନୟକୁ ଗ୍ରାହକ ଭାବି ପ୍ରଲୋଭିତ ଏବଂ ଆକର୍ଷିତ କରିବାକୁ ଚେଷ୍ଟା କରୁଥିଲେ। କେତେକଙ୍କ ମୁହଁରେ ହସ ଥିଲା ତ ଅନ୍ୟ କେହି ନକଲି ହସ ବିସ୍ତାର କରୁଥିଲା। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଜିନ୍ସ ଓ ଟି ସାର୍ଟ ପିନ୍ଧି ଥିବା ଜଣେ ଝିଅ ବିନୟର ଅଣ୍ଟା ଉପରେ ହାତ ରଖି କହିଲା, ତୁମେ ମୋତେ ସାଙ୍ଗରେ ନେଇ ଯିବ ନା ମୋ ସାଙ୍ଗରେ ଆସିବ ? ଫୁଲ ଟାଇମ୍ ନା ପାର୍ଟ ଟାଇମ୍ ? ବିନୟ ତା ଅଣ୍ଟାରୁ ହାତ ହଟାଇ ବୁଝାଇ କହିବାକୁ ଲାଗିଲା, ତୁମେ ମୋତେ ଭୁଲ ବୁଝିଛ ! ପ୍ରକୃତରେ ମୁଁ ଜଣେ ସାମ୍ବାଦିକ !

ତେବେ ଏଥିରେ ବୁଝିବାର କଣ ଅଛି ବାବୁ ? ସାମ୍ବାଦିକ ମାନେ କଣ ଏମିତି କାମ କରୁ ନାହାନ୍ତି କି ? ସେ ଏକ ଅଶ୍ଳୀଳ ମନ୍ତବ୍ୟ ଦେଇ ପୁଣି ଚେନାଏ ହସ ବିଞ୍ଚିଦେଲା ! ବିନୟ ପୁନର୍ବାର ତାକୁ ବୁଝାଇବା ପାଇଁ ପ୍ରୟାସ କରି କହିଲା, ଦେଖ ! ମୁଁ ଆପଣମାନଙ୍କ ଜୀବନୀ ଉପରେ ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରୁଛି, ଯାହା ଦ୍ୱାରା ତୁମର ଅବସ୍ଥା ଓ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିକୁ ଆସି ପାରିବ ତଥା ସରକାର ଆପଣମାନେ କିଭଳି ସ୍ୱାଭିମାନ ସହ ଜୀବନ ବିତାଇ ପାରିବେ ସେ ବନ୍ଦୋବସ୍ତ କରି ପାରିବେ ! କଥା ନ ସରୁଣୁ ସେହି ଝିଅଟି ଅଟକାଇ କହିଲା, ଆରେ ବାବୁ ! ଛାଡ଼ନ୍ତୁ ଆମର ଜୀବନ ଓ ଆତ୍ମ ସମ୍ମାନ କଥା ! ଆମେ ନର୍କର ଛୁଆ, ଆମେ ନର୍କରେ ବଞ୍ଚିବୁ ଓ ନର୍କରେ ହିଁ ମରିବୁ ! ସେସବୁ କଥା ଛାଡ.. ଆସ କିଛି ମଜା କରି ନେବା...ମୁଁ ତୁମକୁ ପୂର୍ଣ୍ଣକାଳୀନ ସେବାରେ କିଛି ରିହାତି ଦେବି ..କହି ଧୀରେ ଧୀରେ ବିନୟର ଛାତିକୁ ଧରି ଆଲିଙ୍ଗନ କରିବାକୁ ଲାଗିଲା। ବିନୟ ଏପରି ବ୍ୟବହାରରେ ଭୀଷଣ ରାଗି ଯାଇ କହିଲା, ମୁଁ ତୁମର ଉନ୍ନତି ପାଇଁ କିଛି ଭଲ ପ୍ରୋଜେକ୍ଟ ପ୍ରସ୍ତୁତ କରୁଛି ଯାହା ସରକାର ଓ ପ୍ରଶାସନଙ୍କ ସାମ୍ନାରେ ଉପସ୍ଥାପିତ କରି ପାରିବି ! ମୁଁ ଚାହେଁ ତୁମେମାନେ ସମସ୍ତେ ଏକ ସଭ୍ୟ ସମାଜରେ ଆତ୍ମ ନିର୍ଭରଶୀଳତା, ସମ୍ମାନ ଓ ନିଯୁକ୍ତିର ଜୀବନ ପାଇ ଖୁସିରେ ଜୀବନ ନିର୍ବାହ କର। ଆଉ ତୁମେ କରୁଥିବା ଲଜ୍ଜିତ ଧନ୍ଦା ବିଷୟରେ ମୋତେ କହୁଛ ! ଛି ..! ଛି...। ଏହା କହି ବିନୟ ଆଗକୁ ବଢ଼ିବାକୁ ଲାଗିଲା।

ଯୌନକର୍ମୀ ଝିଅଟି କାଳ ବିଳମ୍ବ ନକରି ବିନୟକୁ ପଛରୁ ଗୋଟିଏ ମିନିଟ ରହିବା ପାଇଁ ଅନୁରୋଧ କଲା। ବିନୟ ଇଚ୍ଛା ନ ଥିବା ସତ୍ତ୍ୱେ ସେଠାରେ ହିଁ ଅଟକିବାକୁ ବାଧ ହେଲା। ଝିଅଟି ପାଖକୁ ଆସି କହିଲା, କେଉଁ ସ୍ୱାଭିମାନ ଓ ନିଯୁକ୍ତି ବିଷୟରେ ଆପଣ କହୁଛନ୍ତି ବାବୁ ? ଅନେକ ସରକାରୀ ପୁନର୍ବାସ ନାମରେ ଆମର ବସ୍ତିଗୁଡ଼ିକୁ ଅନେକ ଥର ଭାଙ୍ଗି ଦିଆ ଯାଇଛି। କିନ୍ତୁ ଆମକୁ କୌଣସି ନିଯୁକ୍ତି ଆଜି ପର୍ଯ୍ୟନ୍ତ ମିଳି ନାହିଁ। ଆମକୁ ଯୌନକର୍ମୀ ରୂପେ ଚିହ୍ନଟ କରାଯାଇଛି। ତେଣୁ ଯଦି ଆମେ ଗ୍ରାମରେ ଦୋକାନଟିଏ ଖୋଲିବାକୁ ଚାହୁଁ ତେବେ ଲୋକମାନେ ଆମକୁ ଦୋକାନୀ ନୁହଁ ବରଂ ବିକ୍ରୀଯୋଗ୍ୟ ସାମଗ୍ରୀ ବୋଲି ବିବେଚନା କରୁଛନ୍ତି.. ପୁନର୍ବାସ ତ ମିଳିଲା ନାହିଁ ..ଜୀବିକା ନିର୍ବାହ ପାଇଁ ଆମକୁ ଜାତୀୟ ରାଜପଥ, ବସ୍ ଷ୍ଟାଣ୍ଡ, ଲଜ୍ କିମ୍ବା ଷ୍ଟେସନରେ ଧୋଇବା ପାଇଁ ପାର୍କିଂ ହୋଇଥିବା ଟ୍ରେନକୋଚରେ ଆମକୁ ଆଶ୍ରା ନେବାକୁ ପଡେ..ଆଉ ତୁମେ କହୁଛ.. ପୁନଃ ସ୍ଥାପନ, ରୋଜଗାର..!! ଆରେ ହଁ..ତୁମେ ଯେଉଁ ସମାଜ ବିଷୟରେ କହୁଥିଲ, ସନ୍ଧ୍ୟାରେ କେବେ ଥରେ ଆମ ଜାଗାକୁ ଆସ ଏବଂ ତାପରେ ଦେଖିବ, ତୁମ ତଥାକଥିତ ସଭ୍ୟ ସମାଜକୁ .. ଯୌନକର୍ମୀଙ୍କ ବିଛଣା ତଳେ... କଣ ବୁଝିଲ ! ଏବେ ତୁମେ ମୋତେ କୁହ, ଯଦି ଆମ ଦୋକାନ ବନ୍ଦ ହୋଇଯାଏ, ତେବେ ତୁମ ସରକାର କିପରି ଚାଲିବ !! ସେହି ଯୌନକର୍ମୀ ଝିଅଟିର କର୍କଶ ତଥା ତୀକ୍ଷ୍ଣ ଶବ୍ଦର ଆଘାତରେ ଲୁଚି ରହିଥିବା ଯନ୍ତ୍ରଣା ବିନୟକୁ ସଭ୍ୟ ସମାଜ ବିଷୟରେ ଭାବିବାକୁ ବାଧ କରିଥିଲା !!!

ସ୍ୱାମୀ ବିବେକାନନ୍ଦ ବନ
ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ-୭୮୯୪୦୦୫୪୫୫

# ଶେଷ ଇଚ୍ଛା

ସତ୍ୟନାରାୟଣ ପ୍ରଧାନ

ପୁଅ ସହରରେ ଗୋଟେ ବଡ଼ ଚାକିରୀ କଲା ଦିନ ଠାରୁ ଗାଁକୁ ଆସିଲେ ସାଙ୍ଗସାଥି ମାନଙ୍କ ସହ କଥାବାର୍ତ୍ତା ତାର ଆଗ ଭଳି କମି ଯାଇଥିଲା। ସେଠାରେ ଏକା ରୋଷେଇ କରି ଖିଆପିଆ କରିବାରେ ଅସୁବିଧା ହୋଇ ଆସୁଥିବାରୁ ବିବାହ ପରେ ସ୍ତ୍ରୀକୁ ନେଇ ଭଡାଘର ବାଛି ନେଇଥିଲା । ଘରେ କେବଳ ବୁଢା ବାପା ମାଆ ଦୁଇଜଣ ପୁରୁଣା ଅମଳି ଭିଟାମାଟିକୁ ଛାଡି କୁଆଡେ ଯିବେ ଭାବି ଗାଁରେ ରହୁଥାନ୍ତି ।

ସମୟ ଚକ୍ରରେ ଗାଁରେ ରହୁଥିବା ବୁଢା ବାପଟିର ଅଚାନକ ଦେହ ଖରାପ ହେବାରେ ଲାଗିଲା । ସହରରେ ଡାକ୍ତର ଦେଖାଇ ଔଷଧ ଖାଇବାକୁ ପଡିଲା । ପ୍ରତି ମାସରେ ଥରେ ଯାଇ ଦେହ ପରୀକ୍ଷା କରିବାକୁ ପଡିବାରୁ ଆଉ ଗାଁକୁ ନ ଯାଇ ବାପା ମାଆକୁ ଦେହ ଭଲ ହେବା ଯାଏ ସାଥିରେ ରହିବାକୁ ପୁଅବୋହୂ କହିଲେ । ଭାଗ୍ୟର ବିଡମ୍ବନା ଦେହ ତାଙ୍କର ଆହୁରି ଦିନକୁ ଦିନ ଖରାପ ଆଡକୁ ଗତି କଲା।

ଜୀବନର ଶେଷ ସମୟରେ ନିଜେ ଜନ୍ମ ହୋଇଥିବା ବାପା ଜେଜେ ବାପା ଅମଳରୁ ରହି ଆସୁଥିବା ଖଞ୍ଜା ଘରେ ଶାନ୍ତିରେ ମରିବାକୁ ମନ କଥା ପୁଅକୁ କହିଲେ । ପୁଅବୋହୂ ଦେହ ଖରାପ ବୋଲି ଏପରି କହୁଛନ୍ତି ଭାବି ନେଇଥିଲେ। ଦିନ କେଇଟା ଯାଇ ନାହିଁ ରାତି ପାହି ସକାଳ ହେବା ଆଗରୁ ସେ ପରଲୋକକୁ ଚାଲି ଯାଇଥିଲେ । ପୁଅବୋହୂ ମଲା ଶବକୁ ଆଉ ଗାଁକୁ ନେଇ ଅଡୁଆରେ ଫଶିବା ବଦଳରେ ସହରରେ ଥିବା ଶ୍ମଶାନରେ ସତ୍କାର କଲେ ।

ଗାଁ ଗଣ୍ଡାକୁ ସେମାନଙ୍କ ଅନ୍ତରରୁ ଇଚ୍ଛା ନ ଥିଲେ ବି ସବୁଆଡ଼କୁ ଚାହିଁ କ୍ରିୟା କର୍ମ ଠାରୁ ଆରମ୍ଭ କରି ଭୋଜିଭାତ କରିବାକୁ ବାଧ ହୋଇଥିଲେ। ସବୁ କାର୍ଯ୍ୟ ଭଲରେ ସରି ଯାଇଥାଏ । ଏକାଦଶାହ ଦିନ ଗାଁ ଗଣ୍ଡାରେ ଲୋକମାନଙ୍କୁ ଭୋଜିରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରା ଯାଇଥିଲା । ସନ୍ଧ୍ୟା ବେଳକୁ କେଉଁଠି ଥିଲା କେଜାଣି କଳା ହାଣ୍ଡିଆ ମେଘ ମାଡି ଆସିଲା। ସେମାନେ ଆଶା କରିଥିବା ଲୋକ ସେଠାରେ ଉପସ୍ଥିତ ହୋଇ ନ ଥିଲେ। ଅନେକ ଖାଦ୍ୟ ପଦାର୍ଥ ସକାଳକୁ ବଳକା ରହି ନଷ୍ଟ ହେଲା। ଏତେ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରି କିଛି ଲାଭ ହେଲାନାହିଁ ଅନୁତାପ କରୁଥିଲେ । ପୁଅ ବାପାଙ୍କ ଶେଷ ଇଚ୍ଛା ପୂରଣ କରି ପାରିଲା ନାହିଁ ବୋଲି ଏପରି ତା ସହିତ ଘଟିଲା ବୋଲି ଭାବନା ରାଜ୍ୟକୁ ବିଚଳିତ କରି ପକାଉ ଥିଲା ।। ( ସମାପ୍ତ )



ଅଣ୍ଡିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

# ପୁରୁଷ ସୂକ୍ତ

ବିମଳ ଚାନ୍ଦ ପଟ୍ଟନାୟକ



ସକାଳୁ ସକାଳୁ ମହାଶୟ ତରବରରେ ଅଫିସ ବାହାରିଲେ । ସେଦିନ ତାଙ୍କର ମିଟିଂରେ ନିଜର ପ୍ରେଜେଣ୍ଟେସନ ଦେବାର ଥିଲା । ଲ୍ୟାପଟପ ଆଉ ଜରୁରୀ ଫାଇଲ ଧରି ସେ ଏକରକମ ବ୍ୟସ୍ତ ହେଇପଡୁଥାନ୍ତି । ପତ୍ନୀ ସେପଟୁ କହିଲେ, 'ବ୍ୟସ୍ତ କାଇଁକି ହେଉଛ ? ଆସ୍ତେ ଯାଅ। ଦେଖ ଜୋରରେ ବର୍ଷା ବି ହେଲାଣି ।' ମହାଶୟ ଉତ୍ତର ଦେଲେ, 'ବ୍ୟସ୍ତ ହେବିନି ? ଆଜି 'ୟୁ ଏସ ଏ'ରୁ ଜଣେ କନ୍ସଲଟେଣ୍ଟ ଆସୁଛନ୍ତି । ଡେରିରେ ପହଞ୍ଚିଲେ, କଥାଟା ଖରାପ ହେବ । ଛାଡ ତମେ ସ୍ତ୍ରୀଲୋକମାନେ ଏସବୁ ବୁଝି ପାରିବନି ।" ପତ୍ନୀ ତୁରନ୍ତ ଚୁପ ରହିଗଲେ। କିନ୍ତୁ ମନରେ ତାଙ୍କର ଗୋଟିଏ ଦରଦ ଜାଗିଉଥିଲା । ଆତ୍ମସମ୍ମାନକୁ ଆଘାତ ଆସୁଥିଲେ ବି କଥାଟାକୁ ଆଗକୁ ନବଢାଇ ଭାବୁଥିଲେ, "ଆମେ ସ୍ତ୍ରୀଲୋକ ମାନେ କିଛି ବୁଝିପାରିବୁନି ? ଆରେ ଦୀର୍ଘ ଦଶବର୍ଷ ହେଲାଣି ସ୍ୱାମୀଙ୍କୁ ଠିକ ଭାବରେ ବୁଝିଛି ବୋଲିତ ଆମ ସଂସାର ଗାଡିଟା ଧାରଣାର ଠିକ ଉପରେ ଗଡିଚାଲିଛି । ନହେଲେ କେବେଠୁ ଲାଇନଚ୍ୟୁତ ହେଇସାରନ୍ତଣି ।" ତଥାପି ସ୍ୱାମୀଙ୍କ ଟିଫିନ ବ୍ୟାଗ ଧରି ସେ ପଛେପଛେ ଗୋଡାଇ ଚାଲିଲେ । ଆଉ ବ୍ୟାଗକୁ ରଖି ନେବାକୁ କହୁକହୁ, ସ୍ୱାମୀ ମହାଶୟ କହିଲେ, "ତମର କମନ ସେନ୍ସ ବୋଲି କିଛି ଅଛି ନା ନାହିଁ । ମୋ ଅଫିସକୁ ତମର ସ୍କୁଲ ବୋଲି ଭବିଲ ନା କଣ ? ଆଜି ଫରେନରୁ ସବୁ ଆସୁଛନ୍ତି, ସେଇଠି ତମର ଏଇ ଷ୍ଟିଲ ଟିଫିନ ଖୋଲିକି ଖାଇବି ? ଆଜି ଆମର ଅଫିସରେ, ବସ ଆମକୁ ସ୍ପେଶାଲ ଟ୍ରିଟ ଦେଉଛନ୍ତି । ହଉ ଛାଡ, ତମେ ସେସବୁ ବୁଝିପାରିବନି । ମୋର ଗାଡିଚାବିଟା ଦେଲ । ବହୁତ ଡେରି ହେଲାଣି ।"

ମନର ଗ୍ଲାନିକୁ ମନ ଭିତରେ ରଖି ପତ୍ନୀ ଗାଡିଚାବି ବଢାଇଦେଲେ । ମହାଶୟ ଚାବି ନେଇ ଦେଖନ୍ତି ତ ଗାଡି ଆଉ ଷ୍ଟାର୍ଟ ହେଉନି । ବ୍ୟସ୍ତ ହେଇପଡିଲେ ସେ । ତୁରନ୍ତ ଟ୍ୟାକ୍ସିକୁ ଫୋନ କଲେ । ହେଲେ କୌଣସି ଟ୍ୟାକ୍ସିବାଲା ସେଇ ଭୀଷଣ ବର୍ଷାରେ ଆସିବାକୁ ମଙ୍ଗିଲେ ନାହିଁ । ଏସବୁ ଦେଖି ପତ୍ନୀ କହିଲେ, "ଗୋଟେ କାମ କର, ରେନକୋଟ ପିନ୍ଧିକି ମୋ ସ୍କୁଟର ନେଇକି ଚାଲିଯାଅ । ମୁଁ ଆଜି ବସରେ ସ୍କୁଲକୁ ପଳେଇଯିବି। ସାଙ୍ଗେସାଙ୍ଗେ ସ୍ୱାମୀ ମହାଶୟ କହିଲେ, "କ'ଣ କହିଲ, ମୁଁ ? ନାଇଁନାଇଁ ମୁଁ ତମ ସ୍କୁଟରରେ ଯିବି ? ମୋତେ କଣ ବୋଲି ପାଇଛ କି ? ତମର ତ ଭାରି ସାହସ । ଆଉ କହିଦେଲନି ତମର ଶାଢି ଗୋଟେ ବି ପିନ୍ଧିପକାଇବି । ଶଃ... କଣ କହିବ ଏଇ ମାଇକିନାମାନଙ୍କୁ ? କହୁଛି କଣ ନା, ମୁଁ ଲେଡିଜ ବାଇକ ଚଲେଇକି ଅଫିସ ଯିବି, ପୁଣି ଆଜିପରିକା ଇମ୍ପର୍ଟାଣ୍ଟ ଦିନରେ !" ପତ୍ନୀ ତା'ପରେ କହିଲେ, 'ତାହେଲେ ଗୋଟେ କାମକର,ସ୍କୁଟର ନହେଲେ ନାଇଁ; ହେଇଟି ଦେଖ ତମ ଅଫିସର ସୁଲଗ୍ନା ମାଡ଼ାମ ତାଙ୍କ କାର ବାହାର କଲେଣି, ସାଥୀହେଇ ଚାଲିଯାଉନ ।"

ଏଥର ପତି ମହାଶୟ ଆଉ ଟିକିଏ ଶାଣିତ ବ୍ୟଙ୍ଗ କରି କହିଲେ, "ତମେ ଭିତରକୁ ଗଲ। ତମ ମୋଟାବୁଦ୍ଧିରେ ମୋତେ ଆଉ ସେ ଫାଲତୁ ସଜେସନ ଦିଅନି । ମୋର ପୋଜିସନ କଣ, ସେଇ ସୁଲଗ୍ନାର ପୋଜିସନ କଣ ? ସିଏ ମୋ ଅଣ୍ଡରରେ କାମ କରୁଛି । ଆଉ ମୁଁ ତା' ଗାଡିରେ ଯାଇ ତା'ର ଦୟାର ପାତ୍ର ହେବି ନା କଣ ? ତା'ଛଡା କେଉଁ ଗୋଟେ ମେଲ୍ ଷ୍ଟାଫ ହେଇଥିଲେ ହେଲେ କିଛି ହୁଅନ୍ତା । ଏଇ ଲେଡି ସହିତ ମୁଁ ଅଫିସ ଯିବି ? ତମର ବୁଦ୍ଧିଶୁଦ୍ଧି କିଛି ଅଛି ନା ନାଇଁ। ଜୀବନସାରା ସେଇ ପିଲାଙ୍କୁ ପାଠ ପଢେଇ ପଢେଇ ତମେ ମୋତେ ବି ତମ ଷ୍ଟୁଡେଣ୍ଟ ଭଳି ଆଉ ବ୍ୟବହାର କରନାହିଁ । ଯାଅ, ମୁଁ ମୋର ଯିବାର ବ୍ୟବସ୍ଥା କେମିତି ହେଲେ କରିଦେବି ।" ପତ୍ନୀଙ୍କୁ ଘରଭିତରକୁ ପଠାଇଦେଇ ମହାଶୟ ଛତାଟା ବାହାରକରି ରାସ୍ତା ଉପରକୁ ଆସିଲେ। ପ୍ରାୟ ଦଶ ମିନିଟ ବିତିଯାଇଥିଲେ ବି କୌଣସି ଟ୍ୟାକ୍ସିର ଦେଖା ନଥାଏ। ସେପଟେ ସମୟ ଗଡି ଚାଲୁଥାଏ । ଶେଷରେ ରିକ୍ସାରେ ହେଲେ ଚାଲିଯିବେ ବୋଲି ଭାବିଲା ବେଳକୁ ଗୋଟିଏ ରିକ୍ସାର ବି ଦେଖା ନାହିଁ । ମନେମନେ ବହୁତ ବିରକ୍ତ ହେଉଥିଲେ ସେ। ସେତିକିବେଳେ ପତ୍ନୀ ଫୋନ କରି, ସେ କେଉଁଥିରେ ଗଲେ ବୋଲି ପଚାରିଲେ। ଚିଡ଼ିଚିଡା ହେଇ ସେ କହିଲେ, 'ଆଜି କାହା ମୁହଁ ଦେଖିକି ଉଠିଥିଲି କେଜାଣି ? ଆରେ କାହାର କଣ, ତମେ ତ ମୋ ଉଠିବା ସାଙ୍ଗେସାଙ୍ଗେ ବେଡଟି ଆଣି ଧରାଇଦେଲ । ଆଜି ପ୍ରଥମେ ତମର ହିଁ ମୁହଁ ଦେଖିଛି । ମୁହଁ ଧୋଇକି ଚା' କରିଥିଲଟି ? ହଉ ରଖରଖ, ଗାଡିଟିଏ ଆସୁଛି ।"

ଆଗରୁ ଗୋଟିଏ ଅଟୋରିକ୍‌ସା ମନ୍ଥର ଗତିରେ ଆସୁଥାଏ । ଟିକିଏ ଜୀର୍ଣ୍ଣ ଅବସ୍ଥାରେ ଥିବା ଗାଡିକୁ କଳାରଙ୍ଗର ପଲିଥିନରେ ଘୋଡାଇ ଦିଆଯାଇଥାଏ । ହାତ ମାରୁମାରୁ ରିକ୍ସାଟି ଅଟକିଗଲା । ସାଙ୍ଗେସାଙ୍ଗେ ମହାଶୟ ସେଥିରେ ବସିପଡି 'ହେଭେନ ଟାୱାର' କୁ ନେବାକୁ କହିଲେ । ରିକ୍ସାଟା ଆଗକୁ ଗଡିଚାଲିଲା । ରାସ୍ତାସାରା ପାଣି ଜମିଥାଏ । କେଉଁଠି ଖାଲ, କେଉଁଠି ଖାଇ କିଛି ଜଣାଯାଉ ନଥାଏ। ତଥାପି ରିକ୍ସାଟି ଠିକଠାକ ଆଗକୁ ମାଡିଚାଲିଥାଏ । ମହାଶୟ ବାରମ୍ବାର ଘଣ୍ଟାକୁ ଦେଖି ବ୍ୟସ୍ତ ହେଇପଡି କହିଲେ, "ତମେ ରିକ୍ସାବାଲାମାନେ ବଡ ଅଳସୁଆ । ଆଜି ଗୋଟିଏ ବି ରିକ୍ସାର ଦେଖା ନାହିଁ । କେଜାଣି କେମିତି ତୁ ଆସିଗଲୁ । ସାଙ୍ଗେସାଙ୍ଗେ ସେପଟୁ ଉତ୍ତର ମିଳିଲା, "ରିକ୍ସାବାଲା ନୁହେଁ ସାର, ରିକ୍ସାବାଲି । ଆଜି ଯେଉଁ ଭଳି ବର୍ଷା ହେଉଛି, ଘରୁ କ'ଣ ବାହାରି ହେଉଛି । ଆପଣଙ୍କର ନିଶ୍ଚୟ କିଛି ଜରୁରୀ କାମ ଥିବ । ନହେଲେ ଆପଣ କ'ଣ ଆଜି ଅଫିସ ଯାଇଥାନ୍ତେ ?" ସାମ୍ନାରେ ଝିଅ କଣ୍ଠସ୍ୱର ଶୁଣି ମହାଶୟ ଟିକିଏ ଥମିଗଲେ। ସାଙ୍ଗେସାଙ୍ଗେ ତାଙ୍କର ମାନସିକ ସ୍ତରରେ ଆଲୋଡନ ସୃଷ୍ଟି ହେଲା । ପଚାରିଲେ, 'ତୁ ଝିଅପିଲାଟେ ହେଇ ରିକ୍ସା ଚଲଉଛୁ। ଘରେ କଣ କେହି ପୁରୁଷଲୋକ ନାହାନ୍ତି ?' ଝିଅଟି କହିଲା, 'ବାପା, ଭାଇ ଅଛନ୍ତି ସାର୍। ଭାଇର ପରୀକ୍ଷା ଆଜି ସରିଲା। ସେଥିପାଇଁ ବାପା ଆଉ ଭାଇ ଦୁଇଦିନ ରେଷ୍ଟ ନେଉଛନ୍ତି। ମୁଁ ଫ୍ରି ଅଛି ତ ଆସିଗଲି । ଆଜିକାଲି ଝିଅ ପୁଅ କଣ ସାର । ସମସ୍ତେ ସମସ୍ତଙ୍କ କାମ କରିପାରନ୍ତି, ଆଉ କରୁଛନ୍ତି ମଧ୍ୟ। ହେଲେ କେବଳ ଫରକ ଏତିକି ଯେ, ଝିଅମାନେ ପୁଅ କରୁଥିବା କାମତକ ଯେଉଁ ମାତ୍ରାରେ କରୁଛନ୍ତି; ପୁଅମାନେ ସେଇ ମାତ୍ରାରେ ଝିଅମାନେ କରୁଥିବା କାମ କରୁନାହାନ୍ତି କି କରିପାରିବେନି ମଧ୍ୟ। କେବଳ ସୁସ୍ଥ ମାନସିକତାର ଅଭାବ ସାର, ଆଉକିଛି ନୁହଁ। ସତ କହିଲିନା ସାର ?' ମହାଶୟ ଆଉ କିଛି ଅଧିକ କହି ନିଜର ଆତ୍ମସମ୍ମାନ ହାନି କରିବାକୁ ସାହସ କରିପାରିଲେନି । କଷ୍ଟେମଷ୍ଟେ ରିକ୍ସା ଆସି ତାଙ୍କ ଗନ୍ତବ୍ୟରେ ପହଞ୍ଚିଗଲା। ଭଡା ଟଙ୍କା ବଢାଇଦେଇ ଗାଡ଼ିରୁ ଓହ୍ଲାଇଲା ବେଳକୁ ଝିଅଟି କହିଲା, "ସାର, ଟିକେ ରହିଯାଆନ୍ତୁ। ମୁଁ ଅଫିସ ଗେଟ ପାଖକୁ ନେଇ ଗାଡି ଲଗାଇଦେଉଛି । ଏଇଠି ଓହ୍ଲାଇଲେ ଆପଣ ଓଦା ହେଇଯିବେ।" ଝିଅଟିର ଏଇ କଥାରେ ଆଉ ଅଧିକ କିଛି ପ୍ରତିକ୍ରିୟା ନଦେଖାଇ, ନିଜ ପାଖରେ ଛତା ଥିଲେ ବି ସେ ଚୁପରହି ଗେଟ ପାଖରେ ଓହ୍ଲାଇଲେ। ଆଉ ଖୋଲା ହୃଦୟରେ ଝିଅଟିକୁ ଧନ୍ୟବାଦ ଦେଇ ଅଫିସ ପାହାଚ ଚଢୁଚଢୁ, ଆଜି ସାକାଳେ ନିଜ ପତ୍ନୀଙ୍କୁ ଶୁଣାଇଥିବା ଅନେକ ପୁରୁଷ ସୂକ୍ତ ମନେପକାଉଥିଲେ ।





ଦୁର୍ଗୀ, ରାୟଗଡ଼
ଫୋନ: ୭୦୦୮୨୩୨୬୦୬

# ୨୦୨୬ରେ ପୁଣି ଇଂଲଣ୍ଡ ଗସ୍ତରେ ଯିବ ଭାରତୀୟ କ୍ରିକେଟ ଦଳ : ବିସିସିଆଇ

**ନୂଆଦିଲ୍ଲୀ**

ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଗୁରୁବାର ୨୦୨୬ ଗ୍ରୀଷ୍ମ ଋତୁର ଘରୋଇ ମ୍ୟାଚ୍ ତାଲିକା ଘୋଷଣା କରିଛି। ଏହି ତାଲିକା ଅନୁଯାୟୀ, ଭାରତୀୟ କ୍ରିକେଟ ଦଳ ଆଗାମୀ ବର୍ଷ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ। ବର୍ତ୍ତମାନ ଭାରତ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ପଛରେ ରହିଛି। ଇଂଲଣ୍ଡର ୨୦୨୬ ଗ୍ରୀଷ୍ମ ଋତୁ କ୍ରିକେଟ ପାଇଁ ବ୍ୟସ୍ତବହୁଳ ରହିବ। ଭାରତ ବ୍ୟତୀତ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ୍ ଏବଂ ଶ୍ରୀଲଙ୍କା ବିପକ୍ଷରେ ଛଅଟି ହ୍ୱାଇଟ-ବଲ୍ ମ୍ୟାଚ୍ ଖେଳାଯିବ। ଏହା ସହ ଲର୍ଡସ୍ ଷ୍ଟାଡିୟମ ପ୍ରଥମ ଥର ପାଇଁ ମହିଳା ଟେଷ୍ଟ ମ୍ୟାଚ୍‌ର ଆୟୋଜନ କରିବ।

ପୁରୁଷ ଦଳର ମ୍ୟାଚ୍ ତାଲିକା : ଇଂଲଣ୍ଡ ପୁରୁଷ ଦଳ ଜୁନ ମାସ ଆରମ୍ଭରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହା ପରେ ଜୁଲାଇରେ ଭାରତ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଅଗଷ୍ଟରେ ପାକିସ୍ତାନ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଆସିବ ଏବଂ ସେପ୍ଟେମ୍ବରରେ ଶ୍ରୀଲଙ୍କା ତିନୋଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

ଭାରତ ବିପକ୍ଷ ମ୍ୟାଚ ତାଲିକା ଟି-୨୦ : ଜୁଲାଇ ୧-ବ୍ୟାଙ୍କସ ହୋମସ ରିଭରସାଇଡ, ଡରହାମ୍। ଜୁଲାଇ ୪ – ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର। ଜୁଲାଇ ୭- ଟ୍ରେଣ୍ଟ ବ୍ରିଜ, ନଟିଂହାମ। ଜୁଲାଇ ୯- ସିଟ୍ ଇଉନିକ୍ ଷ୍ଟାଡିୟମ, ବ୍ରିଷ୍ଟଲ। ଜୁଲାଇ ୧୧- ଉଟିଲିଟା ବୋଲ, ସାଉଥାମ୍ପଟନ। ଦିନିକିଆ : ଜୁଲାଇ ୧୪- ଏଜବାଷ୍ଟନ, ବର୍ମିଂହାମ। ଜୁଲାଇ ୧୬- ସୋଫିଆ ଗାର୍ଡେନ୍‌ସ, କାର୍ଡିଫ। ଜୁଲାଇ ୧୯- ଲର୍ଡସ୍, ଲଣ୍ଡନ।

ମହିଳା ଦଳର ମ୍ୟାଚ୍ : ଇଂଲଣ୍ଡ ମହିଳା ଦଳ ମଇ ମାସରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ଓ ତିନୋଟି ଟି-୨୦ ମ୍ୟାଚ ଖେଳିବ। ଏହା ପରେ ଭାରତ ବିପକ୍ଷରେ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବ, ଯାହା ଘରୋଇ ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଭାବେ କାମ କରିବ। ଜୁଲାଇ ୫ରେ ଲଡ୍‌ସରେ ବିଶ୍ୱକପ ଶେଷ ହେବା ପରେ, ଜୁଲାଇ ୧୦ରେ ଭାରତ ବିପକ୍ଷରେ ଏକ ଐତିହାସିକ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବରରେ ଆୟର୍ଲାଣ୍ଡ ବିପକ୍ଷରେ ତିନୋଟି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳାଯିବ।

# ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଆୟୋଜନ କରିବ ବିସିସିଆଇ

## ସମାନ ଗ୍ରୁପ୍‌ରେ ଭାରତ-ପାକିସ୍ତାନ !




**ନୂଆଦିଲ୍ଲୀ**

ଏସିଆ କପ୍-୨୦୨୫କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏସିଆ କପ୍‌ର ସମାନ ଗ୍ରୁପ୍‌ରେ ରହିବେ ଦୁଇ ଚୀରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଅର୍ଥାତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ବିସିସିଆଇ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍‌ର ଆୟୋଜନ କରିବାକୁ ରାଜି ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି।

ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ପହଲଗାମ ନରସଂହାର ପରେ ଏସିଆ କପର ଭବିଷ୍ୟତ ଉପରେ କଳାବାଦଲ ଘୋଟାଇ ଯାଇଥିଲା। ହେଲେ ଏହାର ଆୟୋଜନକୁ ନେଇ ରହିଥିବା ସବୁ ବାଧାରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗୁରୁବାର ଏସିଆନ କ୍ରିକେଟ କାଉନସିଲ ବା ଏସିସିର ବାର୍ଷିକ ବୈଠକ ଢାକାରେ ଅନୁଷ୍ଠିତ ହୋଇଥିଲା। ବିସିସିଆଇର ଅଧିକାରୀମାନେ ଭିଡିଓ କନଫରେନ୍ସିଂରେ ଏଥିରେ ଯୋଗ ଦେଇଥିଲେ।

ବୈଠକ ସମୟରେ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଏସିଆ କପ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଛି। ଦୁବାଇ ଓ ଅବୁ ଧାବିରେ ଏସିଆ କପ ବିସିସିଆଇ ଆୟୋଜନ କରିବ। ଯଦିଓ ଏମିରେଟ୍ସ କ୍ରିକେଟ ବୋର୍ଡ ବା ଇସିବି ସହ ୩ଟି ସ୍ଥାନର ବ୍ୟବହାର ପାଇଁ ଚୁକ୍ତି ହୋଇଛି, କିନ୍ତୁ ଏସିଆ କପରେ ୨ଟି ଭେନ୍ୟୁର ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି।

ବିସିସିଆଇ ପାଖରେ ୮ମ ଟିମ୍ ବିଶିଷ୍ଟ ଏସିଆ କପ ଆୟୋଜନ କରିବାର ଅଧିକାର ରହିଛି। କିନ୍ତୁ ଏପ୍ରିଲ ୨୨ ପହଲଗାମ ନରସଂହାର ପରେ ଭାରତ ଏସିଆ କପ୍ ଆୟୋଜନରୁ ଓହରି ଯିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏବେ ବିସିସିଆଇ ଏସିଆ କପ ଆୟୋଜନ ପାଇଁ ରାଜି ହୋଇଛି।

ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା ଓ ଏସିସି ତଥା ପିସିବି ସଭାପତି ମୋହସିନ ନକଭୀ ଆଗାମୀ ଦିନରେ ବୈଠକ କରିବେ। ଏହି ସମୟରେ ଏସିଆ କପର ଭେନ୍ୟୁ ଓ ମ୍ୟାଚ୍ ସୂଚୀ ପ୍ରସ୍ତୁତ ହେବ। ଟୁର୍ଣ୍ଣାମେଣ୍ଟ ପାଇଁ ସେପ୍ଟେମ୍ବର ୭ରୁ ମାସ ଶେଷ ଯାଏ ସମୟ ପ୍ରସ୍ତାବ ଦିଆଯାଇଛି। ଆସନ୍ତାବର୍ଷ ଫେବୃଆରୀରେ ଟି-୨୦ ବିଶ୍ୱକପ ଥିବା ବେଳେ ଏସିଆ କପ ଏଥିପାଇଁ ପ୍ରସ୍ତୁତି କରିବାରେ ସହାୟକ ହେବ।

# ଫିଡେ ମହିଳା ବିଶ୍ୱକପ୍ ଫାଇନାଲରେ ଦିବ୍ୟା ଦେଶମୁଖ



**ବାତୁମି (ଜର୍ଜିଆ)**

ପୁଣି ବିଶ୍ୱସ୍ତରରେ ଚମକିଲା ଭାରତ। ଫିଡେ ମହିଳା ବିଶ୍ୱ ଚେସ୍ କପ୍ ଫାଇନାଲରେ ପ୍ରବେଶ କରିଛନ୍ତି ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ। ସେମିଫାଇନାଲର ଦ୍ୱିତୀୟ ଖେଳରେ ୧୯ ବର୍ଷୀୟା ଦିବ୍ୟା ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଚୀନର ଝୋଙ୍ଗୟୀ ଟାନଙ୍କୁ ପରାସ୍ତ କରି ମିନି ମ୍ୟାଚ୍ ୧.୫-୦.୫ରେ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପ୍ରକ୍ରିୟାରେ କ୍ୟାଣ୍ଡିଡେଟ୍‌ସ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ଅଧିକାର କରିଥିବା ପ୍ରଥମ ଭାରତୀୟ ପାଲଟିଛନ୍ତି ଦିବ୍ୟା। ମହିଳା କ୍ୟାଣ୍ଡିଡେଟ୍‌ସ ଚେସ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ଅନୁଷ୍ଠିତ ହେବ ଏବଂ ଏହି ଟୁର୍ଣ୍ଣାମେଣ୍ଟ ବର୍ତ୍ତମାନର ମହିଳା ବିଶ୍ୱ ଚମ୍ପିଆନ ଓ୍ୱେଞ୍ଜୁନ୍ ଜୁଙ୍କ ପ୍ରତିଦ୍ୱନ୍ଦ୍ୱୀ ନିର୍ଣ୍ଣୟ କରିବ। ଖାସ୍ କଥା ହେଉଛି, ଦିବ୍ୟା ପ୍ରଥମ ଥର ପାଇଁ ବିଶ୍ୱକପରେ ଭାଗ ନେଉଛନ୍ତି।

# ବ୍ରେଣ୍ଡନ ମ୍ୟାକକୁଲମଙ୍କ ରେକର୍ଡ ଭାଙ୍ଗିଲେ ଆୟୁଷ ମହାତ୍ରେ




**ନୂଆଦିଲ୍ଲୀ**

ଭାରତୀୟ ଯୁବ କ୍ରିକେଟ ଦଳର ଅଧିନାୟକ ଆୟୁଷ ମହାତ୍ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଯୁବ ଟେଷ୍ଟରେ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମାତ୍ର ୬୪ ବଲରେ ଶତକ ପୂରଣ କରି ସେ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକକୁଲମଙ୍କ ରେକର୍ଡକୁ ଭାଙ୍ଗି ଯୁବ ଟେଷ୍ଟ ଇତିହାସରେ ତୃତୀୟ ଦ୍ରୁତତମ ଶତକର ଗୌରବ ହାସଲ କରିଛନ୍ତି। ଚେଲମସଫୋର୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଯୁବ ଦଳ ୩୫୫ ରନର ଲକ୍ଷ୍ୟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିଲା।

୧୮ ବର୍ଷୀୟ ମହାତ୍ରେ ୮୦ ବଲରେ ୧୨୬ ରନର ଏକ ବିସ୍ଫୋରକ ପାଳି ଖେଳିଥିଲେ, ଯେଉଁଥିରେ ୧୩ଟି ଚୌକା ଓ ୬ଟି ଛକା ସାମିଲ ଥିଲା। ଏହି ପାରି ତାଙ୍କୁ ମ୍ୟାକକୁଲମଙ୍କ ସହ ଏକ ବିରଳ କୀର୍ତ୍ତିମାନରେ ସ୍ଥାନିତ କରିଛି, ଯେଉଁମାନେ ଯୁବ ଟେଷ୍ଟରେ ୧୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ମହାତ୍ରେଙ୍କ ଷ୍ଟ୍ରାଇକ୍ ରେଟ୍ ୧୨୧.୧୭ ଥିବା ବେଳେ, ମ୍ୟାକକୁଲମ ୨୦୦୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଯୁବ ଟେଷ୍ଟରେ ୧୦୮.୪୧ ଷ୍ଟ୍ରାଇକ୍ ରେଟ୍‌ରେ ୨୩୨ ରନ ସଂଗ୍ରହ କରିଥିଲେ।

ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମ ବଲରେ ଷ୍ଟାର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଗୋଲ୍ଡେନ ଡକ୍‌ରେ ହରାଇଥିଲା। କିନ୍ତୁ ମହାତ୍ରେ ଦାୟିତ୍ୱ ନେଇ ଇଂଲଣ୍ଡର ବୋଲରମାନଙ୍କୁ ଆକ୍ରମଣ କରିଥିଲେ। ସେ ମାତ୍ର ୨୫ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ଆଲେକ୍ସ ଗ୍ରୀନଙ୍କ ଏକ ଓଭରରୁ ୧୪ ରନ ନେଇଥିଲେ। ତାଙ୍କ ସହ ଅଭିଜ୍ଞାନ କୁଣ୍ଡୁ ୪୬ ବଲରେ ୬୫ ରନର ଏକ ଦ୍ରୁତ ପାରି ଖେଳି ତାଙ୍କୁ ସମର୍ଥନ ଦେଇଥିଲେ। ଦୁହେଁ ମିଳିତ ଭାବେ ମାତ୍ର ୭୭ ବଲରେ ୧୧୭ ରନର ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଗଢ଼ିଥିଲେ।

ମହାତ୍ରେ ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୯୦ ବଲରେ ୮୦ ରନ ଏବଂ ପ୍ରଥମ ଯୁବ ଟେଷ୍ଟରେ ୧୦୭ ବଲରେ ୧୦୨ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ସେ ମୋଟ ୩୪୦ ରନ ସଂଗ୍ରହ କରି ନିଜର ପ୍ରତିଭା ପ୍ରମାଣ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗସ (ସିଏସକେ) ପାଇଁ ଆଇପିଏଲ ୨୦୨୫ରେ ୭ ମ୍ୟାଚ୍‌ରେ ୧୮୮ ଷ୍ଟ୍ରାଇକ୍ ରେଟ୍‌ରେ ୨୪୦ ରନ ସଂଗ୍ରହ କରି ସେ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହି ମ୍ୟାଚ୍‌ରେ ଭାରତ ୪୩ ଓଭରରେ ୨୯୦/୬ ସଂଗ୍ରହ କରିଥିଲା, କିନ୍ତୁ ଖରାପ ଆଲୋକ ଯୋଗୁଁ ବାକି ୬୫ ରନ ସଂଗ୍ରହ କରିବାରୁ ବଞ୍ଚିତ ହୋଇଥିଲା। ଫଳରେ ମ୍ୟାଚ୍ ଡ୍ର’ରେ ଶେଷ ହୋଇଥିଲା। ମହାତ୍ରେଙ୍କ ଏହି ପାଳି ତାଙ୍କୁ ଭାରତୀୟ କ୍ରିକେଟର ଏକ ଉଦୀୟମାନ ତାରକା ଭାବେ ପ୍ରତିଷ୍ଠିତ କରିଛି।

ଅନ୍ୟପକ୍ଷରେ ମହାତ୍ରେ ମନୋଜ ତିୱାରୀଙ୍କ ଭାରତୀୟ ଯୁବ ଟେଷ୍ଟରେ ସର୍ବାଧିକ ଛକାର ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ତାଙ୍କର ୯ଟି ଛକା ଏହି ମ୍ୟାଚରେ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏହି ପ୍ରଦର୍ଶନ ଭାରତୀୟ କ୍ରିକେଟ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି।

# ଋଷଭ ପନ୍ତଙ୍କ ପାଦ ଆଙ୍ଗୁଠିରେ ଫ୍ରାକ୍‌ଚର : ଇଂଲଣ୍ଡ ସିରିଜ୍‌ରୁ ବାଦ୍ ପଡ଼ିବା ସମ୍ଭାବନା




**ମାଞ୍ଚେଷ୍ଟର**

ଭାରତୀୟ କ୍ରିକେଟ ଦଳର ଷ୍ଟାର ୱିକେଟକିପର-ବ୍ୟାଟର ଋଷଭ ପନ୍ତ ଡାହାଣ ପାଦ ଆଙ୍ଗୁଠିରେ ଫ୍ରାକ୍‌ଚର ଯୋଗୁଁ ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ମାଞ୍ଚେଷ୍ଟରରେ ଚାଲିଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଆହତ ହେବା ପରେ ସେ ରିଟାୟାର୍ଡ ହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛି ଏବଂ ତାଙ୍କ ଅବସ୍ଥାର ନିକଟରୁ ନିରୀକ୍ଷଣ କରୁଛି। ଏହି ଟେଷ୍ଟର ବାକି ଅଂଶରେ ୱିକେଟକିପିଂର ଦାୟିତ୍ୱ ଧ୍ରୁବ୍ ଜୁରେଲ ସମ୍ଭାଳିବେ।

ଏହି ଆଘାତ ସିରିଜ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଭାରତ ପାଇଁ ଏକ ବଡ଼ ଆଘାତ। ୬୮ତମ ଓଭରରେ ଋଷଭ ପନ୍ତ ୩୭ ରନରେ ବ୍ୟାଟିଂ କରୁଥିବା ବେଳେ କ୍ରିସ୍ ୱୋକ୍ସଙ୍କ ବଲରେ ରିଭର୍ସ ସୁଇପ୍ ଖେଳିବାକୁ ଚେଷ୍ଟା କରିଥିଲେ। ବଲଟି ତାଙ୍କ ବ୍ୟାଟରେ ସାମାନ୍ୟ ଏଜ ଲାଗି ଡାହାଣ ପାଦ ଆଙ୍ଗୁଠିରେ ଜୋରରେ ଆଘାତ କରିଥିଲା। ଇଂଲଣ୍ଡ ଦଳ ଏଲବିଡବ୍ଲୁ ପାଇଁ ଆପିଲ କରିଥିଲେ, କିନ୍ତୁ ରିପ୍ଲେରେ ନିଶ୍ଚିତ ହେବାରୁ ପନ୍ତ ଆଉଟରୁ ବର୍ତ୍ତିଥିଲେ, ଯଦିଓ ସେ ତୀବ୍ର ଯନ୍ତ୍ରଣାରେ ଥିଲେ। ମେଡିକାଲ ଟିମ୍ ତୁରନ୍ତ ପଡ଼ିଆରେ ପହଞ୍ଚିଥିଲେ ଏବଂ ପନ୍ତଙ୍କୁ ଏକ ଆମ୍ବୁଲାନ୍ସ ଗଲଫ କାର୍ଟରେ ପଡ଼ିଆରୁ ବାହାରକୁ ନିଆଯାଇଥିଲା। ତାଙ୍କ ବୁଟ୍ ମଧ୍ୟରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା ଏବଂ ତାଙ୍କ ପାଦ ଫୁଲି ଯାଇଥିଲା। ତାଙ୍କୁ ତୁରନ୍ତ ସ୍କାନ ପାଇଁ ପଠାଯାଇଥିଲା।

ବିସିସିଆଇ ଏକ ବିବୃତିରେ କହିଛି, “ମାଞ୍ଚେଷ୍ଟର ଟେଷ୍ଟର ପ୍ରଥମ ଦିନରେ ବ୍ୟାଟିଂ କରୁଥିବା ବେଳେ ଋଷଭ ପନ୍ତଙ୍କ ଡାହାଣ ପାଦରେ ଆଘାତ ଲାଗିଥିଲା। ତାଙ୍କୁ ଷ୍ଟାଡିୟମରୁ ସ୍କାନ ପାଇଁ ନିଆଯାଇଛି। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ଅବସ୍ଥା ନିରୀକ୍ଷଣ କରୁଛି।” ପ୍ରାରମ୍ଭରେ ଦଳ ପରିଚାଳନା ପନ୍ତଙ୍କୁ ଯନ୍ତ୍ରଣା ଉପଶମ ଔଷଧ ସହାୟତାରେ ବ୍ୟାଟିଂ ପାଇଁ ଫେରାଇବାର ସମ୍ଭାବନା ବିଚାର କରିଥିଲେ। କିନ୍ତୁ ପରୀକ୍ଷା ପରେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି ଏବଂ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଏହା ପନ୍ତଙ୍କର ଏହି ସିରିଜରେ ଦ୍ୱିତୀୟ ଆଘାତ। ଏହା ପୂର୍ବରୁ ଲର୍ଡସରେ ତୃତୀୟ ଟେଷ୍ଟରେ ୱିକେଟକିପିଂ ସମୟରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା, ଯେଉଁଥିପାଇଁ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ଧ୍ରୁବ ଜୁରେଲଙ୍କୁ ୱିକେଟକିପିଂ କରିବାକୁ ପଡ଼ିଥିଲା।

ଏହି ଆଘାତର ସମୟ ଭାରତ ପାଇଁ ଅତ୍ୟନ୍ତ ଖରାପ। ପନ୍ତ ଭଲ ଫର୍ମରେ ଥାଇ ମୋମେଣ୍ଟମ ଗଢ଼ୁଥିବା ବେଳେ ତାଙ୍କର ଅନୁପସ୍ଥିତି ମିଡଲ ଅର୍ଡରରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ପ୍ରଥମ ଦିନରେ ୬୧ ରନରେ ସ୍ଥିର ପାଳି ଖେଳିଥିବା ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ ପ୍ରେସ କନଫରେନ୍ସରେ କହିଛନ୍ତି, “ପନ୍ତ ଆଜି ବହୁତ ଭଲ ବ୍ୟାଟିଂ କରୁଥିଲେ। ତାଙ୍କୁ ହରାଇବା ନିଶ୍ଚିତ ଭାବେ ଏକ ବଡ଼ କ୍ଷତି। କିନ୍ତୁ ବର୍ତ୍ତମାନ ବ୍ୟାଟିଂ କରୁଥିବା ଖେଳାଳିମାନେ ଏବଂ ଆମ ଅଲରାଉଣ୍ଡରମାନେ ଏହି କ୍ଷତିକୁ ପୂରଣ କରିବା ପାଇଁ ଦୀର୍ଘ ସମୟ ବ୍ୟାଟିଂ କରିବାକୁ ଚେଷ୍ଟା କରିବୁ।”

# ସରକାରଙ୍କ ସମର୍ଥନ ଦ୍ୱାରା ଭାରତରେ ରେକର୍ଡ ନିବେଶ ଆକର୍ଷିତ କରୁଛନ୍ତି ସେମିକଣ୍ଡକ୍ଟର ଷ୍ଟାର୍ଟଅପ୍

**ଭୁବନେଶ୍ୱର, ପିଆଇବି**

ଭାରତରେ ସେମିକଣ୍ଡକ୍ଟର ନିର୍ମାଣ ଇକୋସିଷ୍ଟମ ଦିନକୁ ଦିନ ମଜବୁତ ହେଉଛି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପ୍ରସ୍ତୁତି ଆଧାରିତ ପ୍ରୋତ୍ସାହନ ଯୋଜନା ଏବଂ ଚିପ୍ସ ଟୁ ଷ୍ଟାର୍ଟଅପ୍ (ସିଟୁଏସ୍) କାର୍ଯ୍ୟକ୍ରମ ଅଧୀନରେ ସମର୍ଥିତ ଷ୍ଟାର୍ଟଅପ୍ ଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ନିବେଶ ହାସଲ କରୁଛନ୍ତି। ସରକାରଙ୍କ ଚିପ୍ ଡିଜାଇନ୍ ଯୋଜନା ଅଧୀନରେ ସମର୍ଥିତ ଏକ ଷ୍ଟାର୍ଟଅପ୍ ନେତ୍ରସେମିକୁ ୧୦୭ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ୍ ନିବେଶ ମିଳିଛି। କମ୍ପାନୀ ସ୍ମାର୍ଟ ଭିଜନ୍, ସିସିଟିଭି କ୍ୟାମେରା ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଆପ୍ଲିକେସନ୍ ପାଇଁ ଚିପ୍ସ ତିଆରି କରିବା ଉପରେ କାମ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ସ୍ୱାଗତ କରି କହିଛନ୍ତି, ‘‘ଭାରତର ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କ୍ଷମତା ରହିଛି। ଭାରତରେ ସେମିକଣ୍ଡକ୍ଟର ଡିଜାଇନକୁ ସମର୍ଥନ କରୁଥିବା ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ସହିତ ନେତ୍ରସେମିର ସଫଳତା ଅନ୍ୟ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରିବ।’’

୨୦୨୨ରେ ନିର୍ମାଣ ଆଧାରିତ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଚିପ୍ ଡିଜାଇନ ବା ପ୍ରସ୍ତୁତି କରୁଥିବା ୨୨ଟି କମ୍ପାନୀର ପ୍ରକଳ୍ପଗୁଡ଼ିକୁ ୨୩୪ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ମୋଟ୍ ମୂଲ୍ୟ ହେଉଛି ୬୯୦ କୋଟି ଟଙ୍କା। ଏହି ଚିପ୍ସଗୁଡ଼ିକ ସିସିଟିଭି କ୍ୟାମେରା, ମୋବାଇଲ୍ ନେଟୱାର୍କ, ସାଟେଲାଇଟ୍, କାର, ସ୍ମାର୍ଟ ଡିଭାଇସ୍ ଇତ୍ୟାଦିରେ ବ୍ୟବହୃତ ହେବ। ଏହି ଷ୍ଟାର୍ଟଅପଗୁଡ଼ିକ ମିଳିତ ଭାବରେ ଭେଞ୍ଚର କ୍ୟାପିଟାଲିଷ୍ଟ ନିବେଶକଙ୍କଠାରୁ ୩୮୦ କୋଟିରୁ ଅଧିକ ଟଙ୍କାର ନିବେଶ ସଂଗ୍ରହ କରିଛନ୍ତି। ପାଞ୍ଚଟି ଷ୍ଟାର୍ଟଅପ୍ ପୂର୍ବରୁ ବିଶ୍ୱସ୍ତରୀୟ ଚିପ୍ ନିର୍ମାତାଙ୍କ ସହିତ ସେମାନଙ୍କର ଚିପ୍ ଡିଜାଇନ୍ ନିର୍ମାଣ ଏବଂ ପରୀକ୍ଷଣ କରିସାରିଛନ୍ତି। ଚିପ୍ସ ଡିଜାଇନ୍ କରିବାରେ ସାହାଯ୍ୟ କରିବା ପାଇଁ ୭୨ରୁ ଅଧିକ କମ୍ପାନୀକୁ ଉନ୍ନତ ସଫ୍ଟୱେର୍ ଉପକରଣର ପ୍ରବେଶ ଦିଆଯାଇଛି। ଉଦାହରଣସ୍ୱରୂପ ସିସିଟିଭି ଚିପ୍ ଡିଜାଇନ୍ କରୁଥିବା ମାଇଣ୍ଡଗ୍ରୁଭ୍ ଟେକ୍ନୋଲୋଜି ୮୫ କୋଟି ଟଙ୍କାର ନିବେଶ ହାସଲ କରିଛି। ଉପଗ୍ରହ ଯୋଗାଯୋଗ ଚିପ୍ ଡିଜାଇନ କରୁଥିବା ଫର୍ମ ଓନିକ୍ ଡିଜାଇନ୍ ୫୦ କୋଟି ଟଙ୍କାର ନିବେଶ ହାସଲ କରିଛି। ମୋର୍ଫିଂ ମେସିନ, ଇନକୋର୍ ସେମିକଣ୍ଡକ୍ଟର ଏବଂ ବିଗ୍ ଏଣ୍ଡିଆନ୍ ସେମିକଣ୍ଡକ୍ଟର ଉତ୍ପାଦନ ସ୍ତରରେ ପହଞ୍ଚିବା ଲାଗି ଦ୍ରୁତ ଗତିରେ ବିକଶିତ ହେଉଛନ୍ତି। ଏକ ‘ଉତ୍ପାଦ ରାଷ୍ଟ୍ର’ ହେବାର ମନୋଭାବ ନେଇ ସରକାର ନୂଆ କମ୍ପାନୀଗୁଡ଼ିକୁ ଚିପ୍ ଡିଜାଇନ୍‌ରେ ଦୃଢ଼ ପଦକ୍ଷେପ ନେବାକୁ ଉତ୍ସାହିତ କରୁଛନ୍ତି। ଏଭଳି କମ୍ପାନୀଗୁଡ଼ିକର ଚିପ୍ସ ଉତ୍ପାଦନକୁ ବୃଦ୍ଧି କରିବା ଏବଂ ବଜାରକୁ ଆଣିବା ପାଇଁ ଘରୋଇ ନିବେଶକମାନେ ସେମାନଙ୍କୁ ସମର୍ଥନ କରୁଛନ୍ତି।

# ଭାଲୁଡୁଙ୍ଗୁରୀ ଗାଁରେ ଯୁବକଙ୍କ ଆତ୍ମହତ୍ୟା

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଓଡ଼ିଆପାଲି ଭାଲୁଡୁଙ୍ଗରି ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଘଟଣାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକ ଜଣକ ହେଲେ ଖପ୍ରାଖୋଲ ଥାନା ଓଡ଼ିଆପାଲି ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମର ସଦାଶିବ ସ୍ୱାଇଁ (୩୭)। ସୂଚନା ଅନୁସାରେ ଗୁରୁବାର ସକାଳୁ ସଦାଶିବ କୁଆଡ଼େ ଚାଲି ଯାଇଥିଲେ ଘର ଲୋକେ ଖୋଜାଖୋଜି କଲା ପରେ ମଧ୍ୟ ତାଙ୍କୁ ଖୋଜି ପାଇନଥିଲେ। ପାଖାପାଖି ଦିନ ୨ଟା ସମୟରେ ମୃତକଙ୍କ ଖୁଡ଼ି କପା ଚାଷ କରିଥିବା ଜମିକୁ କାମ କରିବାକୁ ଯିବା ସମୟରେ ଗୋଟିଏ ମହୁଲ ଗଛ ଡାଳରେ ଗୋଟିଏ ଝୁଲନ୍ତା ମୃତଦେହ ଦେଖି ନିକଟରେ ଥିବା ଅନ୍ୟ ଲୋକଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ନିକଟକୁ ଯାଇ ଦେଖିଲା ପରେ ମୃତ ଦେହଟି ପୁତୁରା ସଦାଶିବଙ୍କ ବୋଲି ଜାଣିପାରିଥିଲେ। ପରିବାରଲୋକେ ଘଟଣା ବିଷୟରେ ପୋଲିସକୁ ଖବର ଦେଇଥିବାବେଳେ ଘଟଣାସ୍ଥଳରେ ଖପ୍ରାଖୋଲ ପୋଲିସ ଏଏସଆଇ ରବୀନ୍ଦ୍ର କୁମ୍ଭାର ପୋଲିସ ଟିମ୍ ସହ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଖପ୍ରାଖୋଲ ଥାନା ୟୁଡି କେସ ନଂ ୧୦/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ପଠାଇ ଥିବାବେଳେ ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ମୃତକ ଜଣେ ଟ୍ରାକ୍ଟର ମେକାନିକ ଭାବେ ବଲାଙ୍ଗୀର ଠାରେ କାର୍ଯ୍ୟରତ ଥିଲେ। କିଛିଦିନ ହେଲା ସେ ଘରକୁ ଚାଲି ଆସିଥିଲେ। ଘରେ ତାଙ୍କର ଦୁଇଟି ଛୋଟ ଛୋଟ ପୁଅ ଏବଂ ସ୍ତ୍ରୀ ଥିବାବେଳେ ବର୍ତ୍ତମାନ ସେମାନେ ଘରର ମୁରବି ଏବଂ ଆୟକର୍ତ୍ତାକୁ ହରାଇ ଅସହାୟ ହୋଇ ପଡ଼ିଛନ୍ତି।



# ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦକ୍ଷ କୂଟନୀତି ଭାରତକୁ ଦେଉଛି ଭରପୂର ଲାଭ

## ପରିବର୍ତ୍ତିତ ଘଟଣାକ୍ରମରେ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସହ ସମ୍ପର୍କକୁ ସୁଦୃଢ଼ ରଖିପାରିଛି ଭାରତ

**ନୂଆଦିଲ୍ଲୀ, ପିଆଇବି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର କୂଟନୀତି ସବୁବେଳେ ରାଷ୍ଟ୍ର ପ୍ରଥମ ନୀତି ଉପରେ ଗୁରୁତ୍ୱ ଦେଇ ଆସିଛି। ଉଭୟ ଅନ୍ତର୍ଜାତୀୟ ମଞ୍ଚ ଏବଂ ଘରୋଇ କ୍ଷେତ୍ରରେ ଭାରତକୁ ଏହାର ସୁଫଳ ମିଳୁଛି। ନିକଟରେ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସହ ଭାରତର ସମ୍ପର୍କକୁ ନେଇ ପରିବର୍ତ୍ତିତ ଘଟଣାକ୍ରମରେ ଏହାର ଲାଭ ଦେଖିବାକୁ ମିଳିଛି।

ଦୁଇ ବର୍ଷ ପୂର୍ବେ, ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ମୁକ୍ତ ଭାବେ ‘ଇଣ୍ଡିଆ ଆଉଟ୍’ (ଭାରତକୁ ବହିଷ୍କାର) ନୀତି ନେଇ ମାଳଦ୍ୱୀପରେ କ୍ଷମତାକୁ ଆସିଥିଲେ। ସେତେବେଳେ ଗଣମାଧ୍ୟମ ସମ୍ପାଦକୀୟଗୁଡ଼ିକ ଭାରତର ମାଳଦ୍ୱୀପ ନୀତିକୁ ନେଇ ପ୍ରଶ୍ନ ଉଠାଇବାର ସହ ଏହାର ପରିସମାପ୍ତି ହୋଇଛି ବୋଲି ଲେଖିଥିଲେ। ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ନୂଆଦିଲ୍ଲୀ ନିଜର ନିକଟତମ ସାମୁଦ୍ରିକ ସହଯୋଗୀ ସହ ରଖିଥିବା ସମ୍ପର୍କ ହରାଇବାକୁ ଯାଉଛି ବୋଲି ସେମାନେ ମତ ଦେଇଥିଲେ। କେତେକ ଅଗ୍ରଣୀ ଗଣମାଧ୍ୟମ ମତ ଦେଇଥିଲେ ଯେ ଭାରତ ନିଜର ବିଶ୍ୱସ୍ତ ସହଯୋଗୀକୁ ହରେଇବାକୁ ଯାଉଛି। ଏହା ଭାରତ ପାଇଁ ଧକ୍କା ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ସମ୍ପର୍କର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଭାରତ କୂଟନୀତିରେ ନିଜର ଦୃଷ୍ଟିକୋଣ ବଦଳାଇବା ଆବଶ୍ୟକ ବୋଲି ମଧ୍ୟ କୁହାଗଲା। ବିଦେଶୀ ଗଣମାଧ୍ୟମ ଭାରତର ରଣନୀତିକୁ ନେଇ ମଧ୍ୟ ସନ୍ଦେହ ପ୍ରକଟ କରିଥିଲେ।

ଏଭଳି ପରିସ୍ଥିତିରେ ଭାରତ ସବୁଠୁ ଉପଯୁକ୍ତ ପଦକ୍ଷେପ ନେଇ ସଂଯମତା ଅବଲମ୍ବନ କରିଥିଲା। ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ନକରି ନିରବ ଏବଂ ସ୍ଥିର ରହିଥିଲା। ଭାରତ ଜବାବୀ ପଦକ୍ଷେପ ଗ୍ରହଣ କରିବ ବୋଲି ସମସ୍ତେ ଭାବୁଥିବା ସମୟରେ ଏହାର ବିପରୀତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ବିଶ୍ୱନେତା ଭାବେ ରାଷ୍ଟ୍ରପତି ମୁଇଜ୍ଜୁଙ୍କୁ ନିର୍ବାଚନ ସଫଳତା ପାଇଁ ଶୁଭକାମନା ଜଣାଇଥିଲେ। ସମୟକ୍ରମେ ଏହି ସମ୍ପର୍କ ଅଧିକ ସୁଦୃଢ଼ ହେଲା। ଚଳିତ ସପ୍ତାହରେ ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦୀ ମାଳଦ୍ୱୀପ ଗସ୍ତରେ ଯାଉଛନ୍ତି। ରାଷ୍ଟ୍ରପତି ମୁଇଜ୍ଜୁଙ୍କ ନିମନ୍ତ୍ରଣକ୍ରମେ ସେ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିବେ। ‘ଇଣ୍ଡିଆ ଆଉଟ୍’ ସ୍ଲୋଗାନ୍ ଦିଆଯାଇଥିବା ଦିନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କର ଏହା ଏକ ଉଦାହରଣ।

ରାଷ୍ଟ୍ରପତି ମୁଇଜ୍ଜୁ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ନିଜକୁ ମାଳଦ୍ୱୀପ ପାଇଁ ବିପଦ ବେଳର ବନ୍ଧୁ ଭାବେ ପ୍ରମାଣିତ କରି ଆସିଛି। ୪୦୦ ନିୟୁତ ଡଲାରର ଆର୍ଥିକ ସହାୟତା ସହିତ ମୁଦ୍ରା ବିନିମୟ ଜରିଆରେ ୩ହଜାର କୋଟି ଟଙ୍କାର ସହଯୋଗ ଯୋଗାଇ ଦେଇଛି ଭାରତ। ମାଳଦ୍ୱୀପର ବିଭିନ୍ନ ଅଞ୍ଚଳକୁ ନୌକା ସେବା ପାଇଁ ୧୩ଟି ନୂଆ ବୁଝାମଣା ସ୍ୱାକ୍ଷର କରିଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ସାମୁଦ୍ରିକ ଏବଂ ଦକ୍ଷତା ବିକାଶ ସହଯୋଗ ଅତୁଳନୀୟ ଭାବେ ବୃଦ୍ଧି ପାଇଛି। ଭାରତୀୟ ବ୍ୟବସାୟୀ ଏବଂ ପର୍ଯ୍ୟଟକମାନଙ୍କ ଆଗମନ ସହ ମାଳଦ୍ୱୀପରେ ବାଣିଜ୍ୟ ଓ ନିବେଶ ପରିମାଣ ବଢ଼ିଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୫୪୮ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ମାଳଦ୍ୱୀପ ତଟରକ୍ଷୀ ବାହିନୀ ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀମାନଙ୍କୁ ଭାରତ ଦକ୍ଷତା ତାଲିମ ଦେଇଛି।

ଚଳିତ ଥର ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଳଦ୍ୱୀପ ଗସ୍ତ ପୂର୍ବରୁ ରାଷ୍ଟ୍ରପତି ମୁଇଜ୍ଜୁ ଗତବର୍ଷ ଅକ୍ଟୋବରରେ ଭାରତ ଗସ୍ତରେ ଆସିଥିଲେ। ନଭେମ୍ବର ୨୦୨୩ରେ ଦାୟିତ୍ୱ ଗ୍ରହଣ ପୂର୍ବରୁ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା। ଏହି ଗସ୍ତ କାଳରେ ସେ କହିଥିଲେ, ମାଳଦ୍ୱୀପର ସାମାଜିକ ଆର୍ଥିକ ଏବଂ ଭିତ୍ତିଭୂମି ବିକାଶରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଭାରତ ଦରକାର ବେଳେ ସବୁବେଳେ ମାଳଦ୍ୱୀପକୁ ସହଯୋଗ କରିଛି।

ଭାରତର ନିରବ କୂଟନୀତିର କାହାଣୀ କେବଳ ମାଳଦ୍ୱୀପ ସହ ସମ୍ପର୍କରେ ସୀମିତ ହୋଇ ରହିନାହିଁ। ଶ୍ରୀଲଙ୍କାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଦାୟିତ୍ୱ ଗ୍ରହଣ କରିବା ପରେ ନୂଆଦିଲ୍ଲୀ-କଲୋମ୍ବୋ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ସମାଲୋଚକ ପ୍ରଶ୍ନ ଉଠାଇଥିଲେ। ଶ୍ରୀଲଙ୍କାରେ ବାମପନ୍ଥୀ ସରକାର ଆସିବା ଭାରତ ପାଇଁ ଚିନ୍ତାର ବିଷୟ ବୋଲି ସେମାନେ କହିଥିଲେ। ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଭାରତ ଠାରୁ ନିଜକୁ ଦୂରେଇ ରଖିବେ ବୋଲି ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

ମାତ୍ର ଏହାର ବିପରୀତ ଭାରତ-ଶ୍ରୀଲଙ୍କା ସମ୍ପର୍କ ଅଧିକ ସୁଦୃଢ଼ ହୋଇଥିଲା। ସମ୍ପର୍କକୁ ସମ୍ମାନ, ସମୟୋଚିତ ସହାୟତା ଏବଂ ରଣନୀତିକ ସଂଯମତା ପ୍ରଦର୍ଶନ କରି ଭାରତ ଏହି ସମ୍ପର୍କକୁ ବଜାୟ ରଖିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀଲଙ୍କା ଗସ୍ତ କରିଥିଲେ। ଏହା ଦୁଇ ଦେଶର ସମ୍ପର୍କରେ ଭରସାର ଭାବନାକୁ ସୁଦୃଢ଼ କରିଥିଲା। ରାଷ୍ଟ୍ରପତି ଦିସାନାୟକେ ଆନୁଷ୍ଠାନିକ ସ୍ୱାଗତ ଠାରୁ ଆରମ୍ଭ କରି ମିଳିତ ସାର୍ବଜନୀନ ସଭାରେ ଯୋଗଦେବା ଏବଂ ପ୍ରସିଦ୍ଧ ସାଂସ୍କୃତିକ ସ୍ଥଳ ପରିଦର୍ଶନ କରିବା ପର୍ଯ୍ୟନ୍ତ ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖେ ପାଖେ ରହିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ ‘ମିତ୍ର ବିଭୂଷଣ’ରେ ସମ୍ମାନିତ କରାଯାଇଥିଲା। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ଦିସାନାୟକେ କହିଥିଲେ, ଭାରତ ‘‘ଶ୍ରୀଲଙ୍କା ପାଇଁ ପ୍ରଥମ ସହାୟତାକାରୀ ଦେଶ’’। ସେ ଦୁଇ ଦେଶ ମଧ୍ୟରେ ଦୃଢ଼ ଆପୋସ ଭରସାକୁ ବ୍ୟକ୍ତ କରିଥିଲେ। ସଙ୍କଟ ସମୟରେ ପ୍ରଥମେ ସହାୟତା ଯୋଗାଇ ଦେବା ହେଉ କିମ୍ବା ଅନ୍ୟମାନେ ପଛକୁ ହଟିଯିବା ସମୟରେ ନିର୍ଭରଯୋଗ୍ୟ ପଡ଼ୋଶୀ ଭାବରେ ଠିଆ ହେବା ହେଉ, ଭାରତ ମହାସାଗର କ୍ଷେତ୍ରରେ ଭାରତ ସବୁବେଳେ ସହଯୋଗୀ ବନ୍ଧୁ ଭାବେ ଛିଡ଼ା ହୋଇଛି। ପଡ଼ୋଶୀ ଦେଶରେ ରାଜନୈତିକ ପରିବର୍ତ୍ତନ ଆସିଲେ ଭାରତର ଆଚରଣ ହିଁ ଏହାର ସହଭାଗୀତାକୁ ସ୍ଥିର ରଖିଥାଏ।

ଏହା ପ୍ରଧାନମନ୍ତ୍ରୀଙ୍କ ବୈଦେଶିକ ନୀତିର ଗତିଶୀଳ ଏବଂ ଅନୁକୂଳ ପ୍ରକୃତିକୁ ପ୍ରକାଶ କରେ, ଯାହାକି ବିଶ୍ୱ କୂଟନୀତିର ପରିବର୍ତ୍ତନଶୀଳ ଧାରା ସହିତ ସୂକ୍ଷ୍ମ ଭାବରେ ସମନ୍ୱିତ। ରଣନୀତି ଏବଂ ଉଦ୍ଦେଶ୍ୟର ଏକ ସ୍ୱଷ୍ଟ ଭାବନା ସହିତ ପ୍ରଧାନମନ୍ତ୍ରୀ କାର୍ଯ୍ୟ କରନ୍ତି। ଅନ୍ୟମାନେ ତାଙ୍କ ଆଭିମୁଖ୍ୟକୁ ବୁଝିପାରନ୍ତି ବୋଲି ଦାବି କରୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଶୈଳୀରେ ଗଭୀର, ଅଧିକ ସୂକ୍ଷ୍ମ ସ୍ତର ଅଛି ଯାହା ପ୍ରାୟତଃ ସାଧାରଣ ଦୃଷ୍ଟିକୋଣରୁ ବାହାରେ ରହିଥାଏ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ରଣନୀତିକ ସଂଯମତା। ସେ ମାପିଚୁପି ଏବଂ ଚିନ୍ତାଶୀଳ ଆଭିମୁଖ୍ୟ ଗ୍ରହଣ କରିଥା’ନ୍ତି ଯାହା ଦେଶକୁ ଲାଭ ପହଞ୍ଚାଇଥାଏ। ଯେତେବେଳେ ଅନ୍ୟମାନେ ବିଫଳ ହୁଅନ୍ତି କିମ୍ବା ପ୍ରତିକ୍ରିୟା ଦେବାକୁ ମନା କରନ୍ତି, ସେତେବେଳେ ପ୍ରଧାନମନ୍ତ୍ରୀ ପ୍ରାୟତଃ ଯେକୌଣସି ଦେଶର ସପକ୍ଷରେ ଥାଆନ୍ତି। ମାନବୀୟ ସହାୟତା ପାଇଁ ଟିକା ଯୋଗାଣ ହେଉ, ଦକ୍ଷତା ବିକାଶ ହେଉ କିମ୍ବା ଆର୍ଥିକ ସହାୟତା ହେଉ, ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ସେହି ନେତା ଯିଏ ସବୁବେଳେ ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ସମର୍ଥନ କରନ୍ତି।

ଏହି ସ୍ଥିରତା କାରଣରୁ ରାଜନୈତିକ ନେତୃତ୍ୱ ପରିବର୍ତ୍ତନ ଘଟିଲେ ସୁଦ୍ଧା ଭାରତର ବୈଦେଶିକ ସମ୍ପର୍କ ସ୍ଥିର ଓ ଗଠନମୂଳକ ରହିଛି। ଏହାର ପରିଣାମସ୍ୱରୂପ ବିଶ୍ୱସ୍ତରରେ ଭାରତର ସ୍ଥିତି ସୁଦୃଢ଼ ହେଉଛି। ବ୍ୟବହାରିକତା ଏବଂ ସିଦ୍ଧାନ୍ତ ମଧ୍ୟରେ ସନ୍ତୁଳନ ରକ୍ଷା କରିଥିବା ବିଦେଶ ନୀତି କାରଣରୁ ଭାରତକୁ ଏ କ୍ଷେତ୍ରରେ ସଫଳତା ମିଳିପାରିଛି।

**OFFICE OF THE MUNICIPAL COUNCIL, TALCHER**
**DIST ANGUL** C-731
Phone No.- (06760) 240259 E-Mail ID: e.o.talcher@gmail.com
E-Mail ID: e.o.talcher@gmail.com
No.2620 / Date. 22.07.2025
**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending registered firms I garage owner for **"Repairing, Maintenance, Denting & Painting of TATA ACE Vehicle under Talcher Municipality"**. The prescribed quotation schedule can be obtained from the Cashier section of Talcher Municipality on payment of Rs. 500 /- (Rupees Hundred) only including GST@18% (non-refundable) in shape of cash in favour of the Executive Officer, Talcher Municipality from date 22.07.2025 to date 30.07.2025 up to 1.00 PM. during office hour except holidays.

The quotation paper along with PAN Card, Aadhar, GST Certificate & other documents should reach the undersigned by person on or before date 31.07.2025 up to 1.00 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 03.30 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

Sd/- Executive Officer
Talcher Municipality
OIPR-13077/11/0052/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-1236
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୧୩୭୯୧ / ଭୁ.ଉ.କ., ଭୁବନେଶ୍ୱର ତା ୧୮.୦୭.୨୦୨୫ରିଖ
SCR-34/92
**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଲ୍ୟାଣି ମାର୍କେଟ କମ୍ପ୍ଲେକ୍ସ, ୟୁନିଟ୍-୮, ମୌଜା-ଗୋପବନ୍ଧୁ ନଗର, ଭୁବନେଶ୍ୱର ଅନ୍ତର୍ଗତ ଦୋକାନଗୃହ ନଂ- KZS-4 & KZS-5କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା **୧୭୭୭୮, ତା-୧୮.୦୫.୨୦୨୨** ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ **ଡକ୍ଟର ସନାତନ ରଥଙ୍କ ନାମରୁ ସୁଶମା ରଥ, ସ୍ୱାମୀ- ଡକ୍ଟର ସନାତନ ରଥ, ଗ୍ରାମ-ତୁଳସୀପୁର, ପୋଷ୍ଟ-କନିକାଛକ, ଥାନା-ତୁଳସୀପୁର, ଜିଲ୍ଲା- କଟକ, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ସୁଶମା ରଥ** ଉକ୍ତ ଦୋକାନଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ଉତ୍କଳ କିଶୋର ଖାଡ଼ଙ୍ଗା, ପିତା- ଲିଙ୍ଗରାଜ ଖାଡ଼ଙ୍ଗା, ଫ୍ଲାଟ୍ ନଂ-୫୦୪, ଟାୱାର-୮, ଜେଡ୍-୧, ଇଷ୍ଟେଟ୍, କଳାରାହାଙ୍ଗ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଦୋକାନଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0337/2526





# ରାଜ୍ୟ କଂଗ୍ରେସ ତରଫରୁ ପାଳିତ ହେଲା ଶ୍ରଦ୍ଧାଞ୍ଜଳି ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ କଂଗ୍ରେସ ତରଫରୁ ପାଳିତ ହୋଇଛି ଶ୍ରଦ୍ଧାଞ୍ଜଳି ଦିବସ । ବାଲେଶ୍ୱରର ଛାତ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ବଳଙ୍ଗା ନାବାଳିକା ପିଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଏହି ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି ।



ରାଜ୍ୟରେ ଗୋଟିଏ ମିନିଟ ପାଇଁ ନିରବ ପ୍ରାଥନା କରିଛି କଂଗ୍ରେସ । ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟ ସମ୍ମୁଖରେ ପିସିସି ସଭାପତି ମଧ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଛନ୍ତି । ପିସିସି ସଭାପତି କହିଛନ୍ତି ରାଜ୍ୟରେ ନାରୀଙ୍କ ଉପରେ ଅତ୍ୟାଚାରକୁ ରୋକିବା ପାଇଁ ଜନ ଜାଗରଣର ଆବଶ୍ୟକତା ରହିଛି । ସେହି କ୍ରମରେ ରାଜ୍ୟବାସୀ ଏବଂ ମହିଳାଙ୍କୁ ସଚେତନ କରିବାକୁ ଆମେ ଏହି ଦିବସ ପାଳନ କରୁଛୁ ।

# କାଗଜବିହୀନ ଟିକେଟ ପ୍ରଣାଳୀରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂଆ ମାଇଲଖୁଣ୍ଟ ହାସଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୟୁଟିଏସ୍ (ଅଣସଂରକ୍ଷିତ ଟିକେଟିଂ ସିଷ୍ଟମ୍) ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାରରେ ଏକ ପ୍ରଭାବଶାଳୀ ବୃଦ୍ଧି ଆଣିପାରିଛି । ଏହି ପଦକ୍ଷେପ କେବଳ ଟିକେଟିଂ ପ୍ରକ୍ରିୟାକୁ ସରଳ କରୁ ନାହିଁ ବରଂ ଡିଜିଟାଲ୍ ଏବଂ ସମ୍ପର୍କହୀନ ସେବାକୁ ପ୍ରୋତ୍ସାହିତ କରିବାର ଭାରତୀୟ ରେଳବାଇର ବ୍ୟାପକ ଲକ୍ଷ୍ୟ ସାଧନ କରିପାରୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୋବାଇଲ୍ ଆପ୍ ଉପରେ ୟୁଟିଏସ ମାଧ୍ୟମରେ ୫,୩୫,୭୦୧ ଟିକିଟ୍ ଜାରି କରିଥିଲା, ଯାହା ୨୨,୪୧,୬୯୦ ରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇଥିଲା ଏବଂ ଏହି ବାବଦରେ ପ୍ରାୟ ୪,୭୬,୬୭,୭୧୦ ଟଙ୍କା ରାଜସ୍ୱ ଆୟ କରିଥିଲା । ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ (ଏପ୍ରିଲରୁ ଜୁନ୍) ର ପ୍ରଥମ ତ୍ରୈମାସିକରେ, ରେଳମଣ୍ଡଳ କାହାଜ ବିହୀନ ଅଣ ସଂରକ୍ଷିତ ଟିକେଟ ବାବଦରେ କ୍ରମାଗତ ବୃଦ୍ଧିର ଯଥେଷ୍ଟ ଉନ୍ନତି ଆଣିପାରିଛି : ୨୦୨୪-୨୫ରେ ଜାରି ହୋଇଥିବା ଟିକେଟ ୯୦,୦୦୫ ରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୧, ୮୩, ୨୫୧ ରେ ପହଂଚିଛି ଯାହା ୧୦୩.୬% ବୃଦ୍ଧି ପାଉଥିବା ଜଣାପଡିଛି । ଏହି ସମୟ ମଧ୍ୟରେ, ଯାତ୍ରୀ ସଂଖ୍ୟା ୪, ୪୨, ୪୧୩ ରୁ ବୃଦ୍ଧି ପାଇ ୬, ୭୦, ୩୦୨ ରେ ପହଞ୍ଚିଛି, ଯାହା ୫୧.୫% ବୃଦ୍ଧି ପାଇଛି । ସେହିପରି, ରାଜସ୍ୱ ବାବଦରେ ଗତ ଆର୍ଥିକ ବର୍ଷର ପ୍ରଥମ ତିନି ମାସର ଆୟ ୮୫, ୧୭, ୦୨୫ ଟଙ୍କାରୁ ବୃଦ୍ଧି ପାଇଁ ୧, ୫୫, ୪୪, ୮୨୦ ଟଙ୍କା ରେ ପହଂଚିଛି ଯାହାକି ଏହି ବାବଦରେ ୮୨.୫% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି ।




୨୦୦ କିଲୋମିଟରରୁ ଅଧିକ ଯାତ୍ରା ପାଇଁ ତିନି ଦିନ ପୂର୍ବରୁ ଅଣସଂରକ୍ଷିତ ଯାତ୍ରା ଟିକେଟ୍ ବୁକ୍ କରିପାରିବେ । ଅର୍ଦ୍ଧ-ବାର୍ଷିକ ଏବଂ ବାର୍ଷିକ ସିଜନ୍ ଟିକେଟ୍ କ୍ରୟ ମଧ କରାଯାଇ ହେବ। ସହଜରେ ପ୍ଲାଟଫର୍ମ ଟିକେଟ୍ ବୁକ୍ କରାଯାଇପାରିବ । ଆପ୍ ଏକାଧିକ ଡିଜିଟାଲ୍ ପେମେଂଟ ପଦ୍ଧତିକୁ ଯଥା ଆଣ୍ଡରଏଡ୍, ଆଇଓଏସ ଏବଂ ଓ୍ୱିଣ୍ଡୋଜ୍ ସ୍ମାର୍ଟ ଫୋନ୍ ସହିତ ସୁସଙ୍ଗତାସମର୍ଥନ କରୁଅଛି ।

ପେପରଲେସ୍ ଟିକେଟ୍ ବୁକ୍ କରିବା ପାଇଁ ସ୍ମାର୍ଟଫୋନ୍ ଜିପିଏସ୍ -ସକ୍ଷମ ହେବା ଆବଶ୍ୟକ। ବୁକିଂର ଗୋଟିଏ ଘଂଟା ମଧ୍ୟରେ ଯାତ୍ରା ଆରମ୍ଭ ହେବା ଆବଶ୍ୟକ। ପେପରଲେସ୍ ଟିକେଟ୍ ବାତିଲ୍ କରାଯାଇପାରିବ ନାହିଁ, ଯେତେବେଳେ ପ୍ରିଂଟେଡ୍ ଟିକେଟ୍ ପ୍ରିଂଟେଡ୍ ପୂର୍ବରୁ କିମ୍ବା ପରେ କାଉଂଟରରେ ବାତିଲ୍ କରାଯାଇପାରିବ। ବର୍ଦ୍ଧିତ ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଏହାର ୟୁଟିଏସ ନେଟୱାର୍କକୁ ବିସ୍ତାର କରିଛି । ଏଟିଭିଏମ୍ ମେସିନ୍ ପରି ମୁଦ୍ରିତ ଟିକେଟ୍ କିଓସ୍କ ପ୍ରମୁଖ ଷ୍ଟେସନ୍‌ରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ଯେଉଁମାନେ ଭୌତିକ ଟିକେଟ୍ ପସନ୍ଦ କରନ୍ତି କିମ୍ବା ଆବଶ୍ୟକ କରନ୍ତି ।

ବରିଷ୍ଠ ନାଗରିକ, ଛାତ୍ର ଏବଂ ପର୍ଯ୍ୟଟକଙ୍କ ସମେତ ଯାତ୍ରୀମାନେ ଏବେ ଏକ ସରଳୀକୃତ ଏବଂ ଯୋଗାଯୋଗହୀନ ବୁକିଂ ଅଭିଜ୍ଞତାର ଲାଭ ଉଠାଇପାରିବେ ଯାହା ଗତି, ସ୍ୱଚ୍ଛତା ଏବଂ ସୁଗମତା ପାଇଁ ଆଧୁନିକ ଆଶା ପୂରଣ କରିବ ।

## ରାଜ୍ୟରେ ନାରୀ ନିର୍ଯ୍ୟାତନାର ଅହେତୁକ ବୃଦ୍ଧି ପ୍ରସଙ୍ଗ

# ୨୬ରେ କୋରାପୁଟରେ ଦକ୍ଷିଣ ପଞ୍ଚିମାଞ୍ଚଳ ଡିଆଇଜିଙ୍କ ଅଫିସ ଆଗରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିକଟରେ ଘଟିଯାଇଥିବା ଦୁଇ ଦୁଇଟି ଦୁଷ୍କର୍ମ ଘଟଣା ସହିତ ରାଜ୍ୟରେ ଅହେତୁକ ଭାବେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଥିବା କାରଣରୁ, ବିଜୁ ଜନତା ଦଳ ଆସନ୍ତା ୨୬ ତାରିଖ ଦିନ ସେଠାକାର ଡିଆଇଜି ଅଫିସ ସମ୍ମୁଖରେ ଏକ ବିକ୍ଷୋଭ କରିବ। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଶ୍ରୀ ପ୍ରଦୀପ ମାଝୀ କହିଥିଲେ, ସୁଶାସନ ଓ ବିକଶିତ ଓଡ଼ିଶାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାର, ରାଜ୍ୟରେ ନାରୀ ମାନଙ୍କୁ ସୁରକ୍ଷା ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ।

ସେ କହିଥିଲେ, ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାଲକାନଗିରି ଜିଲ୍ଲାରେ ପୁଣି ଥରେ ଛାତି ଥରେଇ ଦେଲା ଭଳି ଖବର ଆସିଛି। ପନ୍ଦର ବର୍ଷର ଜଣେ ଅନୁସୂଚିତ ଜାତିର ନାବାଳିକାକୁ କିଛି ଘଣ୍ଟାର ବ୍ୟବଧାନରେ ଦୁଇ ଦୁଇ ଥର ଦୁଷ୍କର୍ମର ଶିକାର ହୋଇଛି। ପ୍ରଥମେ ତାକୁ ଉଠାଇ ନେଇ ତିନି ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରୁଛନ୍ତି। ଯେତେବେଳେ, ନାବାଳିକା ସେଇ ଯୌନ ପିଶାଚ ମାନଙ୍କ ଠାରୁ ମୁକ୍ତି ପାଇ ନିଜ ଘରକୁ ଫେରୁଛି, ଅଧା ରାସ୍ତାରେ, ଆଉ ଜଣେ ଟ୍ରକ ଡ୍ରାଇଭର ତାକୁ ଉଠାଇ ନେଇ ଦୁଷ୍କର୍ମ କରିଛି। ଏହି ସରକାରଙ୍କ ସମୟରେ, ଡବଲ ଇଂଜିନ ସରକାରରେ ଡବଲ ଦୁଷ୍କର୍ମ ଭଳି ଏକ ଅଭାବନୀୟ କାଣ୍ଡ ଘଟୁଛି।

ସେହିପରି, ନବରଙ୍ଗପୁର ଜିଲ୍ଲାର ରାୟଘର ବ୍ଲକର ଜଣେ ନର୍ସିଂ ଛାତ୍ରୀ ମୁମୂର୍ଷୁ ଅବସ୍ଥାରେ ଆଜି ଭୋର ସମୟରେ ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଛନ୍ତି। ଛାତ୍ରୀ ଜଣଙ୍କୁ ଜୟପୁର ସହରର ବିଚ ବଜାର ଉପରେ ଜଣେ ଦୁର୍ବୃତ୍ତ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲା। ଏହି ଘଟଣା ଥାନାରେ ଏଫଆଇଆର ଦେବା ପରେ ଥାନା ଅଧିକାରୀଙ୍କ ଦ୍ୱାରା ଅଭିଯୁକ୍ତକୁ ଥାନାକୁ ଅଣାଯାଇ କିଛି ପଚରା ଉଚରା ପରେ ଛାଡି ଦିଆ ଯାଇଥିଲା। ଏହା ପରେ ଦୁର୍ବୃତ୍ତ ଜଣକ ପୀଡିତା ଛାତ୍ରୀଙ୍କ ଗାଁରେ ପହଞ୍ଚି ତା ସହିତ କୁକର୍ମ କରିବା ସହିତ ତାର ଭିଡିଓ ଭାଇରାଲ କରି ତାକୁ ନିର୍ଯ୍ୟାତନା ଦେଇଛି। ଏହା ପରେ, ପୀଡିତାଙ୍କ ଦାଦା ଥାନାରେ ଆଉ ଏକ ଏଫଆଇଆର ଦେଇଛି। ଡବଲ ଇଂଜିନ ସରକାରଙ୍କ ଅମଳରେ ଡବଲ ଏଫଆଇଆର ଦେବାକୁ ପଡୁଛି, କିନ୍ତୁ ନ୍ୟାୟ ମିଳୁନାହିଁ। ପୀଡିତା ଛାତ୍ରୀ ଜଣକ ନ୍ୟାୟ ନପାଇବାରୁ ହତାଶ ହୋଇ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି।

ଏଇଭଳି ଘଟଣାମାନ ଯୋଗୁ, ଆଜି ଓଡ଼ିଶାର ନାଁ ଭୂଲୁଣ୍ଠିତ ହୋଇଛି ମାଟିରେ ମିଶିଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଦୁଇ ଦିନ ତଳେ ଏଫଏମ କଲେଜ ଛାତ୍ରୀ ଆତ୍ମହୁତି ଘଟଣା ଓ ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ ଘଟଣାରେ ପ୍ରତିକ୍ରିୟା ଦେଇ ଏହା ଲଜ୍ୟା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି କହିଛନ୍ତି। ତେଣୁ, ରାଜ୍ୟରେ ନାରୀ ମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ, ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ। ଆସନ୍ତା କାଲି ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତ କରି ଡବଲ ଦୁଷ୍କର୍ମ ଶିକାର ହୋଇଥିବା ପୀଡ଼ିତାଙ୍କୁ ଓ ତାଙ୍କ ପରିବାରକୁ ଭେଟିବ। ଜୁଲାଇ ୨୬ ତାରିଖ ଦିନ ବିଜେଡି ତରଫରୁ କୋରାପୁଟ ଦକ୍ଷିଣ ପଞ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ମାଝୀ କହିଥିଲେ।

# ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନ ଡିଆରଏମଙ୍କ ବେତନଟୀ ଗସ୍ତ



**ବେତନଟୀ, ନ୍ୟୁଜ ବ୍ୟୁରୋ**

ଖଡଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀ ଗୁରୁବାର ଅପରାହ୍ନ ୧ଟାରେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ବେତନଟୀ ରେଳ ଷ୍ଟେସନରେ ପହଞ୍ଚି ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହା ସହିତ ଷ୍ଟେସନ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବେତନଟୀ ରେଳ ଷ୍ଟେସନରେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନିର୍ମାଣାଧୀନ ଅଣ୍ଡରପାସ୍ କାର୍ଯ୍ୟର ଅଗ୍ରଗତି ଏବଂ ଏହାର କାର୍ଯ୍ୟକ୍ଷମ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଅଣ୍ଡରପାସ୍ ବୁଲି ଦେଖିଛନ୍ତି। ଏହାପରେ ଅମୃତଭାରତ ଯୋଜନାରେ ନିର୍ମାଣାଧୀନ ସୁଉଚ୍ଚ ଅଟ୍ଟାଳିକା ପରିଦର୍ଶନ କରି ଏହାର ସ୍ଥିତି ସମୀକ୍ଷା କରିଛନ୍ତି। ଡିଆରଏମ ଷ୍ଟେସନରେ ଥିବା ସିଗ୍ନାଲ କଣ୍ଟ୍ରୋଲ ସିଷ୍ଟମର ମଧ ଯାଞ୍ଚ କରିଛନ୍ତି। ଏହି ଅବସରରେ ବେତନଟୀ ରେଲୱେ ପାସେଞ୍ଜର୍ସ ଫୋରମର ସମ୍ପାଦକ ଅମରେନ୍ଦ୍ର ନାଥ ଦାସ ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଦିନକୁ ଥରେ ପରିବର୍ତ୍ତେ ପୂର୍ବଭଳି ତିନିଥର ଯାତାୟାତ ପାଇଁ ସମ୍ପ୍ରସାରଣ କରିବାକୁ ଦାବିପତ୍ର ଦେଇଛନ୍ତି। ଏହା ସାଙ୍ଗକୁ ଷ୍ଟେସନ ପରିସରରେ ବିଶୁଦ୍ଧ ପାନୀୟଜଳ ଏବଂ ବର୍ଷାଜଳ ନିଷ୍କାସନ ନିମନ୍ତେ ଯୋଜନାବଦ୍ଧ ଡ୍ରେନେଜ୍ ବ୍ୟବସ୍ଥା କହିଛନ୍ତି। ଖଡ଼ଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀଙ୍କ ଗସ୍ତ ସମୟରେ ରେଳ ବିଭାଗର ଅଧିନସ୍ଥ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବେତନଟୀ ରେଳଷ୍ଟେସନ ପରିଦର୍ଶନ ପରେ ଡିଆରଏମ ବାରିପଦା ଏବଂ ବାଙ୍ଗିରିପୋଷି ଗସ୍ତରେ ଯାଇଥିଲେ।

# ଜାତୀୟ ଦିବସକୁ ଛୁଟିଦିନ ବିବେଚନା ନ କରି ଏହାର ପାଳନରେ ସବୁ ବର୍ଗର ଯୋଗଦାନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**କଟକ, ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ପାଳନ କରାଯିବା ନିମନ୍ତେ ଏଥିସହ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ ପୂର୍ବକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ ସମାରୋହକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ସଫଳତାର ସହ ପାଳନ କରିବା ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟର ତଦାରଖ କରାଯିବାକୁ ଜିଲ୍ଲାପାଳ କହିଥିଲେ । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କଟକ ବାରବାଟୀ ଷ୍ଟାଡିୟମ ପଡିଆରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭ୍ୟାସ ପରେଡ ଏବଂ ୧୫ ତାରିଖରେ ସ୍ୱାଧୀନତା ଦିବସ ପରେଡ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି । ସକାଳ ୯ ଘଟିକା ସମୟରେ ମୁଖ୍ୟଅତିଥି ଐତିହାସିକ ବାରବାଟୀ ଷ୍ଟାଡିୟମ ପଡିଆରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବେ ଏବଂ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ। ତେବେ ବିଭିନ୍ନ ସରକାରୀ/ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ସହରର ବିଭିନ୍ନ ପୂଜା ମଣ୍ଡପ ସକାଳ ୮ ଘଟିକା ସମୟରେ ଜାତୀୟ ପତାକା ଉତୋଳନ କରିପାରିବେ । ଏହି ଅବସରରେ ପ୍ରତ୍ୟୁଷ ୪ଟା ୩୦ ମିନିଟ୍ ସମୟରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ୍ ପରିବେଷଣ କରାଯିବ । ଚଳିତ ବର୍ଷ ଓଏସଏପି, ସଶସ୍ତ୍ର ବାହିନୀ, ପୋଲିସ୍ ବ୍ୟାଣ୍ଡ, ହୋମଗାର୍ଡ ଦଳଙ୍କ ଦ୍ୱାରା ରାଷ୍ଟ୍ରୀୟ ସଲାମୀ ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରାଯିବ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍, ଗାଇଡ ଓ ସିଭିଲିଆନ ଦଳ ସମ୍ମିଳିତ ପରେଡରେ ଭାଗ ନେବେ । ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା କନିଷ୍ଠ ଓ ବରିଷ୍ଠ ବିଭାଗରେ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଦେଶାତ୍ମବୋଧକ ସଂଗୀତ ଗାନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ଏବଂ ଜିଲ୍ଲାସ୍ତରୀୟ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏଥିସହ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ କମିଟି ମାଧ୍ୟମରେ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ମଧ ସ୍ଥିର କରାଯାଇଛି। ଆସନ୍ତା ୭ ତାରିଖ ସୁଦ୍ଧା କମିଟି ଏହାର ଚୂଡାନ୍ତ ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି । ସ୍ୱାଧୀନତା ଦିବସକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ପୂର୍ତ୍ତ ବିଭାଗ, କଟକ ମହାନଗର ନିଗମ ଓ ଏହାର ସ୍ୱାସ୍ଥ୍ୟ ଶାଖା, କଟକ ଉନ୍ନୟନ କର୍ତ୍ତୃପକ୍ଷ, ବନ ବିଭାଗ, ଟିପିସିଓଡିଏଲ, ଓ୍ୱାଟକୋ, ଜନସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଆଂଚଳିକ ପରିବହନ ବିଭାଗ ପୋଲିସ କମିଶନରେଟଙ୍କ ନ୍ୟସ୍ତ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସହରର ସମସ୍ତ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସେହିସବୁ ସ୍ଥାନର ସଫେଇ ନିମନ୍ତେ କଟକ ମହାନଗର ନିଗମକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମତେ ସବୁବର୍ଗର ଲୋକେ ଜାତୀୟ ଉତ୍ସବରେ ସାମିଲ ହେବା ନିମେନ୍ତ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସ୍ୱାଧୀନତା ଦିବସ ପାଳନ ଅବସରରେ ଚଳିତ ଥର ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ମଧ ନିଷ୍ପତି ଗ୍ରହଣ କରାଯାଇଛି।

# ସମ୍ମିଳିତ ଉଦ୍ୟମରେ ଶିଶୁ ସୁରକ୍ଷା ଓ ଯତ୍ନକୁ ଗୁରୁତ୍ୱ ଦେଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚନା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଓଡିଶାରେ କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାଗତ ବ୍ୟବସ୍ଥା ବିଷୟରେ ବିଶଦ୍ ଉପସ୍ଥାପନ କରିଥିଲେ। କେନ୍ଦ୍ରସ୍ତରୀୟ ମିଶନ ବାତ୍ସଲ୍ୟ ଅନୁମୋଦନ ପରିଷଦ ଓ ମିଶନ ବାତ୍ସଲ୍ୟ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ ୟୁନିଟ୍, ରାଜ୍ୟ ସ୍ତରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା(ସାରା), ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସ୍ତରୀୟ ତଦାରଖ କମିଟି, ରାଜ୍ୟ, ଜିଲ୍ଲା ଏବଂ ଗ୍ରାମ ଓ ପଂଚାୟତ ସ୍ତରରେ ତ୍ରିସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଆଦି କାର୍ଯ୍ୟ କରୁଛି। ରାଜ୍ୟରେ ୩୦ଟି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି), ୩୪ଟି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ୩୬ଟି ସ୍ୱତନ୍ତ୍ର ଜୁଭେନାଇଲ ପୁଲିସ୍ ୟୁନିଟ୍, ୨୨୦ ଟି ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ) କାର୍ଯ୍ୟ କରୁଛି। ରାଜ୍ୟରେ ୮୧୫୦ ଶିଶୁମାନଙ୍କୁ ସଂସ୍ଥାଗତ ବ୍ୟବସ୍ଥାରେ ଏବଂ ୬୩୧୭ ଶିଶୁଙ୍କୁ ଅଣ ସଂସ୍ଥାଗତ ବ୍ୟବସ୍ଥାରେ ଯତ୍ନ ନିଆଯାଉଛି । ଜନସଚେତନତା, ବ୍ୟବସ୍ଥାରେ ଉନ୍ନତି ଏବଂ ସଂସ୍ଥାଗତ ସୁଦୃଢୀକରଣ ପାଇଁ ବିଗତ ୩ ବର୍ଷ ମଧ୍ୟରେ ଦେଶ ମଧ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି । ପ୍ରତ୍ୟେକ ବର୍ଷ ପୁଅ ଅପେକ୍ଷା ଝିଅ ପୋଷ୍ୟ ସନ୍ତାନ ସଂଖ୍ୟା ବଢୁଛି । ୧୬୦ ଟି ଶିଶୁ ଗୃହ, ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ୧୨ଟି ମୁକ୍ତ ଆଶ୍ରୟ ଗୃହ, ୭ ଟି ପର୍ଯ୍ୟବେକ୍ଷଣ ଗୃହ ଓ ୭ଟି ସ୍ୱତନ୍ତ୍ର ଗୃହ ବ୍ୟବସ୍ଥା ରହିଛି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୮୧୫୦ ଶିଶୁମାନଙ୍କ ମଧ୍ୟରୁ ୯୮ ପ୍ରତିଶତ ଶିଶୁଙ୍କର ଆଧାର ପଞ୍ଜୀକରଣ ହୋଇପାରିଛି , ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ୬୭୨ ପିଲାମାନେ ବୈଷୟିକ ଶିକ୍ଷାରେ ନାମ ଲେଖାଇଛନ୍ତି । ୨୬୪ଟି ବିଭିନ୍ନ ପ୍ରଶିକ୍ଷଣରେ ୮୧୩୦ ଜଣ ତାଲିମ୍ ନେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ୨୧୧ ଜଣ ନିଯୁକ୍ତି ପାଇଥିବା ବେଳେ ୭୯ ଜଣ ଆତ୍ମ ନିଯୁକ୍ତି ପାଇପାରିଛନ୍ତି। ଅନୁଷ୍ଠାନ ଛାଡୁଥିବା ପିଲାମାନଙ୍କୁ ବିବାହକାଳୀନ ସହାୟତା ପ୍ରଦାନ କରାଯାଉଛି। ୪୧ଟି ଶିଶୁ ସହାୟତା ୟନିଟ୍ /ହେଲ୍ପ ଡେସ୍କ ଓ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକରୁଛି । ହିତାଧିକାରୀ ପିଲାମାନମାନଙ୍କୁ ଆଶୀର୍ବାଦ ଯୋଜନା ଅଧିନରେ ଆର୍ଥିକ ସହାୟତା ଦିଆଯାଉଛି। ପାରିବାରଭିତିକ ଯତ୍ନକୁ ସୁଦୃଢ କରିବା ନିମନ୍ତେ ପୋଷ୍ୟ ସନ୍ତାନ ଗ୍ରହଣ ରଣନୀତି ପ୍ରସ୍ତୁତ କରାଯିବା ଉଦ୍ଦେଶ୍ୟରେ ଗତ ମଇ ମାସରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଗୁରୁତ୍ୱ ଦେଇଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ସହିତ, ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ପଂଚାୟତିରାଜ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆଦି ସଂପୃକ୍ତ ବିଭାଗମାନେ ଏ ଦିଗରେ ସମ୍ମିଳିତ ପ୍ରୟାସ ଓ ସହଯୋଗ କରି ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଜିଲ୍ଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ସୁରକ୍ଷା ଭଳି ପ୍ରସଙ୍ଗରେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ଅନୁଷ୍ଠାନ ମାନେ ଅଧିକ ତତ୍ପରତା ଓ ଗୁରୁତ୍ୱ ଦେଇ କାର୍ଯ୍ୟକରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପ୍ରକାଶ କରିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଜିଲ୍ଲା ଗସ୍ତ ସମୟରେ ବିଦ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କୁ ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ , କମିଶନର ତଥା ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍ଆଇ ନିଯୁକ୍ତି ...

୨୦୧୮ ଠାରୁ ନିଯୁକ୍ତି ବନ୍ଦ ଥିବାରୁ ବୟସ କୋହଳ ପିଟିସନ କରିଥିଲେ। ୧୭/୦୧/୨୦୨୫ରେ ବିଭିନ୍ନ ବିଭାଗରୁ ୯୩୩ ପଦବୀ ପାଇଁ ବିଜ୍ଞପ୍ତି ଜାରି କରିଥିଲେ ଓଡିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ । ଏହି ପଦବୀ ମଧ୍ୟରୁ ୬୦୯ ପୋଷ୍ଟ ସବ ଇନିସପେକ୍ଟର , ୨୫୩ ଆର୍ମ ସବ ଇନିସ୍ପେକ୍ଟର ପୋଲିସ, ୪୭ ଫାୟାର ଷ୍ଟେସନ ସବ ଇନିସପେକ୍ଟର ଓ ୨୪ଟି ପୋଷ୍ଟ ଆସିଷ୍ଟାଣ୍ଟ ଜେଲର ସବ ଇନିସପେକ୍ଟର ପଦବୀ ରହିଥିଲା। ହେଲେ ୨୦୧୮ ବିଜ୍ଞପ୍ତି ଅନୁଯାୟୀ ବୟସ ସୀମା ସମାନ ଥିବାରୁ ଅନେକ ଆଶାୟୀ ହାଇକୋର୍ଟରେ ଏହି ବିଜ୍ଞପ୍ତି ସଂକ୍ରାନ୍ତରେ ବୟସ କୋହଳ କରିବା ପାଇଁ ମାମଲା ରୁଜୁ କରିଥିଲେ।

### ୨୮ରେ ମୁଖ୍ୟମନ୍ତ୍ରୀଙ୍କ...

କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜିକରଣ କରିପାରିବେ। ଜନସାଧାରଣ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ନାଗରିକ କୈନ୍ଦ୍ରିକ ...

କରିଥିଲେ । ବିଭାଗର ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ନୂତନ ସଚିବଙ୍କୁ ସ୍ୱାଗତ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସୂଚନା ସେବା ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ପରାମର୍ଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା, ସୂଚନା ସେବା ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ମନେ ପକାଇ ଦେଇଥିଲେ। ସେ କହିଥିଲେ ଯେ, ସୂଚନା ପ୍ରଦାନ କରୁଥିବା ବିଭିନ୍ନ ବିଭାଗ, ସୂଚନାକୁ ସର୍ବସାଧାରଣରେ ପ୍ରକାଶନ ଓ ପ୍ରସାରଣ କରାଉଥିବା ଗଣମାଧ୍ୟମ ଓ ସୂଚନା ପାଉଥିବା ଜନସାଧାରଣ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଅଂଶୀଦାର । ଠିକ୍ ସମୟରେ ଓ ସଠିକ ସମ୍ବାଦ ପ୍ରେରଣ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡିକୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଭିନ୍ନ ବିଭାଗର ମନ୍ତ୍ରୀ, ସଚିବ ଓ ଅନ୍ୟ ଅନୁଷ୍ଠାନରେ ନିୟୋଜିତ ସୂଚନା ଅଧିକାରୀମାନଙ୍କୁ ସେମାନଙ୍କର କାର୍ଯ୍ୟରେ ଅଭିନବତ୍ୱ ଆଣିବା ଲକ୍ଷ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ । ବିଭାଗର ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନଙ୍କୁ ସେ ବିଭାଗୀୟ କାର୍ଯ୍ୟ ସୂଚାରୁରୂପେ ସଂପାଦନ କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାରସ୍ପରିକ ସୁସମ୍ପର୍କ ଓ ସଦଭାବନା ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବା, ବିଭାଗର ସୁନାମ ଓ ସମ୍ମାନ ବଜାୟ ରଖିବାକୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ବିଭାଗୀୟ ଅନ୍ୟ ବିଭିନ୍ନ କାର୍ଯ୍ୟ ସହିତ ସାମ୍ବାଦିକମାନଙ୍କ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବୈଠକରେ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ଅନ୍ୟ ବିଭିନ୍ନ ଶାଖାର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଘଣ୍ଟାକରେ ...

ଆଡଭାନ୍ସଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ ସ୍ଥାପନ କରିଛି। ଏଥିରେ ଦିଲ୍ଲୀ-ମିରଟ ଏକ୍ସପ୍ରେସୱେ, ଟ୍ରାନ୍ସ-ହରିଆଣା, ପୂର୍ବ ପେରିଫେରାଲ ଏକ୍ସପ୍ରେସୱେ ଏବଂ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ଭଳି ରୁଟ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ ଏହି ସିଷ୍ଟମରେ ଇଲେକ୍ଟ୍ରୋନିକ ମନିଟରିଂ ଉପକରଣ ସଜ୍ଜିତ, ଯାହା ଦୁର୍ଘଟଣା କିମ୍ବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ସୂଚନା ପ୍ରଦାନ କରେ । ଏହା ସାହାଯ୍ୟରେ ଘଟଣାସ୍ଥଳକୁ ତୁରନ୍ତ ସାହାଯ୍ୟ ପଠାଯାଇପାରିବ, ଯାହା ଜୀବନ ରକ୍ଷା କରିବାରେ ସାହାଯ୍ୟ କରେ। ଗଡକରୀ କହିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ ୧,୧୨,୫୬୧ କିଲୋମିଟର ଜାତୀୟ ରାଜପଥର ସଡ଼କ ସୁରକ୍ଷା ଅଡିଟ କରାଯାଇଛି। ଭାରତରେ ସଡ଼କ ଦୁର୍ଘଟଣା ଏକ ଗୁରୁତର ସମସ୍ୟା ପାଲଟିଛି । ୨୦୨୨ ମସିହାରେ ଦେଶରେ ୪.୫ ଲକ୍ଷରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୧.୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଦୁର୍ଘଟଣାର କାରଣ ସାଧାରଣତଃ - ଦ୍ରୁତ ଗତି, ବିନା ହେଲମେଟରେ ବାଇକ ଚଲାଇବା ପ୍ରମୁଖ ବୋଲି କୁହାଯାଇଛି । ସରକାର ଏବେ ନିରନ୍ତର ସଡ଼କ ସୁରକ୍ଷା ଉପରେ କାର୍ଯ୍ୟ କରୁଛନ୍ତି, ଯାହା ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ ଏବଂ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ।

### ଜାତୀୟ ଆର୍ଥିକ ...

ଆନାଲିଟିକ୍ସ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ, ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣର ସଦସ୍ୟମାନେ ମଧ ଦାୟିତ୍ୱ ଗ୍ରହଣ କରିଛନ୍ତି । ସଦସ୍ୟମାନେ ହେଉଛନ୍ତି, ସ୍ମିତା ଝିଂଗ୍ରାନ୍, ପି ଡାନିଏଲ ଓ ସୁଶୀଲ କୁମାର ଜୟସ୍ୱାଲ୍। ବୁଧବାର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣର ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

### ଆଉ ସୁରକ୍ଷିତ...

ବିଶ୍ୱରେ ମୋଟ ୧୦୯୯ ଲୋକ ପ୍ରାଣ ହରାଇଛନ୍ତି । କିନ୍ତୁ ଏହାର ପ୍ରାୟ ଅଧା ଚଳିତ ବର୍ଷ ହିଁ ମୃତ୍ୟୁ ବରଣ କରିଛନ୍ତି । ଏହା ମଧ୍ୟରୁ କେବଳ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ୨୬୦ ଲୋକ ପ୍ରାଣ ହରାଇଛନ୍ତି ।

# ଜୟଦେବ ଫାର୍ମାସୀ ମହାବିଦ୍ୟାଳୟର ବସନ୍ତ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶ ଗଠନରେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତାମାନେ କହିଛନ୍ତି। ନହରକଣ୍ଟାସ୍ଥିତ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟର ୪୪ତମ ବସନ୍ତ ଉତ୍ସବ କଲେଜ ପରିସରରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚେୟାରମ୍ୟାନ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧକ୍ଷ ଦୀପକ ମାଲବ୍ୟ, ବରେଣ୍ୟ ଅତିଥି ରାଷ୍ଟ୍ରୀୟ କୋଷାଧକ୍ଷ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ଯୋଗ ଦେଇ କଲେଜ ପରିସରରେ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୟଦେବଙ୍କ ପରି ବିଶ୍ୱବିଦିତ ହେବାକୁ ହେଲେ ଜଣେ ଜଣେ ଉତ୍ତମ ଛାତ୍ର ହେବାକୁ ପଡ଼ିବ ବୋଲି ଉଭୟ କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥୀ ଉତ୍ତମ ଛାତ୍ର ପାଇଁ ଜୀବନ ଶୈଳୀରେ ପରିବର୍ତ୍ତନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ଅଧକ୍ଷା ଡ. ନୀଳିମା ଶୁକ୍ଲା ସ୍ୱାଗତ ଅଭିଭାଷଣ, ବିବରଣୀ ପାଠ କରିଥିବାବେଳେ ମାର୍କଫେଡ୍ ଅଧକ୍ଷା ସୁଶ୍ରୀ କବିତା ମଞ୍ଜରୀ ପରିଡ଼ା, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧାପିକା ବିଶାଖା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ନୃତ୍ୟଶିଳ୍ପୀ ଶୁଭମ ଓଝା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ଭୁବନେଶ୍ୱର
୨୫ ଜୁଲାଇ,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଷ୍ଟ୍ରପତିଙ୍କୁ ଭେଟିଲେ ପଟ୍ଟଚିତ୍ର ଏବଂ ପାଟୁଆ କଳାକାରମାନେ




**ନୂଆଦିଲ୍ଲୀ, ୨୪/୭**

ଗୁରୁବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ କଳାକାରମାନଙ୍କର ଏକ ଗୋଷ୍ଠୀ ସାକ୍ଷାତ କରିଥିଲେ। ୧୪ ଜୁଲାଇରୁ ୨୪ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ସୋହରାଇ, ପଟ୍ଟଚିତ୍ର ଏବଂ ପାଟୁଆ କଳାର ଅଣତିରିଶ ଜଣ କଳାକାର ରାଷ୍ଟ୍ରପତି ଭବନରେ ରହିଥିଲେ। ରାଷ୍ଟ୍ରପତି ଭବନର କଳା ଉତ୍ସବ ୨୦୨୫ - 'ଆବାସିକ କଳାକାର କାର୍ଯ୍ୟକ୍ରମ'ର ଦ୍ୱିତୀୟ ସଂସ୍କରଣରେ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଆବାସିକ କଳାକାର କାର୍ଯ୍ୟକ୍ରମ - କଳା ଉତ୍ସବ - ଭାରତର କଳାତ୍ମକ ପରମ୍ପରାର ଆତ୍ମାର ଏକ ଉତ୍ସବ, ସାଂସ୍କୃତିକ ପରିଚୟ ସଂରକ୍ଷଣ ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବାରେ ଜୀବନ୍ତ କଳା ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଭୂମିକାର ପୁନଃନିର୍ମାଣ। ଏହି କଳା ଉତ୍ସବ ପିଢ଼ି ପରେ ପିଢ଼ି କଳାର ବିଭିନ୍ନ ରୂପକୁ ଜାରି ରଖିଥିବା ଲୋକ, ଜନଜାତି ଏବଂ ପାରମ୍ପରିକ କଳାକାରମାନଙ୍କୁ ଏକ ମଞ୍ଚ ପ୍ରଦାନ କରିଛି। ରାଷ୍ଟ୍ରପତି ସେମାନଙ୍କ ରେସିଡେନ୍ସି କାର୍ଯ୍ୟକ୍ରମ ସମୟରେ ସୃଷ୍ଟି ହୋଇଥିବା କଳାକାରମାନଙ୍କର କଳା ପ୍ରଦର୍ଶନୀ ଦେଖିଥିଲେ। ସେ ଭାରତର ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କଳା ଫର୍ମରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତର କଳା ପ୍ରୟାସରେ ସେମାନଙ୍କର ସଫଳତା କାମନା କରିଥିଲେ।

# ଚିତାଲାଗି ଅମାବାସ୍ୟା: ଶ୍ରୀବିଗ୍ରହଙ୍କୁ ଲାଗି ହେଲା ରତ୍ନଚିତା

**ପୁରୀ,୨୪/୦୭ ନ୍ୟୁଜ ବ୍ୟୁରୋ**

ଗୁରୁବାର ଚିତାଲାଗି ଅମାବାସ୍ୟା । ଏହି ତିଥିରେ ଶ୍ରୀବିଗ୍ରହଙ୍କ ରତ୍ନଚିତା ଲାଗି ବିଧି ସମ୍ପନ୍ନ ହୋଇଛି । ପତିମହାପାତ୍ର ସେବକ ଏହାକୁ ସଂସ୍କାର କରିବା ପରେ ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହି ସ୍ୱତନ୍ତ୍ର ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ଣ ସାଢ଼େ ୨ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଠାକୁରଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା । ସ୍ନାନପୂର୍ଣ୍ଣମୀରେ ଠାକୁରେ ଅଣସରକୁ ବିଜେ ସମୟରେ ଏହି ଚିତାକୁ କଢ଼ାଯାଇଥିଲା । ଗୁରୁବାର ଅସଲ ରତ୍ନଚିତା ଲାଗି ହୋଇଛି। ଭୋଗମଣ୍ଡପ ନୀତି ପରେ ଏହି ବିଶେଷ ନୀତି ସମ୍ପନ୍ନ ହୋଇଛି । ପୁଷ୍ପାଳକ ସେବାୟତ ତିନିବାଡ଼ରେ ମଇଲମ କରିଥିଲେ।



ଶ୍ରୀଦେବୀ ଓ ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ରତ୍ନ ସିଂହାସନରୁ ହାତରେ ବିଜେ କରାଇ ଆଣି ଖଟ ଶେଜରେ ବିଜେ କରିଥିଲେ। ସୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ସ୍ୱର୍ଣ୍ଣ ଓଷ ପ୍ରସ୍ତୁତ କରିଥିଲେ। ବାଡ଼ଗ୍ରାହୀମାନେ ଶୁଦ୍ଧସୁଆର ଦେଇଥିବା ଓଷ ଚିତାରେ ଲାଗି କରାଇଥିଲେ। ପାଟରା ଦେଇଥିବା ପାଟଡୋର ଫିତାରେ ବାନ୍ଧି ଶ୍ରୀଜୀଉଙ୍କ ଶ୍ରୀମସ୍ତକରେ ଚିତା ଲାଗି ହୋଇଛି। ଏଥିରେ ଦୁର୍ମୂଲ୍ୟ ପଥର ସବୁ ସ୍ଥାପନ ପରେ ପୁଣି ଆସନ୍ତା ବର୍ଷ ସ୍ନାନପୂର୍ଣ୍ଣମୀ ପର୍ଯ୍ୟନ୍ତ ଅକ୍ଷତ ରହିବ । ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କ ସ୍ୱର୍ଣ୍ଣ ଚିତା ମଝିରେ ଏକ ବଡ଼ ମର୍କତ ପଥର ରହିଛି । ଏହାର ଚାରି ପାର୍ଶ୍ୱରେ ପାଞ୍ଚୋଟି ବେଢ଼ରେ ଛୋଟ ଛୋଟ ମାଣିକ୍ୟ, ହୀରା, ପାନ୍ନା ଏବଂ ନୀଳ ପଥର ଖଚିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱର୍ଣ୍ଣଚିତା ମଝିରେ ହୀରା ରହିଛି । ଚିତାର ସାତୋଟି ବେଢ଼ରେ ମାଣିକ୍ୟ, ହୀରା, ପାନ୍ନା ଏବଂ ଓପଲ ଖଞ୍ଜା ଯାଇଛି। ଶେଷ ଅର୍ଥାତ ସପ୍ତମ ବେଢ଼ରେ ଶୀର୍ଷରେ ବା ଚିତାର ଶୀର୍ଷରେ ପାନପତ୍ର ଆକୃତିର ଏକ ହୀରା ପଥର ରହିଛି । ଏହାକୁ ବ୍ରହ୍ମଜ୍ୟୋତି ହୀରା କୁହାଯାଏ। ଦେବୀ ସୁଭଦ୍ରାଙ୍କ ଚିତା ମଝିରେ ଏକ ବଡ଼ ମାଣିକ୍ୟ ପଥର ରହିଛି। ଚିତାର ତିନୋଟି ବେଢ଼ରେ ପାନ୍ନା, ମର୍କତ, ହୀରା ଓ ମାଣିକ୍ୟ ରହିଛି। ଏହି ତିନୋଟି ରତ୍ନଖଚିତ ସୁବର୍ଣ୍ଣ ଚିତାଗୁଡିକୁ ମର୍କତ ଚିତା, ହୀରାଚିତା ଏବଂ ପାନ୍ନା ଚିତା କୁହାଯାଇଥାଏ। ଚିତା ଲାଗି ନୀତି ସମ୍ପନ୍ନ ହେଲା ପରେ ମହାସ୍ନାନ ବଢ଼ି ଅନ୍ୟାନ୍ୟ ନୀତି ହୋଇଥିଲା। ଏହି ତୀଥିରେ କେତେକ ନିଯୋଗମାନଙ୍କ ପକ୍ଷରୁ ଆଳତି ଭୋଗ ମଧ ହୋଇଥିଲା। ଏଥିରେ ଛେନା ତାଡ଼ିଆ, ଫାଳ ସୋଲା ପ୍ରଭୃତି ଭୋଗ ହୋଇଥିଲା। ଇତିହାସ ପୃଷ୍ଠାରୁ ଜଣାଯାଏ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁବର୍ଣ୍ଣପୁରରେ ପାତଳୀ କରି ରଖାଯାଇଥିଲା।

# ରମାଦେବୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆରେ ଯୁକ୍ତ ୨ ବିଜ୍ଞାନ ପୁସ୍ତକ ଲୋକାର୍ପଣ

**ଭୁବନେଶ୍ୱର, ୨୪/୭ ନ୍ୟୁଜ ବ୍ୟୁରୋ**

ରମାଦେବୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ-୨ ବିଜ୍ଞାନ ପୁସ୍ତକ ଲୋକାର୍ପଣ ହୋଇଛି। ରମାଦେବୀ ମହିଳା ମହାବିଦ୍ୟାଳୟ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ମାତୃଭାଷାରେ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରିବେ। ମାତୃଭାଷାକୁ ପ୍ରାଥମିକତା ଦିଆଯିବ। ପୂର୍ବରୁ ଇଂରାଜୀ ଭାଷାରେ ଯୁକ୍ତ ୨ ବିଜ୍ଞାନ ପୁସ୍ତକରୁ ଛାତ୍ରଛାତ୍ରୀ ପାଠ ପଢୁଥିଲେ। ଏବେ ଓଡ଼ିଆ ଭାଷାରେ ବହି ପ୍ରକାଶନ ହୋଇଛି, ଯାହା ଗର୍ବର ବିଷୟ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ କିଛି ଛାତ୍ରୀଙ୍କୁ ନୂତନ ଓଡ଼ିଆ ଯୁକ୍ତ-୨ ବିଜ୍ଞାନ ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥିସହ ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କଲେ ରାଜ୍ୟପାଳ କମ୍ଭମପତି

**ଭୁବନେଶ୍ୱର, ୨୪।୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଏବଂ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମପତି ଗୁରୁବାର କିଟ୍, କିସ୍ ଓ କିମ୍ସ ପରିଦର୍ଶନରେ ଆସି କିସ୍‌ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। କିସ୍ ପିଲାଙ୍କ ସହ ବସି ମଧ୍ୟାହ୍ନଭୋଜନ କରିବାରେ କମ୍ଭମପତି ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜ୍ୟପାଳ। ଗୁରୁବାର ପୂର୍ବାହ୍ନରେ ରାଜ୍ୟପାଳ ଡ. କମ୍ଭମପତି ସପତ୍ନୀକ କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିଦର୍ଶନ ସମୟରେ ସେ ବିଭିନ୍ନ ସ୍କୁଲ୍ ବୁଲିବା ସହ ସେଠାରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ରୁରାଲ ମ୍ୟାନେଜମେଣ୍ଟ କ୍ୟାମ୍ପସ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ସ୍କଲ୍‌ପଚର୍ ପାର୍କ ପରିଦର୍ଶନ କରି ବିମୋହିତ ହୋଇଥିଲେ। ଏଠାରେ ପଥରରେ ଆଧ୍ୟାତ୍ମିକ ଓ ଶିକ୍ଷାର ସମନ୍ୱୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ସେହିପରି ସେ କିଟ୍‌ର ଗୋଲାପ ବଗିଚା, ଲ ସ୍କୁଲ୍, ବାୟୋଟେକ୍ନୋଲୋଜି, କିମ୍ସ, କିମ୍ସ ସୁପରସ୍ପେଶିଆଲିଟି ହସ୍‌ପିଟାଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। କିସ୍‌ରେ ପହଞ୍ଚିବା ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ରାଜ୍ୟପାଳ କିସ୍ ପରିଦର୍ଶନ ସମୟରେ କିସ୍ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲେ। ମଧ୍ୟାହ୍ନଭୋଜନ କରିବା ପରେ ସେ ପିଲାମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରି ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏତେ ସଂଖ୍ୟକ ପିଲାଙ୍କ ସହ ଏକାଠି ବସି ମଧ୍ୟାହ୍ନଭୋଜନ କରିବା ତାଙ୍କୁ ବେଶ୍ ଆମୋଦିତ କରିଥିଲା। ସମସ୍ତ କ୍ୟାମ୍ପସ ପରିଦର୍ଶନ ପରେ ଓଡ଼ିଶାରେ କିଟ୍ ଓ କିସ୍ ଭଳି ଅନୁଷ୍ଠାନ ଅଛି ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।



ଇଂଜିନିୟରିଂ ପୃଷ୍ଠଭୂମି ଥିବା ଜଣେ ଶିକ୍ଷାବିତ୍ ଭାବେ ସେ କିଟ୍ ଓ କିସ୍‌ର ଶୈକ୍ଷିକ ପରିବେଶ ଦେଖି ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୦୬ ମୁମ୍ବାଇ ଟ୍ରେନ୍ ବ୍ଲାଷ୍ଟ: ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୨୪/୦୭**

୨୦୦୬ରେ ମୁମ୍ବାଇରେ ହୋଇଥିବା ସିରିଏଲ ବୋମା ବିସ୍ଫୋରଣ ମାମଲାରେ ହାଇକୋର୍ଟ ୧୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ୧୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ନାଗପୁର କେନ୍ଦ୍ରୀୟ କାରାଗାରରୁ ମୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟ ଏବେ ହାଇକୋର୍ଟର ଏହି ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ଏଥି ସହିତ ୧ ମାସ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ ତାଙ୍କ ରାୟରେ ୧୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମହାରାଷ୍ଟ୍ର ସରକାର ଏହି ରାୟ ଉପରେ ଆପତ୍ତି ଉଠାଇଥିଲେ। ଏଥି ସହିତ ମାମଲା ସୁପ୍ରିମକୋର୍ଟକୁ ଯିବା ବିଷୟରେ ମଧ୍ୟ କଥା ହୋଇଥିଲା। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତୁରନ୍ତ ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଗୁରୁବାର ଏହି ମାମଲାର ଶୁଣାଣି ହୋଇଥିଲା। ସମ୍ପୂର୍ଣ୍ଣ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଉଦାହରଣ ଭାବରେ ବିବେଚନା କରାଯିବ ନାହିଁ। ୨୦୦୬ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ସମସ୍ତ ୧୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ଏହା ବ୍ୟତୀତ ସମସ୍ତ ୧୨ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇଛି ଏବଂ ଚାରି ସପ୍ତାହ ମଧ୍ୟରେ ଜବାବ ତଲବ କରିବାକୁ କୁହାଯାଇଛି। ମହାରାଷ୍ଟ୍ର ସରକାରଙ୍କ ଆବେଦନ ଉପରେ ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଏବଂ ବିଚାରପତି ଏନ୍.କେ. ସିଂହଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ 'ମୁଁ ଫାଇଲ୍ ପଢ଼ିଛି। କିଛି ଅଭିଯୁକ୍ତ ପାକିସ୍ତାନୀ ନାଗରିକ ମଧ ଅଛନ୍ତି।' ମହାରାଷ୍ଟ୍ର ପକ୍ଷରୁ ସଲିସିଟର ଜେନେରାଲ ମେହେଟା କହିଛନ୍ତି ଯେ ରାଜ୍ୟ ଦୋଷମୁକ୍ତ ହୋଇଥିବା ଲୋକଙ୍କୁ ପୁଣି ଜେଲ ପଠାଇବାକୁ ଚାହୁଁନାହିଁ, କିନ୍ତୁ କିଛି ଆଇନଗତ ଫଳାଫଳ ଏମସିଓସିଏ ମାମଲାକୁ ପ୍ରଭାବିତ କରିପାରେ ବୋଲି ଚିନ୍ତା ପ୍ରକାଶ କରିଛନ୍ତି। ସଲିସିଟର ଜେନେରାଲ କହିଛନ୍ତି ଯେ କିଛି ଅଭିଯୁକ୍ତ ପାକିସ୍ତାନୀ ନାଗରିକ ମଧ ଅଛନ୍ତି। ଜଷ୍ଟିସ ଏମଏମ ସୁନ୍ଦରେଶ ଏସଜିଙ୍କ ଉପସ୍ଥାପନ ରେକର୍ଡ କରିଛନ୍ତି। ସେ କହିଛନ୍ତି ଯେ ଏହା ମାମଲାର ଗମ୍ଭୀରତା ଏବଂ ଏହାର ସୀମାପାର ଦିଗକୁ ପ୍ରତିଫଳିତ କରୁଛି। ଏହାର ଅର୍ଥ ହେଉଛି ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଯେଉଁମାନେ ଜେଲ୍‌ରୁ ବାହାରି ଆସିଛନ୍ତି ସେମାନଙ୍କୁ ପୁଣି ଜେଲ ପଠାଯିବ ନାହିଁ। ଗତ ୨୧ ଜୁଲାଇରେ ବମ୍ବେ ହାଇକୋର୍ଟ ୨୦୦୬ରେ ମୁମ୍ବାଇରେ ହୋଇଥିବା ସିରିଏଲ ଟ୍ରେନ୍ ବିସ୍ଫୋରଣ ମାମଲାରେ ସମସ୍ତ ୧୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ରାୟ ଦେବା ସମୟରେ କୋର୍ଟ କହିଥିଲେ ଯେ ସରକାରୀ ଓକିଲ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ପ୍ରମାଣିତ କରିବାରେ ବିଫଳ ହୋଇଛନ୍ତି। ଏହା ବିଶ୍ୱାସ କରିବା କଷ୍ଟକର ଯେ ଅଭିଯୁକ୍ତମାନେ ଅପରାଧ କରିଛନ୍ତି କି ନାହିଁ, ତେଣୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

# ଜୁଲାଇ ୩୦ରେ ଉତ୍କ୍ଷେପଣ ହେବ ନାସା ଓ ଇସ୍ରୋର ପ୍ରଥମ ମିଳିତ ଉପଗ୍ରହ 'ନିସାର'

**ନୂଆଦିଲ୍ଲୀ, ୨୪/୭**

ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା) ଏବଂ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ) ମିଳିତ ଭାବେ ସିନ୍ଥେଟିକ୍ ଆପର୍ଚର ରାଡାର 'ନିସାର'ର ଉତ୍କ୍ଷେପଣ କରିବାକୁ ଯାଉଛନ୍ତି। ଭାରତ ଏବଂ ଆମେରିକୀୟ ମହାକାଶ ଏଜେନ୍ସି ଗୁଡ଼ିକର ପ୍ରଥମ ମିଳିତ ଉପଗ୍ରହ ହେଉଛି ନିସାର, ଯାହାକି ୩୦ ଜୁଲାଇ ସନ୍ଧ୍ୟା ୫.୪୦ ସମୟରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏକ ଜିଓସିଙ୍କ୍ରୋନାସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ (ଜିଏସ୍‌ଏଲ୍‌ଭି) ଦ୍ୱାରା ଉତ୍କ୍ଷେପଣ କରାଯିବ। ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ୍ 'ନିସାର' ଉପଗ୍ରହକୁ ୯୮.୪୦ ଡିଗ୍ରୀ ବକ୍ରତା ସହିତ ୭୪୩ କିଲୋମିଟର ସୂର୍ଯ୍ୟ-ସଙ୍କ୍ରୋନାସ୍ କକ୍ଷପଥରେ ସ୍ଥାପନ କରିବ। ଇସ୍ରୋ ଅନୁଯାୟୀ, ୨୩୯୨ କିଲୋଗ୍ରାମ ଓଜନର ନିସାର୍ ଉପଗ୍ରହ ଏକ ସ୍ୱତନ୍ତ୍ର ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଏବଂ ଡୁଆଲ୍ ଫ୍ରିକ୍ୱେନ୍ସି ସିନ୍ଥେଟିକ୍ ଆପର୍ଚର ରାଡାର ସହିତ ପୃଥିବୀ ପର୍ଯ୍ୟବେକ୍ଷଣ କରିବାରେ ପ୍ରଥମ। ନାସାର ଏଲ୍-ବ୍ୟାଣ୍ଡ ଏବଂ ଇସ୍ରୋର ଏସ୍-ବ୍ୟାଣ୍ଡ ସହିତ ପୃଥିବୀର ପର୍ଯ୍ୟବେକ୍ଷଣ କରିବାର ପ୍ରଥମ ଉପଗ୍ରହ। ନିସାର ପ୍ରଥମ ଥର ପାଇଁ ସ୍ୱିପ୍‌ସାର୍ ଟେକ୍ନୋଲୋଜି ବ୍ୟବହାର କରି ୨୪୨ କିଲୋମିଟରର କ୍ଷେତ୍ର ଦୃଶ୍ୟ ଏବଂ ଉଚ୍ଚ ସ୍ଥାନିକ ରିଜୋଲ୍ୟୁସନ ସହିତ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। 'ଏହି ଉପଗ୍ରହ ସମଗ୍ର ବିଶ୍ୱକୁ ସ୍କାନ କରିବ ଏବଂ ୧୨ ଦିନ ବ୍ୟବଧାନରେ ସମସ୍ତ ପାଣିପାଗ, ଦିନ ଏବଂ ରାତିର ତଥ୍ୟ ପ୍ରଦାନ କରିବ, ଯାହା ବିଭିନ୍ନ ପ୍ରକାରର ପ୍ରୟୋଗକୁ ସକ୍ଷମ କରିବ। ନିସାର୍ ପୃଥିବୀ ପୃଷ୍ଠରେ ଛୋଟ ପରିବର୍ତ୍ତନ ଗୁଡ଼ିକୁ ମଧ ଚିହ୍ନଟ କରିପାରିବ, ଯେପରିକି ଭୂମି ବିକୃତି, ବରଫ ଚାଦରର ଗତି ଏବଂ ଉଦ୍ଭିଦ ଗତିଶୀଳତା। ଅନ୍ୟାନ୍ୟ ପ୍ରୟୋଗରେ ସମୁଦ୍ର ବରଫ ବର୍ଗୀକରଣ, ଜାହାଜ ଟ୍ରାକିଂ, ଉପକୂଳବର୍ତ୍ତୀ ନିରୀକ୍ଷଣ, ମାଟିର ଆର୍ଦ୍ରତା ପରିବର୍ତ୍ତନ, ଭୂପୃଷ୍ଠ ଜଳ ସମ୍ପଦର ମ୍ୟାପିଂ ଏବଂ ନିରୀକ୍ଷଣ ଓ ବିପର୍ଯ୍ୟୟ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ବୋଲି ଇସ୍ରୋ କହିଛି। ଏହା ଆହୁରି ମଧ କହିଛି ଯେ ନିସାର ପ୍ରକ୍ଷେପଣ ହେଉଛି ଏକ ଦଶନ୍ଧିରୁ ଅଧିକ ସମୟ ଧରି ଇସ୍ରୋ ଏବଂ ନାସାର ବୈଷୟିକ ଦଳ ମଧ୍ୟରେ ଦୃଢ଼ ବୈଷୟିକ ସହଯୋଗର ଫଳାଫଳ।



# ଶାଳିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ

**ସମ୍ବଲପୁର,୨୪/୦୭ ନ୍ୟୁଜ ବ୍ୟୁରୋ**

ଶାଳିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ଗୁରୁବାର ସକାଳ ୯ଟା ୨୨ରେ ସମ୍ବଲପୁର ଜଙ୍କସନ ଏବଂ ସିଟି ଷ୍ଟେସନ ମଧ୍ୟରେ ଧାରଣାରୁ ଖସିଯାଇଛି ଟ୍ରେନ୍। ଜେନେରାଲ କୋଚର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିବା ନେଇ ସୂଚନା ଦେଇଛି ପୂର୍ବତଟ ରେଲୱେ। ଶାଳିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ଆହତ ହୋଇନଥିବା ସୂଚନା ରହିଛି । ତେବେ ଦୁର୍ଘଟଣା ଯୋଗୁ ସମାନ ଲାଇନରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ପୂର୍ବତଟ ରେଲୱେର ଅଧିକାରୀ ଏବଂ ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହା ଏବେ ଅସ୍ପଷ୍ଟ ରହିଛି। ଏନେଇ ରେଳ ବିଭାଗ ତଦନ୍ତ ଚଳାଇଛି।

# ୧୦ ଜିଲ୍ଲାରେ ହେବ ପ୍ରାକୃତିକ ଚାଷ : ୬୦ହଜାର ୩୭୫ ଚାଷୀଙ୍କୁ ଦିଆଯିବ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୪/୦୭ ନ୍ୟୁଜ ବ୍ୟୁରୋ**

ଖୁବ୍ ଶୀଘ୍ର ଓଡ଼ିଶାରେ ବିଧିବଦ୍ଧ ଭାବରେ ଆରମ୍ଭ ହେବ ପ୍ରାକୃତିକ ଚାଷ। ନ୍ୟାସନାଲ ମିଶନ୍ ଅନ୍ ନ୍ୟାଚୁରାଲ୍ ଫାର୍ମିଂ (ଏନଏମଏନଏଫ୍) ଯୋଜନାରେ ରାଜ୍ୟର ମୋଟ ୨୪ ହଜାର ୧୫୦ ହେକ୍ଟର ଜମିରେ କରାଯିବ ପ୍ରାକୃତିକ ଚାଷ । ୧୦ ଜିଲ୍ଲାର ୬୦ ହଜାର ୩୭୫ ଚାଷୀଙ୍କୁ ପ୍ରାକୃତିକ ଚାଷ ଲାଗି ପ୍ରଶିକ୍ଷଣ ଦିଆଯିବା ସହ ବାର୍ଷିକ ୪ ହଜାର ଟଙ୍କା ପ୍ରୋତ୍ସାହନ ମଧ ମିଳିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୭ କୋଟି ଟଙ୍କା ଦିଆଯାଇଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନଙ୍କୁ ବ୍ୟାଙ୍କ ଖାତା ଖୋଲିବାକୁ କୁହାଯାଇଛି । ଖୁବଶୀଘ୍ର ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଲାଗି ବ୍ୟାଙ୍କ ଖାତାକୁ ଟଙ୍କା ପଠାଯିବ ।

ସୂଚାନ ଅନୁଯାୟୀ, ୨୦୨୪-୨୫ ରବି ଋତୁରେ ରାଜ୍ୟରେ ଏନ୍‌ଏମ୍‌ଏନ୍‌ଏଫ୍ ଲାଗି ପ୍ରସ୍ତାବ ଆସିଥିଲା । ଦୁଇ ବର୍ଷର ଏହି ପ୍ରକଳ୍ପ ବାବଦକୁ ମୋଟ ୪୧ କୋଟି ଅନୁମୋଦିତ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟର ୬୦-୪୦ ପ୍ରତିଶତ ଭାଗିଦାରୀ ରହିଛି । ରବି ଗଲା ପରେ ଚଳିତ ଖରିଫ୍ ୨୦୨୫ରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଉଛି । ଏଥିପାଇଁ କେନ୍ଦ୍ରରୁ ୧୧ କୋଟି ଟଙ୍କା ମଞ୍ଜୁର ହୋଇ ଚିଠି ଆସିଛି । ଏପଟେ ରାଜ୍ୟ ସରକାର ୭ କୋଟି ଟଙ୍କା ଦେଇଛନ୍ତି । ପର୍ଯ୍ୟାୟକ୍ରମେ ମୋଟ ୧୯ କୋଟି ଖର୍ଚ୍ଚ କରାଯିବ । ଅନୁଗୁଳ, ବଲାଙ୍ଗିର, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, ସୋନପୁର, ବରଗଡ଼, କଳାହାଣ୍ଡି, ନବରଙ୍ଗପୁର, ସୁନ୍ଦରଗଡ଼ ଏହି ୧୦ ଜିଲ୍ଲାରେ ପ୍ରାକୃତିକ ଚାଷ କରାଯିବାକୁ ସ୍ଥିର ହୋଇଛି । ପ୍ରତି ୫୦ ହେକ୍ଟରରେ ଗୋଟିଏ କୃଷକ ସମୂହ (କ୍ଲଷ୍ଟର) ଗଠନ ହେବ । ପ୍ରତିଟି କ୍ଲଷ୍ଟରରେ ପ୍ରାକୃତିକ ଖତ ଯୋଗାଇଦେବା ପାଇଁ ବାୟୋ ରିସୋର୍ସ ସେଣ୍ଟର କରାଯିବ । ଏ ଦିଗରେ ସିଆରପିମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନଙ୍କୁ ପ୍ରକଳ୍ପ ରାଶି ପହଞ୍ଚିବା ପରେ କାର୍ଯ୍ୟ ଆଗେଇବ। ଉଲ୍ଲେଖଯୋଗ୍ୟ, ପ୍ରାକୃତିକ ଚାଷ ଜୈବ ଚାଷଠାରୁ ଭିନ୍ନ ଅଟେ । ପ୍ରାକୃତିକ ଚାଷରେ କୌଣସି ଜୈବିକ ଖତ କିମ୍ବା ରାସାୟନିକ ସାର ନୁହେଁ ବରଂ ପ୍ରକୃତିଦତ୍ତ ଜିନିଷରୁ ହିଁ ଖତ ସୃଷ୍ଟି କରି ବ୍ୟବହାର କରାଯାଏ । ଏ ଦିଗରେ ଏନଏମଏନଏଫ୍ ଯୋଜନାରେ ଚାଷୀଙ୍କୁ ସଚେତନ କରିବା ସହ ଦକ୍ଷତା ବୃଦ୍ଧି ଲାଗି ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିସହ ପ୍ରାକୃତିକ ଚାଷର ଉତ୍ପାଦଗୁଡ଼ିକର ବିକ୍ରିବଟା ଲାଗି ବଜାର ବ୍ୟବସ୍ଥା ଓ ପ୍ରାକୃତିକ ଚାଷୀଙ୍କ ରୋଜଗାର ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ। ରାସାୟନିକ ସାର ଆଦି ବ୍ୟବହାର ଦ୍ୱାରା ଚାଷୀଙ୍କ ଉତ୍ପାଦନ ବଢିଥାଏ ସତ କିନ୍ତୁ ଏହାକୁ କିଣିବା ପାଇଁ ଚାଷୀଙ୍କ ଇନପୁଟ୍ ଖର୍ଚ୍ଚ ମଧ ବଢିଯାଏ। ତେବେ ପ୍ରାକୃତିକ ଚାଷରେ ଚାଷୀଙ୍କ ଇନପୁଟ୍ ଖର୍ଚ୍ଚ କମିବ ଆଉ କମ୍ ଉତ୍ପାଦନ ହେଲେ ବି ପ୍ରାକୃତିକ ଖାଦ୍ୟ ମିଳିପାରିବ। ଏହାବ୍ୟତୀତ ପ୍ରାକୃତିକ ଚାଷକୁ ପ୍ରମାଣୀକରଣ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ଦୁଇ ବର୍ଷ ପର୍ଯ୍ୟନ୍ତ ସହଭାଗୀ କୃଷି ପଦ୍ଧତି ମାଧ୍ୟମରେ ପ୍ରମାଣନ (ସାର୍ଟିଫିକେସନ୍) ପ୍ରକ୍ରିୟା ମଧ କରାଯିବ । ଯାହାକୁ ପ୍ରାକୃତିକ ଚାଷ ପ୍ରମାଣନ ବ୍ୟବସ୍ଥା ଭାବରେ ଅଭିହିତ କରାଯାଇଛି । ଏହି ପ୍ରମାଣନ ପ୍ରକ୍ରିୟା ପାଇଁ ହେକ୍ଟର ପିଛା ୭୦୦ ଟଙ୍କା ରଖାଯାଇଛି । ଯାହା ଫଳରେ ଚାଷୀମାନେ ଦେଶ ଭିତରେ ନିଜର ପ୍ରାକୃତିକ ଚାଷ ଉତ୍ପାଦକୁ ଖାଉଟିଙ୍କ ପାଖରେ ସହଜରେ ଓ ଅଧିକ ଭାବରେ ପହଞ୍ଚାଇ ପାରିବେ । ରାସାୟନିକ ସାରଯୁକ୍ତ ଖାଦ୍ୟ ଖାଇ ଦିନକୁ ଦିନ ନୂଆ ନୂଆ ରୋଗରେ ପୀଡିତ ହେଉଛନ୍ତି ଲୋକେ। ଅନ୍ୟପଟେ ଏହାର କୁପ୍ରଭାବ ଦ୍ୱାରା ମାଟି ମଧ ବିଷାକ୍ତ ହୋଇଗଲାଣି । ଏଣୁ ମାଟିର ଉର୍ବରତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନକୁ ରୋକିବା ଏବଂ ସୁସ୍ଥ ଶରୀର ପାଇଁ ପ୍ରାକୃତିକ ତଥା ରସାୟନମୁକ୍ତ ଖାଦ୍ୟ ଯୋଗାଇବାକୁ ଭାରତ ସରକାର ଏଭଳି ଅଭିଯାନ ଆରମ୍ଭ କରିଛନ୍ତି ।





## ବନ୍ୟଜନ୍ତୁ ଏବଂ ଧନଜୀବନ ସୁରକ୍ଷା ପାଇଁ ବିଦ୍ୟୁତ୍ ସତର୍କତା

DSPL-183



ଜଙ୍ଗଲ ଭିତରେ ଅନଧିକୃତ ଭାବେ
ବିଦ୍ୟୁତ୍ ତାର ବିଛାଇ
ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।



ଫସଲ ସୁରକ୍ଷା ପାଇଁ ବାଡ଼ି ବଗିଚାର
ଚତୁର୍ପାର୍ଶ୍ୱରେ ଥିବା ତାର ବାଡ଼ରେ
ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।



ଘରର ବିଦ୍ୟୁତ୍ ସଂଯୋଗ
ଅନଧିକୃତ ଭାବେ ଅନ୍ୟ ସ୍ଥାନକୁ
ବିସ୍ତାର କରନ୍ତୁ ନାହିଁ

OIPR-04025/13/0013/2526

ଏହି ସବୁ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ମନୁଷ୍ୟ, ବନ୍ୟଜନ୍ତୁ ମାନଙ୍କ ଜୀବନହାନିର କାରଣ ହୋଇପାରେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଯଦି ଏହି ବେଆଇନ କାମ କାହାର ନଜରରେ ଆସୁଛି, ତେବେ ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଓ ଜଙ୍ଗଲ ବିଭାଗକୁ ତୁରନ୍ତ ଜଣାନ୍ତୁ।

**ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।**

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ